R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୭
ତିଥି: ପଞ୍ଚମୀ
୨୩ ମାର୍ଚ୍ଚ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 167
23 March 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

* ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଉଚ୍ଚସ୍ତରୀୟ ବୈଠକ

# ତୈଳ, ଗ୍ୟାସର ଅଭାବ ହେବନି

## ଦେଶବାସୀଙ୍କୁ ଆଶ୍ୱାସନା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୨।୩: ପଶ୍ଚିମ ଏସିଆ ବିବାଦ ମଧ୍ୟରେ ଅଶୋଧିତ ତୈଳ ଦର ୧୧୯ ଡଲାରରେ ପହଞ୍ଚିଥିବାବେଳେ ବିଶ୍ୱ ତୈଳ ବଜାର ଅସ୍ଥିର ରହିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ସମେତ ଅନେକ ପ୍ରମୁଖ କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ଥିଲେ ।ଏହି ବୈଠକରେ ଅନ୍ତର୍ଜାତୀୟ ବଜାରରେ ସମ୍ଭାବ୍ୟ ଅସ୍ଥିରତା ବିରୁଦ୍ଧରେ ଭାରତର ଶକ୍ତି ସୁରକ୍ଷାକୁ ସୁରକ୍ଷା ଦେବା ଉପରେ ଧ୍ୟାନ ଦିଆଯାଇଥିଲା ।ସମୀକ୍ଷାରେ ପେଟ୍ରୋଲିୟମ୍, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ବିଦ୍ୟୁ୍ୟ ଏବଂ ସାର କ୍ଷେତ୍ରକୁ ସମ୍ବୋଧିତ କରାଯାଇଥିଲା ଯାହା ଦ୍ୱାରା ଅତ୍ୟାବଶ୍ୟକ ସେବାରେ ବାଧା ସୃଷ୍ଟି ହୋଇପାରିବ । ସରକାର ବିଶ୍ୱ ବିକାଶ ଉପରେ କଡ଼ା ନଜର ରଖିବା ଏବଂ ଘରୋଇ ଯୋଗାଣ ଏବଂ ମୂଲ୍ୟ ସ୍ଥିର ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଅଧିକାରୀମାନଙ୍କୁ ପର୍ଯ୍ୟାପ୍ତ ଇନ୍ଧନ ସଂରକ୍ଷଣ ବଜାୟ ରଖିବା ଏବଂ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ପରେ, ହର୍ମୁଜ୍ ପ୍ରଣାଳୀ ନିକଟରେ ବାଧା ସୃଷ୍ଟି ହେବା ସହିତ, ଭାରତ ଏଲପିଜି ଯୋଗାଣ ସମ୍ପର୍କରେ ଚିନ୍ତାର ସମ୍ମୁଖୀନ ହୋଇଛି । ସରକାର ପୂର୍ବରୁ ଏକ ରଣନୈତିକ ଯୋଜନା ସକ୍ରିୟ କରିଥିଲେ, ଯେଉଁଥିରେ ରିଫାଇନର୍ସଙ୍କୁ ଏଲପିଜି ଉତ୍ପାଦନକୁ ସର୍ବାଧିକ କରିବା ପାଇଁ ନିର୍ଦ୍ଦେଶ ଦେବା ଏବଂ ସ୍ଥିର ଯୋଗାଣ ସୁନିଶ୍ଚିତ କରିବା ପାଇଁ କୂଟନୈତିକ ପ୍ରୟାସ ଆରମ୍ଭ କରିବା ଅନ୍ତର୍ଭୁକ୍ତ ଥିଲା ।ଏଲପିଜି ବର୍ଣ୍ଟନ ଉପରେ ନଜର ରଖିବା ଏବଂ ସିଲିଣ୍ଡରର କଳାବଜାରୀ ରୋକିବା ପାଇଁ ଏକ କମିଟି ଗଠନ କରାଯାଇଥିଲା । ସରକାର ନାଗରିକମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ଭାରତରେ ପର୍ଯ୍ୟାପ୍ତ ଇନ୍ଧନ ଷ୍ଟକ୍ ଅଛି ଏବଂ ସଙ୍କଟ ସମୟରେ ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ( ୯ ପୃଷ୍ଠାରେ)

## ସୁଦାନ ହସ୍ପିଟାଲ ଉପରେ ହମ୍ଲା ; ୬୪ ମୃତ

କାଏରୋ,୨୨।୩: ସୁଦାନର ପଶ୍ଚିମ ଦାର୍ଫୁର ଅଞ୍ଚଳରେ ଗତ ସପ୍ତାହରେ ଏକ ହସ୍ପିଟାଲ ଉପରେ ହୋଇଥିବା ଆକ୍ରମଣରେ ୬୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୩ ଶିଶୁ ଅଛନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି । ଶୁକ୍ରବାର ଦିନ ପୂର୍ବ ଡାର୍ଫୁରରେ ଥିବା ଅଲ୍ ଡାଏନ୍ ଟିଚିଂ ହସ୍ପିଟାଲ ଉପରେ ଜୋରଦାର୍ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ଅତି କମ୍ରେ ୮୯ ଜଣ ଆହତ ହୋଇଥିଲେ ଏବଂ ହସ୍ପିଟାଲଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇ କାର୍ଯ୍ୟ କରୁ ନଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଟେଡ୍ରୋସ୍ ଘେବ୍ରେୟସସ୍ 'ଏକ୍ସ' ରେ କହିଛନ୍ତି । ସୂଚନାଯୋଗ୍ୟ, ଏପ୍ରିଲ ୨୦୨୩ ପରଠାରୁ ସୁଦାନରେ ସେନା ଓ ଅର୍ଦ୍ଧ ସାମରିକ ବାହିନୀ ମଧ୍ୟରେ ସଂଘର୍ଷ ଘଟି ଦେଶରେ ବ୍ୟାପକ ଅରାଜକତା ଓ ଯୁଦ୍ଧ ଲାଗିରହିଛି । ଆର୍‌ଏସ୍‌ଏଫ୍ ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ସେନାକୁ ଦାୟୀ କରିଛି । ତେବେ ସେନା ପକ୍ଷରୁ ଆକ୍ରମଣକୁ ଖଣ୍ଡନ କରାଯାଇଛି । କିନ୍ତୁ ଦୁଇଜଣ ସେନା ଅଧିକାରୀ ସେମାନଙ୍କ ନାଁ ଗୋପନ ରଖି ସେନାପକ୍ଷରୁ ଏହି ଆକ୍ରମଣ ହୋଇଥିବା ସ୍ୱୀକାର କରିଛନ୍ତି । ସେନା ପକ୍ଷରୁ ହସ୍ପିଟାଲ ନିକଟରେ ଥିବା ଏକ ପୁଲିସ ଷ୍ଟେସନକୁ ଟାର୍ଗେଟ କରାଯାଇଥିଲା । ଗତ ତିନି ବର୍ଷ ହେଲା ସେନା ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ଯୁଦ୍ଧରେ ୪୦,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି । କିନ୍ତୁ ସୁଦାନରେ ସହାୟତା କାର୍ଯ୍ୟରେ ଲିପ୍ତ ଗୋଷ୍ଠୀଙ୍କ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ଏହାର ବହୁଗୁଣ ହୋଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସୂଚନା ଅନୁଯାୟୀ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହସ୍ପିଟାଲ ଉପରେ ଆକ୍ରମଣରେ ୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି ।



## ହର୍ମୁଜ ଉପରେ 'ଏଫ୍-୧୫' ଜେଟ୍ ଖସାଇଲା ଇରାନ

ତେହେରାନ,୨୨।୩: ଇରାନ ସେନା ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର କରି ରବିବାର ଦେଶର ଦକ୍ଷିଣ ଉପକୂଳ ଏବଂ ହର୍ମୁଜ୍ ଦ୍ୱୀପ ନିକଟରେ ଶତ୍ରୁପକ୍ଷର ଏଫ୍-୧୫ ଲଢୁଆ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି । ଯଦି ଇରାନର ଦାବି ସତ୍ୟ ହୁଏ , ତେବେ ଆମେରିକା ବିରୋଧରେ ଚାଲିଥିବା ସଂଘର୍ଷରେ ଇରାନ ଦ୍ୱାରା ଅତି କମରେ ଅଧ ଡଜନ ଆମେରିକୀୟ ଜେଟ୍ ଖସାଇ ଦିଆଗଲାଣି ।ଅତ୍ୟାଧୁନିକ ଏଫ୍-୧୫ ଲଢୁଆ ବିମାନକୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପିତ ହୋଇପାରୁଥିବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ନଷ୍ଟ କରାଯାଇଥିବା ଇରାନର 'ଫାର୍ସ ନ୍ୟୁଜ' ପକ୍ଷରୁ କୁହାଯାଇଛି । ଇରାନ ଗଣମାଧ୍ୟମ ମଧ୍ୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ କିପରି ସଫଳ ଭାବେ ଏଫ୍-୧୫ ଯୁଦ୍ଧ ବିମାନକୁ ନଷ୍ଟ କରିପାରିଛି ତା'ର ଭିଡିଓ ମଧ୍ୟ ଜାରି କରିଛି । ତେବେ ଉତ୍ପାଦକ ଦେଶ ଆମେରିକା କିମ୍ବା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଏ ସମ୍ପର୍କରେ କିଛି କହିନାହାନ୍ତି । ସାଉଦି ଆରବ, ଇସ୍ରାଏଲ ଓ କତର ମଧ୍ୟ ବାୟୁ ପ୍ରତିରକ୍ଷା ପାଇଁ ଏଫ୍-୧୫ ବିମାନ ରଖିଛନ୍ତି ।ଇରାନ ପଞ୍ଚମ ପିଢ଼ିର ଆମେରିକାର ଏଫ୍-୩୫ ଲାଇଟନିଂ ୨ ବିମାନକୁ ଆକ୍ରମଣ କରିବାରେ ପ୍ରଥମ ରାଷ୍ଟ୍ର ହେବାର ଦାବି କରିବାର କିଛି ଦିନ ପରେ ଏହି ସଦ୍ୟତମ ଆକ୍ରମଣ ହୋଇଛି । ଗୋଟିଏ ଏଫ୍-୩୫ ବିମାନ ଜରୁରୀକାଳୀନ ( ୯ ପୃଷ୍ଠାରେ )

## ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୬ ମୃତ

ଦୋହା,୨୨।୩: କତରର ଆଞ୍ଚଳିକ ଜଳସୀମାରେ ଏକ ସାମରିକ ହେଲିକପ୍ଟର ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ରବିବାର ଦିନ ଦେଶର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଏହା ପୂର୍ବରୁ କହିଥିଲା ଯେ 'ରୁଟିନ୍ ଡ୍ୟୁଟି' ସମୟରେ ଯାନ୍ତ୍ରିକ ତ୍ରୁଟି ହେତୁ ଏହି ଦୁର୍ଘଟଣା ହୋଇଥିଲା ।ଦୁର୍ଘଟଣାର କାରଣ କିମ୍ବା ବିମାନରେ ଥିବା ଲୋକଙ୍କ ପରିଚୟ ବିଷୟରେ କତର ସରକାର ଅଧିକ ବିବରଣୀ ପ୍ରଦାନ କରିନାହାନ୍ତି । ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ ଏହା ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନର ଫଳାଫଳ କି ନୁହେଁ ସେ ସମ୍ବନ୍ଧରେ କୌଣସି ସୂଚନା ମିଳିନାହିଁ । ଫେବ୍ରୁଆରି ୨୮ରେ ଇସ୍ରାଏଲ-ଆମେରିକା ଆକ୍ରମଣ ପରେ ଇରାନ ଅନେକ ଥର ଆମେରିକାର ଘାଟି ଓ ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନ ଉପରେ ଆକ୍ରମଣ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ( ୯ ପୃଷ୍ଠାରେ )

## ନ୍ୟାୟପାଳିକାକୁ ଦୃଢ଼ କରିବ ଏଆଇ

ନୂଆଦିଲ୍ଲୀ,୨୨।୩: ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନ୍ୟାୟିକ ବ୍ୟବସ୍ଥାରେ ଏପରି ଭାବରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ଯେ ଏହା ଆମ ବ୍ୟବସ୍ଥାକୁ ମଜବୁତ କରିବ, ଏହାର ପ୍ରକୃତ କାର୍ଯ୍ୟକୁ ଦୁର୍ବଳ କରିବ ନାହିଁ। ପ୍ରଧାନ ବିଚାରପତି କହିଛନ୍ତି- ଏଆଇ ବିପୁଳ ପରିମାଣର ତଥ୍ୟ ଓ ରେକର୍ଡକୁ ପରିଚାଳନା କରିବା, ଢାଞ୍ଚା ଚିହ୍ନଟ କରିବା ଓ ସିଷ୍ଟମରେ ବିଳମ୍ବ ହ୍ରାସ କରିବାରେ ସାହାଯ୍ୟ କରିବା ଉଚିତ। ଏହା ରାୟ ଘୋଷଣା କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ, ନିଷ୍ପତ୍ତି ମଣିଷ ହାତରେ ରହିବା ଉଚିତ। ପ୍ରଧାନ ବିଚାରପତି ବେଙ୍ଗାଲୁରୁ-୨୦୨୬ରେ ଅନୁଷ୍ଠିତ ସୁପ୍ରିମକୋର୍ଟ ବାର ଆସୋସିଏସନର ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ, ଯେଉଁଠାରେ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ - ପ୍ରିଭେନସନ ଆଣ୍ଡ ରିଜଲ୍ୟୁସନ ଅଫ୍ ଡିସପୁଟ୍ସ' ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ବୋଧନ ଦେଇ ପ୍ରଧାନ ବିଚାରପତିଙ୍କ ବିବୃତି କହିଛନ୍ତି, ରାୟ ଘୋଷଣା କରିବା ସମୟରେ, ବିଚାରପତିମାନେ ସେମାନଙ୍କର ଯୁକ୍ତି, ଅଭିଜ୍ଞତା ଓ ବିଶ୍ଳେଷଣ କରିବାର କ୍ଷମତା ଉପରେ ନିର୍ଭର କରିବା ଉଚିତ । ଏଆଇ କେବଳ ଏକ ଉପକରଣ ଭାବରେ କାର୍ଯ୍ୟ କରିବା ଉଚିତ । ନିଷ୍ପତ୍ତି ସର୍ବଦା ମାନବ ବୁଦ୍ଧି ଦ୍ୱାରା ପରିଚାଳିତ ହେବା ଦରକାର ।

## ରେକର୍ଡ ଭାଙ୍ଗିଲେ ମୋଦୀ




ନୂଆଦିଲ୍ଲୀ,୨୨।୩: ଭାରତୀୟ ରାଜନୀତିରେ ରବିବାର ଏକ ସ୍ମରଣୀୟ ଦିନ ଭାବେ ଲିପିବଦ୍ଧ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସନମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବାର ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ନିଜର ମୋଟ ୮,୯୩୧ ଦିନର କାର୍ଯ୍ୟକାଳ ସହ ସେ ସିକିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କ ୮,୯୩୦ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ (୨୦୧୪, ୨୦୧୯ ଓ ୨୦୨୪) ବିଜୟ ହାସଲ କରିବା ସହ ଦେଶର ବିକାଶ ପ୍ରକ୍ରିୟାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ନିଜର ଏହି ( ୯ ପୃଷ୍ଠାରେ)

## ବିଶ୍ୱ ଜଳ ଦିବସରେ ଏକାଧିକ ପ୍ରକଳ୍ପ ଭେଟି




ଭୁବନେଶ୍ୱର,୨୨।୩,(ସବ୍ୟୁ) : ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତେ ଶପଥ ନେବା । ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନକରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର । ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ ।

- ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇବା ଆମର ସଂକଳ୍ପ : ମୁଖ୍ୟମନ୍ତ୍ରୀ
- ୨୨୯୨ କୋଟିର ୧୭ ପ୍ରକଳ୍ପ ଶିଳାନ୍ୟାସ
- ୩୨୦ କୋଟିର ୧୨୪ ପ୍ରକଳ୍ପ ଉଦଘାଟନ
- ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ବୁନ୍ଦାଏ ବି ପାଣି ନଷ୍ଟ କରନ୍ତୁ ନାହିଁ
- ରାଜୀବ ଭବନରେ ଶିଶୁ ଯନି କେନ୍ଦ୍ର "କଳିକା' ଉଦଘାଟିତ

କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ । ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷା ପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା । ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଆହ୍ୱାନ ଦେଇଛନ୍ତି ।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତ । ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ପ୍ରକଳ୍ପର ଆରମ୍ଭ କରିଛନ୍ତି । ଏଥିମଧ୍ୟରୁ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ୩୨୦ କୋଟି ଟଙ୍କାର ବ୍ୟୟରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଉଦଘାଟନ ହୋଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନକୁ ଏକ ବୈପ୍ଳବିକ ଯୋଜନା । ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବାକୁ ସଂକଳ୍ପ ନେବା । ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି । ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ "ଜଳ ଏବଂ ଲିଙ୍ଗଗତ (୯ ପୃଷ୍ଠାରେ)

## ବଦଳିଲେ ଏସସିବି ଡିନ୍ ଓ ସୁପରିଟେଣ୍ଡେଣ୍ଟ

ଭୁବନେଶ୍ୱର,୨୨।୩,(ସବ୍ୟୁ): କଟକର ଏସସିବି ବଡ଼ମେଡିକାଲର ପ୍ରଶାସନିକ କ୍ଷେତ୍ରରେ ରାଜ୍ୟ ବଡ଼ ଧରଣର ପରିବର୍ତ୍ତନ କରିଛନ୍ତି । ବାରିପଦା ମେଡ଼ିକାଲ କଲେଜର ଅଧ୍ୟକ୍ଷ ତଥା ଡିନ ଥିବା ପ୍ରଫେସର ପ୍ରତିଭା ପଣ୍ଡାଙ୍କୁ ଏସସିବିର ଡିନ ଓ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି । ଏସସିବିର ଅର୍ଥପେଡିକ୍ ଫେଫେସର ଡକ୍ଟର ବିମଳ ଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ମେଡ଼ିକାଲ କଲେଜର ଡିନ ତଥା ଅଧ୍ୟକ୍ଷ ଭାବରେ ବଦଳି କରାଯାଇଛି । ଏସସିବିର ଡିଲ ଓ ଅଧ୍ୟକ୍ଷ ଥିବା ପ୍ରଫେସର ଲୁସି ଦାସଙ୍କୁ ଏସସିବିର ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି । ଡ. ଜ୍ୟୋତି ଚନ୍ଦ୍ର ଚୌଧୁରୀ ଏସସିବିର ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରିବେ । ଡ. ସତ୍ୟଜିତ ରାୟଙ୍କୁ ଏସସିବିର ଅର୍ଥଫେଡିକ୍ ପ୍ରଫେସର ଭାବେ ବଦଳି କରାଯାଇଛି । ବ୍ରହ୍ମପୁର ମେଡ଼ିକାଲ କଲେଜର ଅର୍ଥପେଡିକ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ତାପସ କୁମାର ପାଣିଗ୍ରାହୀଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜକୁ ବଦଳି କରାଯାଇଛି ।

## ଅନଲାଇନ୍ ଲୁଟେରା ଗ୍ୟାଙ୍ଗର ୨ ଗିରଫ, ୨ କାର୍ ଜବତ



ଭୁବନେଶ୍ୱର,୨୨।୩,(ସବ୍ୟୁ): ଆନ୍ତ ରାଜ୍ୟ ଅନଲାଇନ୍ ଲୁଟେରା ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ୍ । ତାଙ୍କ ନିକଟରୁ ୨ଟି କାର୍ ଜବତ ହୋଇଛି ।

କାର୍ ବିକିବା ପାଇଁ ଅନଲାଇନ୍ ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ କୁଲଦୀପ ଦାଶ । ସେହି ବିଜ୍ଞାପନକୁ ଦେଖି ଅନଲାଇନ୍ ଲୁଟେରା ଗ୍ୟାଙ୍ଗର ହର୍ଷ ଓ ଅର୍ଶଜିତ ଯୋଗାଯୋଗ କରିଥିଲେ । ବିଜ୍ଞାପନରେ ଥିବା ମୋବାଇଲ ନମ୍ବରରେ ଟେଲିଫୋନ କରି କୁଲଦୀପଙ୍କ ସହ କଥା ହେବା ପରେ ଦୁଇ ଲୁଟେରା ଚନ୍ଦ୍ରଶେଖରପୁର ଆସିଥିଲେ ।

ଚନ୍ଦ୍ରଶେଖରପୁର କୁଲଦୀପଙ୍କ ପାଖରେ ପହଞ୍ଚିବା ପରେ କାରକୁ ଟେଷ୍ଟ ଡାଇଭରେ ନେଇ ଖସି ପଳାଇଥିଲେ । ଉପାୟ ଶୂନ୍ୟ ହୋଇ କୁଲଦୀପ ଚନ୍ଦ୍ରଶେଖରପୁର ଥାନାକୁ ଆସି ଅଭିଯୋଗ କରିଥିଲେ । ଦୁଇ ଲୁଟେରାଙ୍କ ଘର ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳରେ ହୋଇଥିବାରୁ ପୋଲିସ୍ ସିସି କ୍ୟାମେରା ପ୍ରଭୃତି ଯାଞ୍ଚ କରିଥିଲା । ଏହାପରେ ପାଣିକୋଇଲି ଥାନା ପୋଲିସକୁ ଯୋଗାଯୋଗ କରି ଦୁହିଁଙ୍କୁ କାବୁ କରିବାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ସମର୍ଥ ହେଲା । ପାଣିକୋଇଲି ପୋଲିସ୍ ପାଖରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ଦୁଇ ଲୁଟେରାଙ୍କୁ ଆଣିବା ସହ ଜବତ ଦୁଇଟି ( ୯ ପୃଷ୍ଠାରେ)

## ସରକାରୀ ହସ୍ପିଟାଲରେ ଯାଞ୍ଚ ହେବ ଅଗ୍ନି ନିରାପତ୍ତା

### ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚସ୍ତରୀୟ ସମୀକ୍ଷା

- ଅଗ୍ନିନିରୋଧକ ଯନ୍ତ୍ର ନିୟମିତ ହେବ ଯାଞ୍ଚ, ମକ୍ ଡ୍ରିଲ୍
- ପୂର୍ତ୍ତ-ଅଗ୍ନିଶମ ବିଭାଗ ସମନ୍ୱୟ ରଖି ପଦକ୍ଷେପ ନିଅ

ଭୁବନେଶ୍ୱର,୨୨।୩:(ସବ୍ୟୁ): ରାଜ୍ୟରେ ଥିବା ସରକାରୀ ହସ୍ପିଟାଲ ଗୁଡିକରେ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଞ୍ଚ କରାଯିବ । ସମୟ ସମୟରେ ନିରୀକ୍ଷଣ କରିବା, ଅଗ୍ନି ସୁରକ୍ଷା ମାନର ସଠିକ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି ।

ଲୋକସେବା ଭବନ ଠାରେ ଆୟୋଜିତ ସ୍ୱାସ୍ଥ୍ୟ ବିଭାଗର ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମହାଲିଙ୍ଗ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ଆଲୋଚିତ ବିଷୟଗୁଡ଼ିକୁ ଗୁରୁତ୍ୱ ସହ କାର୍ଯ୍ୟକାରୀ କରିବା ଓ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା ।

ମନ୍ତ୍ରୀ ଆପତ୍ତକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଓ ରୋଗୀଙ୍କ ସୁରକ୍ଷାକୁ ସର୍ବପ୍ରଥମ ଗୁରୁତ୍ୱ ଦେବାକୁ କହିଥିଲେ । ସମସ୍ତ ହସ୍ପିଟାଲରେ ଅଗ୍ନିନିରୋଧକ ଯନ୍ତ୍ର ସଠିକ ଭାବରେ କାର୍ଯ୍ୟକ୍ଷମ ରହିବା ସହିତ ନିୟମିତ ଯାଞ୍ଚ ଓ ମକ୍ ଡ୍ରିଲ୍ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରୋଗୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା ଓ ଏଥିରେ କୌଣସି ପ୍ରକାର ଅବହେଳା ସହ୍ୟ କରାଯିବ ନାହିଁ । ଆଗାମୀ ଦିନରେ ସମସ୍ତେ ସଚେତନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ ମହାପାତ୍ର ଓ ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

## ସୋସିଆଲ କୋଟ୍ସ



ମୁଁ ୪୫ ଦିନ ଧରି କାନ୍ଦିଥିଲି । କ'ଣ ଭୁଲ୍ ହେଲା ମୁଁ କିଛି ବୁଝିପାରୁ ନଥିଲି । ମୁଁ ସିଆଡି ଶୋ' ପାଇଁ ୨୨ ମାସ ଧରି କାମ କରିଥିଲି, ଆଉ ଦିନେ ସେମାନେ ହଠାତ୍ ମତେ ଫୋନ୍ କରି ଚାଲିଯିବାକୁ କହିଦେଲେ ।

**ଜସବିର କୌର, ଅଭିନେତ୍ରୀ**



ଥରେ ଏକ ଷ୍ଟକର ମୋତେ ଖୁବ ସମସ୍ୟାରେ ପକାଇଥିଲା । ସେ ପ୍ରତିଦିନ ମୋ ଘରକୁ ଆସି ଚିଠି ଦେଉଥିଲା । ତେବେ ସେହି ସମୟରେ କରଣ ଖୁବ ସାହାଯ୍ୟ କରିଥିଲେ ।

**ତେଜସ୍ୱୀ ପ୍ରକାଶ, ଅଭିନେତ୍ରୀ**



ଆପଣଙ୍କ ପାଖରୁ ବହୁତ କିଛି ଶିଖିଛି । ଆପଣଙ୍କ ସହିତ ସେଟରେ କାମ କରିବା ସମୟରେ ସବୁବେଳେ ଭଲପାଇବା ଓ ପ୍ରେମ ପାଇଛି । ବହୁତ ମନେ ପଡିବେ ଆପଣ ।

**ନକୁଲ ମେହତ୍ତା, ଅଭିନେତା**

## ସନ୍ତୁଳିତ ଖାଇବା ଥାଳି

ନବରାତ୍ରିର ନଅ ଦିନିଆ ବ୍ରତ ସମୟରେ ସାଧାରଣତଃ ଲୋକମାନେ ଅଧିକ ତେଲରେ ଛଣା ହୋଇଥିବା ଆଳୁ, ସାବୁଦାନା ବଡ଼ା, ଚିନାବାଦାମ ଏବଂ ମିଠା ଖାଇଥାନ୍ତି, ଯାହା ସ୍ୱାଦିଷ୍ଟ ହେଲେ ମଧ୍ୟ ଶରୀରରେ ଓଜନ ଏବଂ ରକ୍ତରେ ଶର୍କରା ଅଂଶ ବଢ଼ାଇବାର ମୁଖ୍ୟ କାରଣ ସାଜିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ବ୍ରତ ଖାଦ୍ୟରେ ବ୍ୟବହୃତ ସାବୁଦାନା ଓ ଆଳୁରେ ପ୍ରଚୁର ପରିମାଣର ଷ୍ଟାର୍ଚ ଓ କାର୍ବୋହାଇଡ୍ରେଟ୍ ଥିବାବେଳେ ଏହାକୁ ଡିପ୍ ଫ୍ରାଇ କରିବା ଦ୍ୱାରା ଏହାର କ୍ୟାଲୋରୀ ମାତ୍ରା ବହୁଗୁଣିତ ହୋଇଯାଏ । ଯାହାଦ୍ୱାରା ମଧୁମେହ ଓ ମେଦବହୁଳତା ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ବିପଦଜନକ ପାଲଟିଥାଏ । ଏହି ହାଇ-ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ରକ୍ତରେ ସୁଗାର୍ ସ୍ତରକୁ ହଠାତ୍ ବଢ଼ାଇ ଦେଇଥାଏ ଏବଂ ପ୍ରୋଟିନ୍ ଓ ଫାଇବରର ଅଭାବ ଯୋଗୁଁ ବାରମ୍ବାର ଭୋକ ଲାଗିବା ସହ ଓଭରଇଟିଂର ଆଶଙ୍କା ରହେ । ତେଣୁ ବ୍ରତ ସମୟରେ ନିଜକୁ ସୁସ୍ଥ ରଖିବା ପାଇଁ ଛଣାଛଣି ଖାଦ୍ୟ ପରିବର୍ତ୍ତେ ସିଝା ବା କମ୍ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଇବା ସହ ଖାଦ୍ୟ ତାଲିକାରେ ପନିର, ଦହି ଓ ଚିନାବାଦାମ ଭଳି ପ୍ରୋଟିନ୍ ଯୁକ୍ତ ଜିନିଷ ସାମିଲ କରିବା ଉଚିତ । ଏଥିସହିତ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ମିଠା ସରବତ ବଦଳରେ ପାଣି କିମ୍ବା ଘୋଳଦହି ପିଇବାର ଆବଶ୍ୟକତା ରହିଛି । ଏହାସହ ପ୍ରଚୁର ପରିମାଣରେ ଫଳ ଓ ପନିପରିବା ସାଲାଡ୍କୁ ନିଜ ଖାଦ୍ୟରେ ସାମିଲ କରନ୍ତୁ ।



## ପରିବେଶ ଉପରେ ଯୁଦ୍ଧର ପ୍ରଭାବ



କ୍ୱିନ୍ ମେରି ୟୁନିଭର୍ସିଟି ଅଫ୍ ଲଣ୍ଡନ୍ ଏବଂ ଲାନକାଷ୍ଟର ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ତଥା 'ୱାନ୍ ଆର୍ଥ' ଜର୍ଣ୍ଣାଲରେ ପ୍ରକାଶିତ ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ, ଚାଲିଥିବା ଇସ୍ରାଏଲ୍-ଗାଜା ଯୁଦ୍ଧ ଯୋଗୁଁ ପ୍ରାୟ ୩୩ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହୋଇଛି । ଯାହା ସାମରିକ ସଂଘର୍ଷର ଅଜ୍ଞାତ ପରିବେଶ ମୂଲ୍ୟକୁ ସାମ୍ନାକୁ ଆଣିଛି । ଏହି ନିର୍ଗମନର ପରିମାଣ ବର୍ଷକୁ ୭.୬ ନିୟୁତ ପେଟ୍ରୋଲ ଚାଳିତ କାରରୁ ବାହାରୁଥିବା ଧୂଆଁ ସହ ସମାନ । ଗବେଷଣା ଅନୁଯାୟୀ, କେବଳ ସକ୍ରିୟ ଯୁଦ୍ଧ ଏବଂ ଗୋଳାବାରୁଦ ବ୍ୟବହାରରୁ ୧.୩ ନିୟୁତ ଟନ୍‌ରୁ ଅଧିକ କାର୍ବନ ବାହାରିଥିବାବେଳେ, ପରବର୍ତ୍ତୀ ସମୟରେ ଭିତ୍ତିଭୂମିର ପୁନଃନିର୍ମାଣ ଏହି କାର୍ବନ ଫୁଟ୍‌ପ୍ରିଣ୍ଟକୁ ବହୁଗୁଣିତ କରିଛି । ମୁଖ୍ୟ ଗବେଷକ ବେଞ୍ଜାମିନ୍ ନେମାର୍କ ଏବଂ ତାଙ୍କ ସହଯୋଗୀମାନେ ମତ ଦେଇଛନ୍ତି ଯେ, ସାଧାରଣତଃ ଜଳବାୟୁ ରିପୋର୍ଟରେ ସାମରିକ ନିର୍ଗମନକୁ ଅଣଦେଖା କରାଯାଏ, ତେଣୁ ଜାତିସଂଘ ଭଳି ଆନ୍ତର୍ଜାତୀୟ ମଞ୍ଚରେ ଏହାର ସ୍ୱଚ୍ଛ ରିପୋର୍ଟିଂ ହେବା ଜରୁରୀ ଯାହାଦ୍ୱାରା ଯୁଦ୍ଧର ପ୍ରକୃତ ପରିବେଶ କ୍ଷତି ଆକଳନ କରାଯାଇପାରିବବୋଲି ମତ ପ୍ରକାଶ ପାଇଛି । ସେହିଭଳି ଆଗକୁ ଏହା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାର ମଧ୍ୟ ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଇଛି ।

## ଇତିହାସ

୧୮୩୬- ଫ୍ରାଙ୍କଲିନ୍ ବେଲ୍ ମୁଦ୍ରା ଛାପାଖାନା ଆବିଷ୍କାର କଲେ ।

୧୯୧୦- ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଜନ୍ମ ।

୧୯୩୧ - ଲାହୋର ଜେଲ୍‌ରେ ବ୍ରିଟିଶ ସରକାର ଭାରତୀୟ ସ୍ୱାଧୀନତା ସଂଗ୍ରାମର ତିନି ଅମର ସଂଗ୍ରାମୀ ଭଗତ ସିଂହ, ସୁଖଦେବ ଥାପର ଏବଂ ଶିବରାମଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ପ୍ରତିବର୍ଷ ୨୩ ମାର୍ଚ୍ଚକୁ 'ଶହୀଦ ଦିବସ' ଭାବେ ପାଳନ କରାଯାଏ ।



୧୯୪୦- ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ସ୍ୱତନ୍ତ୍ର ଦେଶ ଗଠନ ଲାଗି ଦାବି କଲେ ।

୧୯୫୬- ବିଶ୍ୱର ପ୍ରଥମ ମୁସଲିମ୍ ଗଣତନ୍ତ୍ର ରାଷ୍ଟ୍ର ରୂପେ ପାକିସ୍ତାନକୁ ମାନ୍ୟତା ମିଳିଲା ।

୧୯୬୫- ନାସା ପ୍ରଥମକରି ଜେମିନି ୩ ମହାକାଶଯାନରେ ଦୁଇଜଣ ବ୍ୟକ୍ତିଙ୍କୁ ମହାକାଶ ପଠାଇଲା ।

୨୦୧୨- ପ୍ରଥମ କ୍ରିକେଟର ରୂପେ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରେ ଶହେତମ ଶତକ ହାସଲ କଲେ ।

## ସୁରକ୍ଷା ଦେବେ ଅସରପା

ଅସରପା ଏଭଳି ଏକ ଜୀବ ଯିଏ ଯେ କୌଣସି ପରିସ୍ଥିତିରେ ବି ଜୀବନ୍ତ ରହିପାରେ, ତେଣୁ ଏହି ଜୀବକୁ ବର୍ତ୍ତମାନ ମଣିଷର ସୁରକ୍ଷା ପାଇଁ ବ୍ୟବହାର କରାଯିବାକୁ ଯୋଜନା କରାଯାଉଛି । ଭବିଷ୍ୟତରେ ଭୂକମ୍ପ କିମ୍ବା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଥିବା ଜୀବନ୍ତ ମଣିଷମାନଙ୍କୁ ଉଦ୍ଧାର କରିବାରେ ଅସରପା ପ୍ରମୁଖ ଭୂମିକା ଗ୍ରହଣ କରିବେ । ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ପ୍ରକାରର 'ସାଇବୋର୍ଗ ଅସରପା' ବିକଶିତ କରିଛନ୍ତି, ଯାହା ଅଧା ଜୀବନ୍ତ କୀଟ ଏବଂ ଅଧା ରୋବୋଟ୍ ଭାବେ କାର୍ଯ୍ୟ କରିବ । ମାଡାଗାସ୍କାର ହିସିଙ୍ଗ୍ ଅସରପାଙ୍କ ପିଠିରେ ଏକ ଛୋଟ ଇଲେକ୍ଟ୍ରୋନିକ ଡିଭାଇସ୍ ବା 'ବ୍ୟାକପ୍ୟାକ୍' ଲଗାଯାଇ ସେମାନଙ୍କ ସ୍ନାୟୁ ପ୍ରଣାଳୀକୁ ହାଲୁକା ବୈଦ୍ୟୁତିକ ସଙ୍କେତ ଦ୍ୱାରା ନିୟନ୍ତ୍ରଣ କରାଯିବ । ଏହି ଅସରପାମାନଙ୍କ ଶରୀରରେ କ୍ୟାମେରା, ଟର୍ଚ୍ଚ ଏବଂ ମାନବ ଶରୀରର ଉତ୍ତାପ ଚିହ୍ନଟ କରିବା ପାଇଁ ଇନଫ୍ରାରେଡ୍ ସେନସର ଖଞ୍ଜା ଯାଇଛି । ଯାହାଦ୍ୱାରା ସେମାନେ ଅତ୍ୟନ୍ତ ସଂକୀର୍ଣ୍ଣ ସ୍ଥାନ ଏବଂ ମାଟିତଳେ ପଶି ଫସି ରହିଥିବା ଲୋକଙ୍କ ସମ୍ପର୍କରେ ସୂଚନା ଦେଇପାରିବେ । ସୂଚନାଯୋଗ୍ୟ ଯେ, ମିଆଁମାରରେ ହୋଇଥିବା ଭୂକମ୍ପ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ଏହି ସାଇବୋର୍ଗ ଅସରପାମାନଙ୍କୁ ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଥିଲା ।



## ପ୍ରଥମରୁ ମିଳିଥିଲା ରିଜେକ୍ସନ

ଲୋକପ୍ରିୟ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା 'ତେଲେଙ୍ଗାନା ଗଦର ଫିଲ୍ମ ଆୱାର୍ଡସ ୨୦୨୫'ରେ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପାଇ ଚର୍ଚ୍ଚାରେ ଅଛନ୍ତି । ଗତ ଫେବୃଆରୀ ୨୬ରେ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଏହା ରଶ୍ମିକାଙ୍କର ପ୍ରଥମ ବଡ଼ ସର୍ବସାଧାରଣ ଉପସ୍ଥିତି ଥିଲା । ଯେଉଁଠାରେ ସେ ନିଜ ଶାଶୁ ମାଧବୀ ଦେବରକୋଣ୍ଡାଙ୍କ ସହ ନଜର ଆସିଥିଲେ । ମାର୍ଚ୍ଚ ୧୯ 'ଉଗାଦି' ଅବସରରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ଉପସ୍ଥିତିରେ ସୁପରଷ୍ଟାର ରାମ ଚରଣ ରଶ୍ମିକାଙ୍କୁ ଚଳଚ୍ଚିତ୍ର 'ଦ ଗର୍ଲଫ୍ରେଣ୍ଡ'ରେ ତାଙ୍କର ଚମତ୍କାର ଅଭିନୟ ପାଇଁ ଏହି ଟ୍ରଫି ପ୍ରଦାନ କରିଥିଲେ । ରଶ୍ମିକା ପାରମ୍ପରିକ ବେଶଭୂଷା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ଏଥିରେ ରଶ୍ମିକା ଦେଇଥିବା ଅଭିଭାଷଣ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । କ୍ୟାରିୟରରେ ସେ ପ୍ରଥମରୁ ଅନେକ ସଂଘର୍ଷ କରିଥିବା ପ୍ରକାଶ କରିଥିଲେ । ପ୍ରଥମରୁ ଅନେକ ରିଜେକସନ୍‌କୁ ସାମନା କରିଥିବା ରଶ୍ମିକାଙ୍କୁ ବର୍ତ୍ତମାନ ଅନେକ ପୁରସ୍କାର ମିଳୁଛି, ଯାହା ତାଙ୍କୁ ଅନେକ ସମୟରେ ଭାବପ୍ରବଣ କରିଥାଏ ବୋଲି ରଶ୍ମିକା ପ୍ରକାଶ କରିଥିଲେ ।



## ବିରଳ ରେକର୍ଡ୍

ଆମେରିକାର ଆୟୋୱା ବାସିନ୍ଦା କ୍ୟାମେଲିଆ ମୋଟ ୩୮,୧୬୨ଟି ପୁରାତନ ଚାମଚ ସଂଗ୍ରହ କରି ଏକ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । କ୍ୟାମେଲିଆଙ୍କର ଏହି ନିଆରା ନିଶା ବହୁ ବର୍ଷ ପୂର୍ବେ ତାଙ୍କ ଜେଜେମା'ଙ୍କ ଠାରୁ ଉପହାର ସ୍ୱରୂପ ପାଇଥିବା ଏକ ରୁପା କଟଲରି ସେଟ୍‌ରୁ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭିନ୍ନ ଭିନ୍ନ ଡିଜାଇନ୍‌ର ଚାମଚ ସଂଗ୍ରହ କରିବାରେ ପରିଣତ ହୋଇଥିଲା । ବର୍ତ୍ତମାନ ତାଙ୍କର ଏହି ବିଶାଳ ସଂଗ୍ରହ 'ମିସିସିପି ସ୍ପୁନ୍ ଗ୍ୟାଲେରୀ' ନାମକ ଏକ ସୁନ୍ଦର ମ୍ୟୁଜିୟମରେ ରୂପାନ୍ତରିତ ହୋଇଛି । ଯେଉଁଠାରେ ମହାରାଣୀ ଭିକ୍ଟୋରିଆଙ୍କ ସମୟର ଐତିହାସିକ ଚାମଚ ଠାରୁ ଆରମ୍ଭ କରି ଫ୍ରାନ୍ସ, ଜର୍ମାନୀ, ନରୱେ ଏବଂ କୋରିଆ ଭଳି ଦେଶର ହସ୍ତନିର୍ମିତ ତଥା କଳାତ୍ମକ ଚାମଚମାନ ଶୋଭା ପାଉଛି । ଏହି ଗ୍ୟାଲେରୀରେ ହଜାର ହଜାର ସଂଖ୍ୟାରେ ଏଭଳି ଅନନ୍ୟ ଏବଂ ପ୍ରାଚୀନ ଚାମଚ ରହିଛି, ଯାହା ପର୍ଯ୍ୟଟକଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ ପାଲଟିଛି ।








**ମେଷ:** ଅର୍ଥ ସମସ୍ୟା, ମାନସିକ କଷ୍ଟ, କର୍ମ କ୍ଷେତ୍ରରେ ପରିଶ୍ରମ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ଅର୍ଥ ଲାଭ, ବନ୍ଧୁ ଲାଭ, ଶୁଭ ସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣ ଯୋଗ, ନୂତନ ଆୟ, ଦ୍ରବ୍ୟ ଲାଭ, ପାରିବାରିକ ସୁଖ, ସମ୍ପତ୍ତି ଲାଭ । କୃତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଅଶାନ୍ତି, ବନ୍ଧୁ ସମସ୍ୟା, ଅଯଥା ଚିନ୍ତା, କାର୍ଯ୍ୟରେ ଅସନ୍ତୋଷ, ଆଶାରେ ବାଧା, ଶୁଭ ଖବର, ଗୃହେ ଉତ୍ସବ, ଯାତ୍ରାରେ ସାବଧାନ, ଶରୀର ସୁସ୍ଥ, ବିଦ୍ୟାରେ ସଫଳ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଭ୍ରମଣ ଯୋଗ, ସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଉଚ୍ଚ ଆଶାରେ ବିଳମ୍ବ, ଗୃହେ ଶୁଭ ସମାଚାର, ଲୋକସମ୍ପର୍କରେ ଉନ୍ନତି, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ସମ୍ମାନ ପ୍ରାପ୍ତି, ସମ୍ପର୍କରେ ଲାଭ, ଦୂର ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ଅତିଥି ଚର୍ଚ୍ଚା, ବ୍ୟବସାୟରେ ଉନ୍ନତି, ଶୁଭ ସମାଚାର, କର୍ମକ୍ଷେତ୍ରରେସ ମସ୍ୟା, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶରୀର ଅସୁସ୍ଥ, ଶୁଭ ଖବର, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଭ୍ରମଣ ଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା । ଉତ୍ତରାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା:** ଚୋରି ଭୟ, ମାନସିକ ଅବସାଦ, ଦୂର ଯାତ୍ରା, ବୟୋଜେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ପାରିବାରିକ ଖୁସି, ଅର୍ଥ ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରାରେ ସତର୍କ, ବନ୍ଧୁ ଦର୍ଶନ, ସନ୍ତାନ ସମସ୍ୟା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟ ଲାଭ, ଶୁଭ ଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ଉଚ୍ଚ ଆଶାରେ ବିଳମ୍ବ, ପାରିବାରିକ ସହଯୋଗ, ବିବାଦିତ କାର୍ଯ୍ୟରେ ବିଜୟ, ଶରୀର ସୁସ୍ଥ, ମାନସିକ ଶାନ୍ତି, ନୂତନ କାର୍ଯ୍ୟ ଆରମ୍ଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସୁନେଲୀ, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁ ସହଯୋଗ, ଦୂର ଯାତ୍ରା, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ସମ୍ପର୍କ ବୃଦ୍ଧି, ଭ୍ରାତୃଭଗ୍ନୀଙ୍କ ସ୍ନେହ, ଦୂର ଯାତ୍ରାରେ ସଫଳ, ସମ୍ମାନ ପ୍ରାପ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ଅସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** ପିଲାଙ୍କ କଷ୍ଟ, ଅର୍ଥ ସମସ୍ୟା, ଶରୀର କଷ୍ଟ, ମାନସିକ ଅଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ବନ୍ଧୁ ସହଯୋଗ, ଯାତ୍ରାରେ ସତର୍କତା, ସମ୍ପତ୍ତି ବିବାଦ, ଦ୍ରବ୍ୟ ଲାଭ, ବ୍ୟକ୍ତି ସହାୟତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୩, ଆରାଧନା- ଲକ୍ଷ୍ମୀନୃସିଂହ ।

**କୁମ୍ଭ:** କଳହ ଯୋଗ, ଦୂର ଯାତ୍ରା, ଅର୍ଥ ଖର୍ଚ୍ଚ, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ, ବନ୍ଧୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମ୍ବାଦ, ଉଚ୍ଚ ଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଶାନ୍ତିପ୍ରଦ, ଆଶା ସଫଳ, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ଗୃହେ ଉତ୍ସବ, ଦୂର ଯାତ୍ରା, ସନ୍ତାନ ଖୁସି, ନୂତନ ନିଯୁକ୍ତି, ପାରିବାରିକ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**ଚୈତ୍ର ଶୁକ୍ଳପକ୍ଷ, ପଞ୍ଚମୀ**
**୨୩.୩.୨୦୨ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ୨୬ରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ନେତ୍ରୋତ୍ସବ ପୂର୍ବରୁ ରଥ କାମ ସାରିବାକୁ ଲାଗିପଡ଼ିଛନ୍ତି କାରିଗର

ଭୁବନେଶ୍ୱର (ସବ୍ୟୁ): ଆସନ୍ତା ୨୬ ତାରିଖରେ ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଲିଙ୍ଗରାଜଙ୍କ



ରୁକୁଣା ରଥଯାତ୍ରା । ହାତରେ ଅଳ୍ପ ସମୟ ଥିବାରୁ ଦିନ ରାତି ଏକ କରି ରଥ ଖଳାରେ ରଥ ଗଢୁଛନ୍ତି ମହାରଣା ସେବାୟତ । ଚାଲିଛି ରଥ ନିର୍ମାଣ । ନେତ୍ର ଉତ୍ସବ ପୂର୍ବରୁ ଶେଷ ସ୍ପର୍ଶ ପାଇବ ରୁକୁଣା ରଥ । ସେପଟେ ପ୍ରଶାସନର ବଡ଼ ପ୍ରସ୍ତୁତି ଆରମ୍ଭ ହୋଇଛି ।

ଆଉ ତିନି ଦିନ । ଦେଉଳରୁ ବାହାରି ଆସିବେ ଦିଅଁ । ଅଗଣିତ ଭକ୍ତଙ୍କୁ ରଥାରୁଢ଼ ହୋଇ ଦର୍ଶନ ଦେବେ ପ୍ରଭୁ ଲିଙ୍ଗରାଜ । ରଥରେ ଝୁଲି ଝୁଲି ଯିବେ ମାଉସୀ ମା' ଘର । ଏଥିପାଇଁ ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ମାଉସୀ ମା' ଘର ରାମେଶ୍ୱର ମନ୍ଦିର ଯାଏଁ ଚାଲିଛି ପ୍ରସ୍ତୁତି । ପ୍ରଶାସନର ନିଷ୍ପତ୍ତି ଅନୁସାରେ ୨୫ ତାରିଖ ନେତ୍ର ଉତ୍ସବ ପୂର୍ବରୁ ଶେଷ ହେବା ରଥ କାମ । ସେଠି ପାଇଁ ରଥଗଢ଼ିବାରେ ବ୍ୟସ୍ତ ସେବାୟତ ।

ରଥ କାଠ ଅନୁକୂଳ ପରେ ରଥ ଗଢ଼ିବାରେ ବ୍ୟସ୍ତ ୬୧ ଜଣ ସେବାୟତ । ଗଢ଼ା ହେଉଛି ୪୫ ଫୁଟ ଉଚ୍ଚତା ଓ ୨୭ ଫୁଟ ଓସାର ରଥ । ଚକଡେରା ପରେ ଅଖଲଗା, ପାଞ୍ଚ ଦଣ୍ଡା ଓରାଲଗି, ଚାରି ନାହାକା, ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଓ ତୃତୀୟ ଭୂଇଁ, ପାଶ୍ୱର୍ ଦଣ୍ଡା, ଘର ଭଙ୍ଗା ପ୍ରମୁଖ ଲାଗି ସାରିଛି । ଆଜି ପୋଟଳ ଓ ପାରାଭାଡ଼ି ସହ ଚାରି ଦ୍ୱାର ଲାଗିବା ନେଇ କାମରେ ଲାଗିଛନ୍ତି ସେବାୟତ । ମହାରଣା ସେବାୟତଙ୍କ ସମେତ କମାର ସେବାୟତ, ଦର୍ଜି ସେବାୟତ, ଚିତ୍ରକର ମାନେ କାମରେ ଲାଗିଛନ୍ତି ।

---

## ରାଜ୍ୟରେ ଟଳିନି ଏଲ୍‌ପିଜି ସଙ୍କଟ

# କୋମାରେ ଯୋଗାଣ ବିଭାଗ

ଭୁବନେଶ୍ୱର (ସବ୍ୟୁ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ପ୍ରଭାବିତ ହୋଇଛି ଏଲପିଜି ଯୋଗାଣ । ହର୍ମୁଜ ପ୍ରଣାଳି ଦେଇ ସ୍ୱାଭାବିକ ଭାବେ ଗ୍ୟାସ ଜାହାଜ ଆସୁନଥିବାରୁ ଦେଶରେ ଏଲପିଜି ଅଭାବ ଦେଖାଦେଇଛି । ଯାହାର ପ୍ରଭାବ ସିଧାସଳଖ ରୋଷେଇ ଘର, ହୋଟେଲ, ରେଷ୍ଟୁରାଣ୍ଟ, ଟିଫିନ୍ ଷ୍ଟଲ ଓ ଫାଷ୍ଟଫୁଡ ସେଣ୍ଟର ଉପରେ ପଡିଛି । ଏହାର ସୁଯୋଗ ନେଇ କଳାବଜାରୀ ବଢ଼ିଛି । ବାଣିଜ୍ୟିକ ସିଲିଣ୍ଡର ସ୍ୱାଭାବିକ ନେହେବାରୁ ବ୍ଲାକରେ ଘରୋଇ ସିଲିଣ୍ଡର ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏସବୁ ଯାଞ୍ଚ କରୁନାହାନ୍ତି ସପ୍ଲାଏ ଇନ୍‌ସପେକ୍ଟର ।

ଏଲପିଜି ଅଭାବରୁ ଠେଲା ଜଳଖିଆ ଦୋକାନ ବନ୍ଦ ହୋଇଯାଇଛି । ଟ୍ରଲିରେ ବସିଗଲାଣି ଧୂଳି । ବହୁ ଦୋକାନ ବନ୍ଦ ହୋଇଯାଇଥିବାରୁ ଯେଉଁଠି ଖୋଲା





ଅଛି ସେଠି ଗହଳି ଲାଗିଛି । ଚାହିଦା ବଢ଼ିବା ପରେ ଜଳଖିଆ ଦାମ ବଢ଼ାଇ ଦେଇଛନ୍ତି ବ୍ୟବସାୟୀ । ଏଲପିଜି ଅଭାବ ପରେ ବଢ଼ି ଯାଇଛି ଉଠା ଚୁଲି ବ୍ୟବସାୟ । ସିମେଣ୍ଟ ହେଉ ବା ମାଟି ଚୁଲି କିଣି ନେଉଛନ୍ତି ଲୋକେ । ଗ୍ୟାସ ସଙ୍କଟ ଯୋଗୁଁ କାଠ ଓ ଘଷିର ଚାହିଦା ବଢ଼ିବା ସହ ମହଙ୍ଗା ହୋଇଛି ।

ବିଭିନ୍ନ ଗ୍ୟାସ ଏଜେନ୍ସି ଏଲ୍‌ପିଜି ବୁକ ହେବାର ୧୫ ଦିନ ପରେ ଘରକୁ ଯୋଗାଣ କରୁଛନ୍ତି । ଫଳରେ ସରକାର ଯେଉଁ ୨୫ ଦିନ ପରେ ଏଲ୍‌ପିଜି ବୁକ କରିବା ନିୟମ କରିଛନ୍ତି, ତାହା ଧର୍ମକୁ ଅଖି ଠାର । ଅର୍ଥାତ ଜଣେ ଗ୍ରାହକ ୪୦ ଦିନ ପରେ ଗୋଟିଏ ଘରୋଇ ଏଲପିଜି ପାଉଛି । ତେଣୁ ଏସବୁକୁ ଯାଞ୍ଚ କରିବାର ଦାୟିତ୍ୱ ଯୋଗାଣ ବିଭାଗର । ହେଲେ ଯୋଗାଣ ବିଭାଗ ଏବେ କୋମାରେ । ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରେ ସପ୍ଲାଏ ଇନ୍ସପେକ୍ଟର ଥିଲେ ବି କେହି ବି କଡ଼ାକଡ଼ି ଯାଞ୍ଚ କରୁନାହାନ୍ତି । ସେମାନେ ନିଜର ହାତ ଚିକ୍କଣ କରି ଚୁପ୍ ବସିଯାଉଥିବା ଅଭିଯୋଗ ହେଉଛି ।

ସେହିପରି କେତେକ ଏଲପିଜି ଯୋଗାଣକାରୀ ଏଜେନ୍ସି ବି ଗ୍ରାହକଙ୍କୁ ଠକୁ ଥିବା ନଜରକୁ ଆସିଛି । ବିଭିନ୍ନ ସ୍ଥାନରେ କିଛି ଗ୍ରାହକ ଅଭିଯୋଗ କରିଛନ୍ତି ଯେ ସେମାନେ ସିଲିଣ୍ଡର

### ବ୍ଲାକରେ ଘରୋଇ ସିଲିଣ୍ଡର ତିନି ହଜାର
### ଯାଞ୍ଚ କରୁନାହାନ୍ତି ସପ୍ଲାଏ ଇନ୍ସପେକ୍ଟର
### ସ୍ୱାଭାବିକ କେବେ ହେବ କମର୍ସିଆଲ ସିଲିଣ୍ଡର
### ଗ୍ରାହକଙ୍କୁ ଠକୁଛନ୍ତି ଏଜେନ୍ସି ମ୍ୟାନେଜର

ବୁକ୍ ନକରି ତାଙ୍କ ଖାତାରୁ ଏଲପିଜି ଉଠାଣ ହେଉଛି । ବହୁ ଗ୍ରାହକ ୩ରୁ ୪ ମାସକୁ ଥରେ ଘରୋଇ ସିଲିଣ୍ଡର ବୁକ୍ କରନ୍ତି । ଏହାର ସୁଯୋଗ ନେଇ କିଛି ଏଜେନ୍ସିର ଅସାଧୁ ମ୍ୟାନେଜରମାନେ ଗ୍ରାହକଙ୍କୁ ନଜଣାଇ ଓଟିପି କାଢ଼ି ଗ୍ୟାସ ସିଲିଣ୍ଡର ଯୋଗାଣ କରୁଛନ୍ତି । ଫଳରେ ଖୋଲା ବଜାରରେ ବ୍ଲାକରେ ଘରୋଇ ସିଲିଣ୍ଡର ମୂଲ୍ୟ ୨୦୦୦ରୁ ୩୦୦୦ ଟଙ୍କାରେ ବିକ୍ରି ହେଉଛି । ଏସବୁର ଯାଞ୍ଚ କରୁନାହାନ୍ତି ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ । ସପ୍ଲାଏ ଇନ୍ସପେକ୍ଟର ବି ହୋଟେଲ, ରେଷ୍ଟୁରାଣ୍ଟ, ବଡ଼ ବଡ଼ ମିଠା ଦୋକାନ ଉପରେ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି ।

---

## ଗୁହାଳେ ଲାଗିଲା ନିଆଁ ଜୀବନ୍ତ ଜଳିଲେ ଗୋରୁ

ବନ୍ତ,(ସବ୍ୟୁ): ଭଦ୍ରକ ଜିଲା ବନ୍ତ ତହସିଲ ଅନ୍ତର୍ଗତ ଓଡ଼ଙ୍ଗ ପଞ୍ଚାୟତର ଏରଝାଟିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି । ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଗ୍ରାମର ରଘୁନାଥ ମହାନ୍ତି ଓ ନିରାକାର ମହାନ୍ତିଙ୍କ ଗୁହାଳ ଘରେ ନିଆଁ ଲାଗିଯିବାରୁ ଦୁଇ ବଖରା ଗୁହାଳ ଘର ସମ୍ପୂର୍ଣ୍ଣ ପୋଡି ଯାଇଛି । ରାତିରେ ପରିବାର ଲୋକେ ଗୋରୁଙ୍କ ବିକଳ ଚିତ୍କାର ଶୁଣି ଉଠିଥିଲେ । ଗୁହାଳ ଘରେ ବନ୍ଧା ଯାଇଥିବା ଗୋରୁଙ୍କୁ ଫିଟାଇ ବାହାରକୁ ଆଣିଥିଲେ । କିନ୍ତୁ ଅଗ୍ନିକାଣ୍ଡରେ ଗୋଟିଏ ଗାଇ ଜୀବନ୍ତ ଦଗ୍ଧ ହୋଇଯାଇଥିଲା ଅନ୍ୟ ଏକ ଗାଈର ଶରୀର ଅର୍ଦ୍ଧାଧିକ ଅଂଶ ପୋଡି ଯାଇ ଗୁରୁତର ହୋଇଛି । ଓଡ଼ଙ୍ଗ ପ୍ରାଣୀଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଗାଇଟିର ଚିକିତ୍ସା କରିଛନ୍ତି ।

---

## ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମିର ଅଷ୍ଟମ ପ୍ରତିଷ୍ଠା ଦିବସ

# ବିଶ୍ୱ ଦରବାରରେ ଓଡ଼ିଶାର କଳାକୁ ପହଞ୍ଚାଇବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ଗଣ୍ଡମୁଣ୍ଡାଠାରେ କଳାଭୂମିର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ ହୋଇ ଯାଇଛି। ଏହି ଅବସରରେ ଦର୍ଶକମାନଙ୍କ ପାଇଁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ସେମାନଙ୍କ ମନୋରଞ୍ଜନ ନିମନ୍ତେ ସିତାର, ତବଲା ବାଦନ ସହ ଓଡ଼ିଶୀ ଓ ସମ୍ବଲପୁରୀ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ନିବେଦିତା ପୃଷ୍ଟି , ହସ୍ତତନ୍ତ ଓ ବୟନ ନିର୍ଦ୍ଦେଶକ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଏବଂ ସିଡାକ୍‌ର ସଦସ୍ୟ ସଚିବ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ସଭାରେ କଳାଭୂମିର ଭିତ୍ତିପ୍ରସ୍ତର ସ୍ଥାପନଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯିବା ସହ ଏହି ଅନୁଷ୍ଠାନକୁ ବିଶ୍ୱ ଦରବାରରେ ପରିଚିତ



କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପରିଶେଷରେ ସଂଗ୍ରହାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଶାଶ୍ୱତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ପ୍ରଦର୍ଶିତ କରୁଥିବା ଏହି ସୁସଜ୍ଜିତ ପରିବେଶ ଏବଂ କଳାକୃତିଗୁଡ଼ିକର ଅନୁଭୂତି ନେବା ପାଇଁ ବହୁ ମାତ୍ରାରେ ଦର୍ଶକ ମାନେ କଳାଭୂମି ଉତ୍ସବରେ ସାମିଲ ହୋଇଥିଲେ ତଥା ଓଡ଼ିଶାର ସାଂସ୍କୃତିକ ଅଭିବ୍ୟକ୍ତିକୁ ଉପଭୋଗ କରିଥିଲେ। ଓଡ଼ିଶାର କାରିଗରମାନଙ୍କ ଅପୂର୍ବ କଳାକୃତିକୁ ପ୍ରଦର୍ଶନ କରିବା ପାଇଁ ପ୍ରତିଷ୍ଠିତ 'କଳାଭୂମି'ରେ ଟେରାକୋଟା, ପାରମ୍ପରିକ ଚିତ୍ରକଳା, ପଥର ଖୋଦେଇ ଏବଂ ଧାତୁ ଶିଳ୍ପ ପାଇଁ ସ୍ୱତନ୍ତ୍ର ଗ୍ୟାଲେରୀ ରହିଛି, ଯାହା ଭୁବନେଶ୍ୱରରେ ସାଂସ୍କୃତିକ ସଂରକ୍ଷଣ ଏବଂ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ୨୨ ମାର୍ଚ୍ଚ ୨୦୧୮ ଠାରୁ ଆଜି ପର୍ଯ୍ୟନ୍ତ ଗତ ୨୯୨୨ ଦିନ ମଧ୍ୟରେ କଳାଭୂମି ସାରା ବିଶ୍ୱରୁ ଛାତ୍ରଛାତ୍ରୀ, କ୍ୟୁରେଟର, ଗବେଷକ, ନୃତତ୍ତ୍ୱ ବିଜ୍ଞାନୀ ଏବଂ ସଂଗ୍ରହାଳୟ ପ୍ରେମୀମାନଙ୍କୁ ସ୍ୱାଗତ କରିଛି। ଆମ ରାଜ୍ୟର କାରିଗର ଏବଂ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ରୂପାନ୍ତରିତ ଏହି ଅନୁଷ୍ଠାନ ଶିକ୍ଷା ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି।

---

# କଟକ ସଦର ଥାନା ଅଞ୍ଚଳରେ ପବିତ୍ର ଇଦ-ଉଲ-ଫିତର ପାଳିତ

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅଞ୍ଚଳରେ ମୁସଲମାନ ଭାଇଭଉଣୀମାନଙ୍କର ପବିତ୍ର ପର୍ବ ଇଦ-ଉଲ-ଫିତର ପାଳିତ ହୋଇଯାଇଛି । ସଦର ଥାନା ନିକଟସ୍ଥ ପୀର ବଜାର, ବ୍ରାହ୍ମଣଝରିଲୋ ବସ୍ତି ଅଞ୍ଚଳ, କୁରାଙ୍ଗ ପ୍ରଧାନ ସାହି, ଗବବସ୍ତ, ସାଇଁଶୋ, ଫକୀରପଡା, ବୟାଳିଶ ମୌଜା, ରାଉତ୍ରାପୁର ସହିତ ବିଭିନ୍ନ ଅଞ୍ଚଳରେ ଇଦ ପର୍ବକୁ ବହୁତ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳନ କରାଯାଇଥିଲା । ସକାଳୁ ସକାଳୁ ନମାଜ ପାଇଁ ମସଜିଦ ଓ ଇଦଗାହ ମାନଙ୍କରେ ଭକ୍ତମାନଙ୍କର ଭିଡ଼ ଦେଖାଯାଇଥିଲା । ଇଦ ଅବସରରେ ବିଭିନ୍ନ ଅଞ୍ଚଳରେ ଘରେ ଘରେ ପାରମ୍ପରିକ ବ୍ୟଞ୍ଜନ, ସେମାଇ, ମିଠା ଏବଂ ଅନ୍ୟାନ୍ୟ ସୁସ୍ୱାଦିଷ୍ଟ ପଦାର୍ଥ ପ୍ରସ୍ତୁତ ହୋଇଥିବା ବେଳେ ପରିବାର ଓ ପଡ଼ୋଶୀମାନଙ୍କ ମଧ୍ୟରେ ଖୁସି ବଣ୍ଟନର ଚିତ୍ର ମଧ୍ୟ ଦେଖିବାକୁ ମିଳିଥିଲା । ଉତ୍ସବ ଅବସରରେ ସମାଜରେ ଭାଇଚାରା, ସହଯୋଗ ଓ ସଦ୍ଭାବନାକୁ ଆଉ ମଜବୁତ କରିବାର ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇଥିଲା ।

---

# ୭ ଡକାୟତ ଗିରଫ : ଖଣ୍ଡା, ଲୁହା ରଡ, ବୋମା ଜବତ





ପୁରୀ, (ସବ୍ୟୁ): ଡକାୟତ ପାଇଁ ଯୋଜନା ପ୍ରସ୍ତୁତି ଓ ଉଦ୍ୟମ ଅଭିଯୋଗରେ ବସେଲି ସାହି ଥାନା ରବିବାର ସାତ ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ କାଲି ବିଳମ୍ବିତ ରାତିରେ ଅପରାଧୀ ମାନେ ସ୍ଥାନୀୟ ମଶାଣି ଚଣ୍ଡୀ ଛକ ହରିଜନ ସାହି ନିକଟରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ ପାଣି ଟାଙ୍କି ପଛ ପଟେ ଥିବା ଏକ ପରିତ୍ୟକ୍ତ ଘରେ ଏକତ୍ରିତ ହୋଇ ସ୍ଥାନୀୟ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁ ଥିଲେ। ବିଶେଷ ସୂତ୍ରରୁ ଖବର ପୋଲିସ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା। ଚଡାଉ ବେଳେ ଅପରାଧୀ ମାନେ ପୋଲିସ ହାତରେ ଧରା ପଡ଼ି ଥିଲେ। ଗିରଫ ଅଭିଯୁକ୍ତ ମାନେ ହେଲେ ବାସେଲି ସାହି ଥାନା ଅଧୀନ ଗୋଖା ସାହିର ସୁବାସ ବେହେରା(୪୮), ମିଶ୍ର ନୋଳିଆ ସାହିର ସନ୍ତୁ ଓରଫ ମହେଶ୍ୱର ବେହେରା(୩୮), ବାବୁନା ଭୋଇ ଓରଫ ପିଣ୍ଟୁ (୨୧), ଗେଡା ଓରଫ ଶମ୍ଭୁ ଦାସ (୨୬), ମିଶ୍ର ନୋଳିଆ ସାହି ର ସିବୁନା ନାୟକ ଓରଫ ଉଣ୍ଟୁ (୨୩), ହରିଜନ ବସ୍ତିର ଖଗା ନାୟକ(୩୫) ଓ ଜଗନ୍ନାଥ ବସ୍ତିର ପିନୁ ଓରଫ ପିନାକୀ ବରାଳ (୨୯) । ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ ଗୋଟି ଖଣ୍ଡା, ୨ ଗୋଟି ଲୁହା ରଡ, ୧ ଗୋଟି ଜୀବନ୍ତ ବୋମା, ୫ ଗୋଟି ଖାଲି ବିଅର ବୋତଲ, ୧ ଗୋଟି ଦିଆସିଲ ପ୍ୟାକେଟ ଜବତ କରିଛି । ଏନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି ଥାନା ଅଧିକାରୀ ଅଭିନାଶ ରାଉତ ।

---

# ସଡକ ସୁରକ୍ଷା ,ସମସ୍ୟା ଓ ଯାତ୍ରୀଙ୍କ ସୁରକ୍ଷା ସଚେତନା କାର୍ଯ୍ୟକ୍ରମ

ବାରଙ୍ଗ,(ସବ୍ୟୁ): ଓଡ଼ିଶା ରେ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପରିବହନ ବିଭାଗ ନିୟମିତ ଭାବେ ସଚେତନତା କାର୍ଯ୍ୟକ୍ରମ ,ଶିବିର ଏବଂ ଶିକ୍ଷାମୂଳକ ଭିଡିଓ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନିୟମ ମାନିବାର ଅଭ୍ୟାସ ସୃଷ୍ଟି କରିବା ବିଭାଗର ମୁଖ୍ୟ ଲକ୍ଷ । ଯାହାକୁ ନେଇ ଶନିବାର ଦିନ ଦୁର୍ଘଟଣା ର କାରଣ ପଥ ସମୋହନ ହୋଇପାରେ ବୋଲି ନନ୍ଦନକାନନକୁ ଦୂରଦୂରାନ୍ତରୁ ଯାତ୍ରୀ ନେଇ ଆସିଥିବା ଚାଳକମାନଙ୍କୁ ନେଇ ଏକ ସଚେତନା କାର୍ଯ୍ୟକ୍ରମ ନନ୍ଦନକାନନ ବସଷ୍ଟାଣ୍ଡ ରେ କରାଯାଇଥିଲା । ଜରୁରୀ ସମୟରେ ଚାଳକ ତଥା ଯାତ୍ରୀମାନଙ୍କ ସୁରକ୍ଷା କିଭଳି କରାଯାଇପାରିବ ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ନନ୍ଦନ କାନନ ବସଷ୍ଟାଣ୍ଡରେ ଥିବା ପଶ୍ଚିମବଙ୍ଗ,ଝାଡ଼ଖଣ୍ଡ, ବିହାର , ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକ ନେଇ ଆସିଥିବା ଡ୍ରାଇଭରମାନଙ୍କୁ ଦୁର୍ଘଟଣାର କାରଣ ହୋଇପାରେ ପଥ ସମୋହନ ବୋଲି ଭୁବନେଶ୍ୱର ଆରଟିଓ -୨ ପକ୍ଷରୁ ବୁଝାଯାଇଥିଲ । ବିଭିନ୍ନ ସଡ଼କ ସୁରକ୍ଷା ସମସ୍ୟା, ପ୍ରତିରକ୍ଷାମୂଳକ ଡ୍ରାଇଭିଂ, ଜରୁରୀକାଳୀନ ସମୟରେ ଉପସ୍ଥିତ ବୁଦ୍ଧି ଦାରା ସମସ୍ତଙ୍କ ସୁରକ୍ଷା, ବସ୍ରେ ଥିବା ଅଗ୍ନିନିରାପତ୍ତା ଉପକରଣର ସଠିକ ବିନିଯୋଗ କରିବା ଆଦି ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ଅଧିକାରୀ । ଏହି କାର୍ଯ୍ୟକ୍ରମ ରେ ଭୁବନେଶର ଆର୍ଟିଓ -୨ ର ଏମଭିଆଇ ରବୀନ୍ଦ୍ର ନାଥ ଜେନା,ଟ୍ରାଫିକ ଇନ୍ସପେକଟର ସୁମନ୍ତ ପାତ୍ର ଏବଂ ଓମଭିଡ଼ି କର୍ମଚାରୀମାନେ ଉପସ୍ଥିତ ରହି ଚାଳକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ ଦେଇଥିଲେ ।

---

## ଆମେ କେନ୍ଦୁଝରିଆ' ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ

# କେନ୍ଦୁଝର ଫୁଲ ବଡ଼ି ଜିଆଇ ଟ୍ୟାଗ ପାଇଁ ଉଠିଲା ଦାବୀ

ଭୁବନେଶ୍ୱର, (ସବ୍ୟୁ) : ପଖାଳ ଉତ୍ସବରେ କେନ୍ଦୁଝର ବଡିର ଚର୍ଚ୍ଚା। କେବଳ ଚର୍ଚ୍ଚା ନୁହଁ କେନ୍ଦୁଝରର ଫୁଲ ବଡିର ଜିଆଇ ଟ୍ୟାଗ୍ ପାଇଁ ଉଠିଲା ଦାବି। ଆମେ କେନ୍ଦୁଝରିଆ' ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରରେ ପାଳିତ ହୋଇଯାଇଛି ପଖାଳ ଦିବସ।

ସ୍ଥାନୀୟ ୭ ମାଇଲ୍ସ ହୋଟେଲଠାରେ 'ଆମେ କେନ୍ଦୁଝରିଆ' ଅନୁଷ୍ଠାନର ଏହା ଥିଲା ପ୍ରଥମ ବୈଠକ । ବୈଠକରେ କେନ୍ଦୁଝରର ବିଭିନ୍ନ ବିକାଶ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି କେନ୍ଦୁଝରର ପାରମ୍ପରିକ 'ଫୁଲ ବଡି'କୁ ଜିଆଇ ଟ୍ୟାଗ ଉପରେ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା । ଉପସ୍ଥିତ ଥିବା ସଦସ୍ୟଗଣ ଏହାକୁ ସମର୍ଥନ



କରିଥିଲେ । ଏହାପରେ କେନ୍ଦୁଝରରେ ବିଭିନ୍ନ ଦର୍ଶନୀୟ ସ୍ଥାନର କିଭଳି ପ୍ରଚାର ପ୍ରସାର କରାଯାଇପାରିବ ଓ ଏହାସହ ସ୍ଥାନୀୟ ନିଯୁକ୍ତି କିପରି ବଢିପାରିବ ଏହା ଉପରେ ବିଶେଷ ଆଲୋଚନା ହୋଇଥିଲା । ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ କେନ୍ଦୁଝରର ସଂସ୍କୃତି ଓ ପରମ୍ପରାକୁ କିଭଳି ଭାବେ ଅଧିକରୁ ଅଧିକ ଜାଣିବେ ଏହା ଉପରେ ଆଲୋଚନା ହୋଇଥିଲା । ପ୍ରଥମ କରି ହୋଇଥିବା ଏହି ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନେ ସମସ୍ତେ ନିଜ ନିଜର ମତ ପୋଷଣ କରିଥିଲେ । ପଖାଳ ଉତ୍ସବରେ ସୁସ୍ୱାଦୁ ବ୍ୟଞ୍ଜନର ବ୍ୟବସ୍ଥା ହୋଇଥିଲା। ଏଥିରେ ସ୍ଥାନ ପାଇଥିଲା ଫୁଲ ବଡି। ଏହି ଅବସରରେ ତେଲକୋଇ ବିଧାୟକ ଡ଼ ଫକିର ଚରଣ ନାୟକ, ପୁଷ୍ପାଞ୍ଜଳି ପ୍ରଧାନ, ଗିରିଶ ଚନ୍ଦ୍ର ମହାନ୍ତ, ଡ଼ ସମନ୍ୱୟ ନନ୍ଦ, ସରୋଜ ବେହେରା, ଅନୁଜ ଦାସ, ଗୁରୁପଦ ନାଥ, ସନ୍ତୋଷ ମହାପାତ୍ର, ନେପୋଲିୟନ ମହାନ୍ତ, ମନୋଜ ନାଥ, ସୌମ୍ୟଜିତ ସିହ୍ନା, ଅରୁଣ ନାୟକଙ୍କ ସହ ବୈଠକରେ ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ ।



### ମୃତ ବ୍ୟକ୍ତିଙ୍କ ନାମରେ ଦୁଇଟି ଉତ୍ତରାଧିକାରୀ ପ୍ରମାଣପତ୍ର

# ଚଞ୍ଚକତା କରି ବିକ୍ରୀ କରିଦେଲେ କୋଟି, କୋଟି ଟଙ୍କାର ସମ୍ପତି

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ତହସିଲ ଅଧିନସ୍ଥ ଦଳେଇପୁଟ ଗ୍ରାମ ର କେଦାରେଶ୍ୱ ସମାନ୍ତରାୟ ଙ୍କ ର ଗତ ୨୦୧୭ ସେପ୍ଟେମ୍ବର ୧ ତାରିଖରେ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ନାମ ରେ ଥିବା କୋଟି କୋଟି ଟଙ୍କା ର ସମ୍ପତି କୁ ହାତେଇବା ପାଇଁ କେଦାରେଶ୍ୱର ଙ୍କ ପ୍ରଥମ ସ୍ତ୍ରୀ ଉତରାଧିକାରୀ ପ୍ରମାଣ ପତ୍ର ପାଇବା ନିମନ୍ତେ ୨୦୨୦ ମସିହାରେ ଆବେଦନ କରିଥିବା ବେଳେ ପ୍ରମାଣ ପତ୍ର ନଂ - ଇ-ଏଲ.ଏଚ.ସି./୧୨୦/୨୦୨୦ ରେ ଉତରାଧିକାରୀ ଭାବରେ କେଦାରେଶ୍ୱରଙ୍କ ମା କୁକୁମା ସାମନ୍ତରାୟ, ପ୍ରଥମ ସ୍ତ୍ରୀ ସୁଲଚନା ସାମନ୍ତରାୟ, ଦ୍ୱିତୀୟ ସ୍ତ୍ରୀ ରୀନା ରାଣୀ ସାମନ୍ତରାୟ, ଝିଅ ସସ୍ମିତା ସାମନ୍ତରାୟ, ରାସେଶ୍ୱରୀ ସାମନ୍ତରାୟ ଏବଂ ଚିନ୍ମୟୀ ସାମନ୍ତରାୟ ଙ୍କ ଉତରାଧିକାରୀ ପ୍ରମାଣ ପତ୍ର ରେ ଉଲ୍ଲେଖଥିଲା ।

ଦ୍ୱିତୀୟ ଉତରାଧିକାରୀ ପ୍ରମାଣ ପତ୍ର ନଂ - ଇ- ଏଲ.ଏଚ.ସି/୨୦୨୪/୧୦୪୩୦୮ ରେ କେଦାରେଶ୍ୱରଙ୍କ ପ୍ରଥମ ପତ୍ନୀ ସୁଲୋଚନା ସାମନ୍ତରାୟ ଏବଂ ଝିଅ ସସ୍ମିତା ସାମନ୍ତରାୟ ଙ୍କ ନାମ ଉଲ୍ଲେଖ ରହିଛି । ଚଂଚକତା କରି ଦ୍ୱିତୀୟ ଉତରାଧିକାରୀ ପ୍ରମାଣ ପତ୍ର ହାତେଇବା ପରେ କେଦାରେଶ୍ୱର ଙ୍କ ର ପ୍ରଥମ ସ୍ତ୍ରୀ ସୁଲୋଚନା ଏବଂ ଝିଅ ସସ୍ମିତା ଭୁବନେଶ୍ୱର ତହସିଲ ଅଧିନସ୍ଥ ପାଇକରାପୁର ମୌଜାରେ ଥିବା ଖାତା ନଂ -୪୫୬/୧୨୯୧, ପ୍ଲଟ ନଂ -୭୨୦, ଏ୦.୧୦୮ ଡିସିମିଲ ଏବଂ ଖାତା ନଂ -୪୫୬/୧୪୬୯, ପ୍ଲଟ ନଂ -୬୩୬, ଏ.୦.୨୨୪ ଡିସିମିଲ ଜମି କୁ କେଦାରେଶ୍ୱର ଙ୍କ ଦ୍ୱିତୀୟ ସ୍ତ୍ରୀ ଏବଂ ତାଙ୍କ ମା କୁକୁମା ଙ୍କ ଅଜ୍ଞାତ ସାରରେ ସାମାମ ନାଗର, ଭରତପୁର, ଭୁବନେଶ୍ୱର ଙ୍କୁ ଆର. ଏସ.ଡି. ନଂ-୧୧୧୩୨୪୦୭୬୩୯, ତା - ୩୧.୦୮.୨୦୨୪ ମସିହାରେ ବିକ୍ରୀ କରି ଦେଇଛନ୍ତି ।

ସେହି ବିକ୍ରୀ କବଲା ରେ ଚିହ୍ନଟକାରୀ ଭାବରେ ଜନ୍ମଜେୟ ପରିଡ଼ା ରହିଛନ୍ତି । ପୁନର୍ବାର କେଦାରେଶ୍ୱରଙ୍କ ପ୍ରଥମ ସ୍ତ୍ରୀ ସୁଲୋଚନା ଏବଂ ଝିଅ ସସ୍ମିତା ଆଉ ଏକ ଆର.ଏସ.ଡି.ନଂ -୧୧୧୩୨୫୦୧୧୭୬, ତା - ୩୧.୦୧.୨୦୨୫ ରିଖ ରେ କେଦାରେଶ୍ୱର ଙ୍କ ନାମ ରେ ଥିବା ଆଉ ଏକ ଜମି କୁ ଆଶାରାଣୀ ଦକ୍ଷିଣରାୟ ଏବଂ ତାପସ କୁମାର ପଣ୍ଡା ଙ୍କୁ ବିକ୍ରୀ କରିଦେଇଥିବାବେଳେ ଚିହ୍ନଟକାରୀ ଭାବରେ ପ୍ରଦୀପ୍ତ ସାମନ୍ତ ସିଂହାର ରହିଛନ୍ତି । ଫଳରେ ପ୍ରକୃତ ଉତରାଧିକାରୀ ଙ୍କୁ ଉତରାଧିକାରୀ ପ୍ରମାଣ ପତ୍ର ରେ ବାଦ ଦେଇ ଚଂଚକତା ଏବଂ ମିଥ୍ୟା ତଥ୍ୟ ପ୍ରଦାନ କରି ଉତରାଧିକାରୀ ପ୍ରମାଣ ପତ୍ର ହାତେଇ ସ୍ୱର୍ଗତ କେଦାରେଶ୍ୱରଙ୍କ ସମ୍ପତି ଅନ୍ୟଙ୍କୁ ବିକ୍ରୀ କରି ଦେଇଥିବା ତାଙ୍କର ପ୍ରଥମ ପତ୍ନୀ ସୁଲଚନା, ଝିଅ ସସ୍ମିତା, ଉକ୍ତ ଜମି କୁ କ୍ରୟ କରିଥିବା ବ୍ୟକ୍ତି ଏବଂ ଚିହ୍ନଟକାରୀ ଙ୍କ ବିରୋଧ ରେ ତାଙ୍କ ଦିତ୍ୱୀୟ ପତ୍ନୀ ଙ୍କ ଝିଅ ଚିନ୍ମୟୀ ଏବଂ ରାସେଶ୍ୱରୀ ଭୁବନେଶ୍ୱର ସିଭିଲ ଜଜ ସିନିୟର ଡିଭିଜନ ଙ୍କ ଅଦାଲତ ରେ ଏକ ମାମଲା ସି. ଏସ. ନଂ-୮୯୦/୨୦୨୫ ରେ ଏକ ମାମଲା ରୁଜ୍ଜୁ କରିଛନ୍ତି ।

### ଆଇଆଇଟି ବମ୍ବେରେ ‘ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରି-ସମିଟ୍

# ‘ଡିପ୍-ଟେକ୍’ ଇନୋଭେସନକୁ ବିଶ୍ୱ ଦରବାରରେ ପହଞ୍ଚାଇବ ‘ଭାରତ ଇନୋଭେଟ୍ସ’ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ‘ଭାରତ ଇନୋଭେଟ୍ସ’ ଆମ ଦେଶର ‘ଡିପ୍-ଟେକ୍’ ଇନୋଭେସନକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ରବିବାର ଆଇଆଇଟି ବମ୍ବେ ପରିସରରେ ଆୟୋଜିତ ‘ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରି-ସମିଟ୍ - ୨୦୨୬’ ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ ‘ଭାରତ ଇନୋଭେଟ୍ସ ୨୦୨୬’ ସମ୍ମିଳନୀ ପୂର୍ବରୁ ଏହି ଦୁଇ ଦିନିଆ ପ୍ରି-ସମିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଉଭା ହୋଇଛି । କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ଶିକ୍ଷ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ନିବେଶକମାନଙ୍କ ସହ ଏକ ଗୋଲଟେବୁଲ ବୈଠକରେ ଆଲୋଚନା କରିଥିଲେ । ଡିପ୍-




ଟେକ୍ କ୍ଷେତ୍ରରେ ନବସୃଜନ, ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଭାରତର ଗବେଷଣା-ଭିତ୍ତିକ ଉଦ୍ୟୋଗୀକରଣ ଏବଂ ନବସୃଜନ ଶକ୍ତିର ଉଚ୍ଚ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶିକ୍ଷା ମନ୍ତ୍ରଣାଳୟର ନେତୃତ୍ୱରେ ‘ଭାରତ ଇନୋଭେଟ୍ସ’ର ଲକ୍ଷ୍ୟ ହେଉଛି ଦେଶର କୋଣ ଅନୁକୋଣରେ ଥିବା ଗବେଷଣା ଏବଂ ବିକାଶ(ଆର୍ ଆଣ୍ଡ ଡି) ଭିତ୍ତିକ ନବସୃଜନକୁ ବିଶ୍ୱ ଦରବାରକୁ ନେବା । ଏହା ମାଧ୍ୟମରେ ଭାରତର ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରାଯିବା ସହ ବିଶ୍ୱସ୍ତରୀୟ ସହଭାଗିତା ଏବଂ ନିବେଶର ସୁଯୋଗ ସୃଷ୍ଟି ହୋଇପାରିବ । “ଭାରତ ଇନୋଭେଟ୍ସ ୨୦୨୬ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଭାରତର ପ୍ରତିଭାଶାଳୀ ଯୁବକମାନଙ୍କୁ ବିଶ୍ୱ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାର ଏକ ସଂକଳ୍ପ । ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଆଜି କେବଳ ପରୀକ୍ଷା ନୁହେଁ, ବରଂ ସମାଜରେ ପରିବର୍ତ୍ତନ ଆଣିବା ଭଳି ପ୍ରତିଭା ସୃଷ୍ଟି କରୁଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏହି ଡିପ୍-ଟେକ୍ ଉଦ୍ୟୋଗୀମାନଙ୍କର ପ୍ରମୁଖ ଭୂମିକା ରହିବ ।

ଶ୍ରୀ ପ୍ରଧାନ ସେଠାରେ ଆୟୋଜିତ ଷ୍ଟାର୍ଟଅପ୍ ପ୍ରଦର୍ଶନୀ ବୁଲି ଦେଖିବା ସହ ଉର୍ଜା, ଜଳବାୟୁ ସ୍ଥାୟୀତ୍ୱ, ସେମିକଣ୍ଡକ୍ଟର, ମହାକାଶ ଏବଂ ପ୍ରତିରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବାୟୋଟେକ୍ନୋଲୋଜି ଭଳି ବିଭିନ୍ନ କ୍ଷେତ୍ରର ନବସୃଜନକାରୀଙ୍କ ସହ ମତ ବିନିମୟକରିଥିଲେ । ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ବାସ୍ତବ ଦୁନିଆର ସମସ୍ୟା ସମାଧାନ ପାଇଁ ଥିବା ଗଭୀରତା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ, ଦେଶର ୩୦୦୦ ରୁ ଅଧିକ ଆବେଦନ ମଧ୍ୟରୁ ମନୋନୀତ ୧୩୭ଟି ଶ୍ରେଷ୍ଠ ଡିପ୍-ଟେକ୍ ଷ୍ଟାର୍ଟଅପ୍ ଏହି ପ୍ରି-ସମିଟ୍‌ରେ ସାମିଲ ହୋଇଛନ୍ତି ।

## ଯାତ୍ରୀବାହୀ ବସ ଦୁର୍ଘଟଣା: ୪ ଆହତ

ବାଲେଶ୍ୱର (ସବ୍ୟୁ): ବାଲେଶ୍ୱର ୧୬ ନଂ ଜାତୀୟ ରାଜପଥର ବସ୍ତା ଥାନା ଭେଲୋରା ଛକ ନିକଟରେ ରବିବାର ଦିନ ଏକ ଯାତ୍ରୀବାହି ବସ ଦୁର୍ଘଟଣାଗ୍ରସ୍ତ ହୋଇଛି ।ଫଳରେ ୪ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ଭେଲୋରା ଗ୍ରାମର ପଦ୍ମଲୋଚନ ସାହୁଙ୍କ ପୁତ୍ର ଅଭିଜିତ(୧୬) ନିଜ ଘରୁ ବାହାରି ଅମର୍ଦା ରୋଡସ୍ଥିତ ହଷ୍ଟେଲକୁ ସାଇକେଲ ଯୋଗେ ଯାଉଥିବା ସମୟରେ ଭେଲୋରା ଛକ ନିକଟରେ ଦିଘାରୁ ବାଲେଶ୍ୱର ଅଭିମେଖେ ଯାଉଥିବା ନୁରାନି ନାମକ ବସ ( ନଂ ଓଡି ୦୧ଏକ୍ସ ୫୭୫୫) ଭାରସାମ୍ୟ ହରାଇ ଅଭିଜିତଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ପରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ କଣ୍ଟେନେରକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଅଭିଜିତଙ୍କ ସମେତ ବସରେ ଥିବା ୨୨ଜଣ ଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଆହତ ହୋଇଥିଲେ ।ସମସ୍ତଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା । ଖବର ପାଇ ଜାତୀୟ ରାଜପଥ ପହରା ପୋଲିସ ଓ ଜାତୀୟ ରାଜପଥ କର୍ମଚାରୀ ପହଞ୍ଚି ଦୁର୍ଘଟଣା ଘଟଇଥିବା ବସକୁ ରାଜପଥ ପାର୍ଶ୍ୱକୁ ହଟାଇଥିଲେ । କିଛି ସମୟ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ବସ୍ତା ଥାନା ପୋଲିସ ପହଞ୍ଚି ବସ ଓ ସାଇକେଲକୁ ଜବତ କରି ଅଧିକ ତଦନ୍ତ ଜାରିରଖିଛି ।

### ଜେଏନୟୁ ଓଡ଼ିଶା ଆଲୁମୁନି ସଂଘର ବାର୍ଷିକ ସମ୍ମିଳନୀ

# ଆଗାମୀ ପିଢ଼ିକୁ ମାର୍ଗଦର୍ଶନରେ ପୁରାତନ ଛାତ୍ର ସଂଘର ବିଶେଷ ଭୂମିକା ରହିଛି : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ବିଶେଷ ଭୂମିକା ରହିଛି ଏବଂ ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଓ ଦୃଷ୍ଟିକୋଣ ଯୁବ ଛାତ୍ରଛାତ୍ରୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଓୟୁଏଟିର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜେଏନୟୁ ଓଡ଼ିଶା ଆଲୁମୁନି ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ବାର୍ତ୍ତା ଦେଇଛନ୍ତି ଓ ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଦଶନ୍ଧି ଦଶନ୍ଧି ଧରି ଭାରତର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇଛି । ଏହା କେବଳ ଶିକ୍ଷାଗତ ଶ୍ରେଷ୍ଠତ୍ୱ ପାଇଁ ନୁହେଁ ବରଂ ସମାଲୋଚନାତ୍ମକ ଚିନ୍ତାଧାରା, ବିଚାରର ଉନ୍ମୁକ୍ତତା ଏବଂ ଗଭୀର ସାମାଜିକ ଦାୟିତ୍ୱବୋଧ ପାଇଁ ମଧ୍ୟ ପରିଚିତ। ଜେଏନୟୁ ସର୍ବଦା ଛାତ୍ରଛାତ୍ରୀମାନଙ୍କୁ ପ୍ରଶ୍ନ କରିବା, ଚିନ୍ତନ କରିବା ଏବଂ ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ି ହେବାକୁ ପ୍ରୋତ୍ସାହିତ କରିଆସିଛି । ଏହି ଗୁଣାବଳୀ



ଯେକୌଣସି ମହାନ ପ୍ରତିଷ୍ଠାନର ପ୍ରକୃତ ଶକ୍ତି ଏବଂ ଜେଏନୟୁ ଏହାକୁ ନିରନ୍ତର ବଜାୟ ରଖିଆସିଛି ।

ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଜେଏନୟୁର ପୂର୍ବତନ ଛାତ୍ରଛାତ୍ରୀମାନେ ଏହି ସମୃଦ୍ଧ ଐତିହ୍ୟର ସାକ୍ଷୀ ସ୍ୱରୂପ । ବିଶ୍ୱବ୍ୟାପୀ ଜେଏନୟୁ ସ୍ନାତକମାନେ ବିଭିନ୍ନ କ୍ଷେତ୍ର ଯଥା ଶିକ୍ଷା, ଲୋକ ସେବା, ଲୋକନୀତି, ବିଜ୍ଞାନ, ଗଣମାଧ୍ୟମ, ସାହିତ୍ୟ, କୂଟନୀତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ସେମାନଙ୍କର ସଫଳତା କେବଳ ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ନୁହେଁ ବରଂ ବୃହତ୍ତର ସାମାଜିକ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ଗୋଷ୍ଠୀ ରାଷ୍ଟ୍ର ନିର୍ମାଣ, ବିଚାରଧାରା ଗଠନ ଏବଂ ଜାତୀୟ ତଥା ଆନ୍ତର୍ଜାତିୟସ୍ତରରେ ଅଗ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛନ୍ତି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ଓଡ଼ିଶାରେ ଏପରି ଏକ ପ୍ରତିଷ୍ଠିତ ଏବଂ ଜୀବନ୍ତ ପୂର୍ବତନ ଛାତ୍ର ସଂଘର ଉପସ୍ଥିତି ଗର୍ବର ବିଷୟ ବୋଲି ରାଜ୍ୟପାଳ କହିଥିଲେ । ସେମାନଙ୍କ ଭଳି ପୂର୍ବତନ ଛାତ୍ର ସଂଘ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରେ । ଏହି ସଂଘ ସହଯୋଗ, ମାର୍ଗଦର୍ଶନ ଏବଂ ସେବା ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଅଭିଜ୍ଞତା ଓ ଆକାଂକ୍ଷା, ଜ୍ଞାନ ଓ ଉର୍ଜାକୁ ଏକତ୍ରିତ କରେ । ପୂର୍ବତନ ଛାତ୍ର ସଂଘର ସଦସ୍ୟମାନଙ୍କୁ ରାଜ୍ୟର ବିକାଶରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଓଡ଼ିଶାର ମୁଖ୍ୟ ସୂଚନା କମିଶନର ମନୋଜ କୁମାର ପରିଡ଼ା ଓ ଓୟୁଏଟିର କୁଳପତି ଡ଼. ପ୍ରଭାତ କୁମାର ରାଉଳ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ଼. ମାନସ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ଅତିଥିଙ୍କ ଦ୍ୱାରା ସଂଘର ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା ।

## ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇ ୨୦ ଲକ୍ଷ ଟଙ୍କାର ଗହଣା, ନଗଦ ଟଙ୍କା ଲୁଟ୍

ଭୁବନେଶ୍ୱର,(ସବ୍ୟୁ : ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍ ନେଲେ ଲୁଟେରା । ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୋଲିସ୍ ସନ୍ଧାନୀ କୁକୁର ଓ ସାଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି ଗ୍ରାମରେ ସୁଶାନ୍ତ ବାରିକଙ୍କ ଘର । ଶନିବାର ରାତିରେ ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ଲୁଟେରାମାନେ ବାଡି କବାଟ ତାଡି ଘର ଭିତରକୁ ପଶିଥିଲେ । ସ୍ୱାମୀ-ସ୍ତ୍ରୀ ଶୋଇଥିବା ଘରକୁ ବାହାରପଟୁ ତାଲା ପକାଇଥିଲେ । ଏହାପରେ ସେମାନେ ଘର ଭିତରେ ଖୋଜ ଖବର କରିଥିଲେ । ଆଲମାରୀ, ଆଲେଣା ଡ୍ର ଓ ଅନ୍ୟାନ୍ୟ ସ୍ଥାନକୁ ଖୋଜି ନଗଦ ୭୦ ହଜାର ଟଙ୍କା ୨୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ସୁଶାନ୍ତ ଅଭିଯୋଗ କରିଛନ୍ତି । ସୁଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କ କହିବା କଥା ଘରେ କାମ ହେଉଥିବାରୁ ବ୍ୟାଙ୍କରୁ ଟଙ୍କା ଉଠାଇ ଆଣିଥିଲେ । ଆଜବେଷ୍ଟସ କିଣିବା ପରେ ଅବଶିଷ୍ଟ ୭୦ ହଜାର ଟଙ୍କା ଘରେ ଥିଲା । ଏସମ୍ପର୍କରେ କେହି ଜାଣିଥିବା ଲୋକଙ୍କ ସୂଚନା ଅନୁଯାୟୀ ଲୁଟ୍ ପାଟ୍ ହୋଇଛି ବୋଲି ସୁଶାନ୍ତ କହିଛନ୍ତି । ଗହଣା ମଧ୍ୟରେ ଗୋଟିଏ ଚେନ, ଦୁଇଟି ହାର, କାନଫୁଲ ୪ ହଳ, ବାଉଟି ଦୁଇ ହଳ, ପଲ୍ଲା ଦୁଇ ହଳ ଓ ହାତମୁଦି ସମେତ ଅନ୍ୟାନ୍ୟ ଗହଣା ଲୁଟ୍ ହୋଇଥିବା ସୁଶାନ୍ତ ତାଙ୍କ ଏତଲାରେ ଦର୍ଶାଇଛନ୍ତି । ସକାଳୁ ଉଠିବା ପରେ ସ୍ୱାମୀ-ସ୍ତ୍ରୀ ଘରର ଅବସ୍ଥା ଦେଖିବା ସହ ବାଡି କବାଟ ହୋଇଥିବା ଦେଖିଥିଲେ । ଗହଣା ଓ ଟଙ୍କା ପ୍ରଭୃତି ଲୁଟ୍ ହୋଇଥିବା ଖୋଜ ଖବର ଜାଣିବା ପରେ ଏୟାରଫିଲ୍ଡ ଥାନାକୁ ଯାଇ ଏତଲା କରିଥିଲେ ସୁଶାନ୍ତ । ତାଙ୍କ ଏତଲା ଆଧାରରେ ପୋଲିସ୍ ସାଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ସାଙ୍ଗରେ ନେଇ ତଦନ୍ତ ଆରମ୍ଭ କରିଛି । ସ୍ୱାମୀ-ସ୍ତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଅନ୍ୟ କେତେକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା ପୋଲିସ୍ । ଦୀର୍ଘ ୪୦ ମିନିଟ୍ ଧରି ଘଟଣାସ୍ଥଳରେ ତଦନ୍ତ କାର୍ଯ୍ୟ କରାଯାଇଥିଲା ।

# ମାଟ୍ରିକ ମୂଲ୍ୟାୟନ ପ୍ରକ୍ରିୟାରେ ଅବ୍ୟବସ୍ଥା, ତିନି ଦିନ ଧରି ଶିକ୍ଷକ ଯାଇନାହାନ୍ତି ମୂଲ୍ୟାୟନ କେନ୍ଦ୍ର

କଟକ, (ସବ୍ୟୁ)ମାଟ୍ରିକ ମୂଲ୍ୟାୟନ ପ୍ରକ୍ରିୟାରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବିଭିନ୍ନ କେନ୍ଦ୍ରରେ ଖାତା ଦେଖା ପାଇଁ ନିୟୋଜିତ ହୋଇଥିବା ଶିକ୍ଷକ ବା ପରୀକ୍ଷକ ତିନି ଦିନ ପରେ ବି କେନ୍ଦ୍ରକୁ ଯାଇନାହାନ୍ତି । ଯେଉଁଥି ପାଇଁ ସେମାନଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚିଠି କରାଯାଇଛି । ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ବିକଳ୍ପ ବ୍ୟବସ୍ଥା କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି । ମୂଲ୍ୟାୟନ ପ୍ରକ୍ରିୟାର ଆରମ୍ଭରୁ ଏଭଳି ଅବ୍ୟବସ୍ଥାକୁ ନେଇ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମୂଲ୍ୟାୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିର୍ଦ୍ଧାରିତ ସମୟରେ ଏହା ଶେଷ ହେବ କି ନାହିଁ ସେଥିନେଇ ଆଶଙ୍କା ଦେଖା ଦେଇଛି ।

ଚଳିତବର୍ଷ ରାଜ୍ୟର ୫ ଲକ୍ଷ ୬୨ ହଜାର ୬୧୨ ଛାତ୍ରଛାତ୍ରୀଙ୍କୁ ନେଇ ୩୦୮୨ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହୋଇଥିଲା । ପ୍ରାୟ ୯ ହଜାର ୯୩୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ । ମାର୍ଚ୍ଚ ୨ରେ ପରୀକ୍ଷା ସରିବା ପରେ ୧୯ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ୫୧ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ ହଜାର ଶିକ୍ଷକ ଖାତା ଦେଖିବାକୁ ନିୟୋଜିତ ହୋଇଛନ୍ତି । ଏପ୍ରିଲ ୨ ତାରିଖ ସୁଦ୍ଧା ଅର୍ଥାତ ୧୫ଦିନ ମଧ୍ୟରେ ଖାତାଦେଖା ସାରିବାକୁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ପରୀକ୍ଷକ, ଉପ ମୁଖ୍ୟ ପରୀକ୍ଷକ, ସହକାରୀ ନିରୀକ୍ଷକଙ୍କ ସମେତ ନିୟୋଜିତ ଥିବା ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ପାଇଁ ମାର୍ଗଦର୍ଶିକା ଜାରି କରାଯିବା ସହ ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଥିଲା । ସେମାନେ ୧୮ ତାରିଖ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିଲା; କିନ୍ତୁ ବହୁ ମୂଲ୍ୟାୟନ କେନ୍ଦ୍ରରେ ନିୟୋଜିତ ପରୀକ୍ଷକ ବା ଶିକ୍ଷକ ଆଜି ପର୍ଯ୍ୟନ୍ତ କେନ୍ଦ୍ରକୁ ଯାଇନାହାନ୍ତି । ସେମାନେ ଅନୁପସ୍ଥିତ ରହିବା ଯୋଗୁଁ ପରୀକ୍ଷା ଖାତା ଦେଖାରେ ବାଧା ଉପୁଜିଛି । ତେଣୁ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୋର୍ଡ ପକ୍ଷରୁ ଚିଠି କରାଯାଇଛି । ଏଥିସହ କିଭଳି ସୁରୁଖୁରୁରେ ଖାତା ଦେଖା ହୋଇପାରିବ ସେଥିନେଇ ବ୍ୟବସ୍ଥା କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି ।

## ଶ୍ରୀରାମ ଉତ୍ସବ ଅନୁଷ୍ଠିତ

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ଼ ନମ୍ବର ୨୧ କୁଦିଆରୀ ରଙ୍ଗଣୀସାହି ଠାରେ ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ ଶ୍ରୀରାମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ସନ୍ଥ ବାବାଜୀ ମହାରାଜ, ବିଶ୍ୱ ହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡର ସଭାପତି ରମେଶ ଚନ୍ଦ୍ର ଦାସ, ନରେନ୍ଦ୍ର ସାହୁ, ଡ ସୁକାନ୍ତି ମହାପାତ୍ର ରାମଲୀଲା କମିଟି ସଦସ୍ୟ ଶିବ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶରତ କୁମାର ରେଡ଼ି, ସଞ୍ଜୟ ବରୀଶଳ ପ୍ରମୁଖ ପରିଚାଳନା କରିଥିଲେ । ଶ୍ରୀରାମ କଥା ଚରିତ ଶ୍ରବଣ କରିବାକୁ ବହୁ ମହିଳା ଓ ପୁରୁଷ ମନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ସୁରଭି ଅନୁଷ୍ଠାନ ସଦସ୍ୟା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ୧୫ ଗ୍ରାମ ବ୍ରାଉନସୁଗର ଜବତ : ୪ ବେପାରୀ ଗିରଫ

ପୁରୀ, (ସବ୍ୟୁ): ଅପରେସନ ଚକ୍ର ଅଭିଯାନରେ ପୁଣି ୪ ଜଣ ପେଷାଦାର ବ୍ରାଉନ ସୁଗାର ବେପାରୀଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ପରିଚୟ ହେଲା ଲିପୁ ଓରଫ ଜ୍ୟୋତି ରଞ୍ଜନ ଶତପଥୀ (୩୧) ମାଟିମଣ୍ଡପ ସାହୀ, ପୁରୀ ।ଗୁଡୁ ଓରଫ ରାକେଶ ସାହୁ (୨୫), ବିଦ୍ୟାଧର ସାହୁ, ମିଶ୍ରସାହି, ମାର୍କଣ୍ଡେଶ୍ୱର ସାହି,ପୁରୀ, ବିଭୁ ଓରଫ ବିଶ୍ୱଜିତ ନାୟକ (୨୩), ଧୀର ନାୟକ, ମଶାଣଚଣ୍ଡି ଛକ, ପୁରୀ, ହିମାଂଶୁ ଶେଖର ନାୟକ (୨୦), ଚମାଖଣ୍ଡି, ଗଞ୍ଜାମ ଅଟନ୍ତି । ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କ ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ କୁସୁନୁ ଖୁଣ୍ଟିଆ ଜାଗା ପାଖରେ ଜଣେ ଆନ୍ତଃଜିଲ୍ଲା ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର ବିକିବା ପାଇଁ ତିନି ଜଣ ସ୍ଥାନୀୟ ବେପାରୀଙ୍କ ସହ ମୁଲଚାଲ କରୁଥିଲା । ବିଶେଷ ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସର ଏକ ଟିମ୍ ଅତର୍କିତ ଭାବେ ଘଟଣାସ୍ଥଳରେ ଚଢାଉ କରି



ଥିଲା । ଚଢାଉ ବେଳେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଥିଲା । ପୋଲିସ ସେମାନଙ୍କ ଠାରୁ ୧୫.୫୦ ଗ୍ରାମ୍ ବ୍ରାଉନ ସୁଗାର , ୪ ଗୋଟି ମୋବାଇଲ ଫୋନ୍, ୩, ୮୦୦ ଟଙ୍କା, ଗୋଟିଏ କେଟିଏମ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରିଛି । ରବିବାର ଅପରାହ୍ନରେ ସେମାନଙ୍କୁ ମାନ୍ୟବର ଜିଲ୍ଲା ଜଜ୍, ପୁରୀଙ୍କ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମାଞ୍ଜୁର କରିବାରୁ ପୋଲିସ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ବ୍ରାଉନ ସୁଗାର କାରବାର କେସ ସମେତ ଦାଦାବଟି, ଚୋରି, ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ଅପରାଧିକ ମାମଲା ବିଭିନ୍ନ ଥାନାରେ ରହିଛି ।

### ଚଣ୍ଡିଖୋଲ ଆରଟିଓ ପକ୍ଷରୁ ସଚେତନତା ଓ ସ୍ୱତନ୍ତ୍ର ଗାଡି ଯାଞ୍ଚ

# ଦୁଇ ଦିନରେ ୬ଲକ୍ଷ ୪୩ ହଜାରରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ

ଚଣ୍ଡିଖୋଲ, (ସବ୍ୟୁ) ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପରିବହନ ବିଭାଗ ପକ୍ଷରୁ ଶନିବାର ଠାରୁ ରାଜ୍ୟସାରା ସ୍ୱତନ୍ତ୍ର ଭାବେ ଗାଡି ମଟର ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଉଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ମଧ୍ୟ ୪ଟି ଥାନା ଅଧିନରେ ରାସ୍ତା ଉପରେ ଗାଡି ଯାଞ୍ଚକୁ କଡାକଡି କରାଯିବା ସହିତ ଗାଡି ମାଲିକ ଓ ଚାଳକ ମାନଙ୍କୁ ସଡକ ସୁରକ୍ଷା ନିୟମ ପାଳନକରି ରାସ୍ତାରେ ଗାଡି ମଟର ଚଳାଇବାକୁ ସଚେତନ କରାଯାଇଛି! ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନଙ୍କୁ ସାଥିରେ ନେଇ ଚଣ୍ଡିଖୋଲ ଆରଟିଓ ଶିଶିରକୁମାର ସାହୁ ଚଣ୍ଡିଖୋଲ ବଜାର,ବଡଚଣା ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବା ସହ କଡାକଡି ଗାଡି ଯାଞ୍ଚ କରିଥିଲେ!ଯେଉଁମାନେ ନିୟମ ମାନି ଗାଡି ଚାଳନା କରୁଥିଲେ ସେମାନଙ୍କୁ ଆରଟିଓ



କର୍ମଚାରୀ ମାନେ ଗୋଲାପ ଫୁଲ ଦେଉଥିଲା ବଳେ ଅମାନିଆ ଗାଡି ଚାଳକ ମାନଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇ ସଚେତନ କରାଯାଉଥିବା ଦେଖାଯାଇଥିଲା । ତେବେ ଗୋଟିଏ ଦିନରେ ଅମାନିଆ ଗାଡି ଚାଳକ ଓ ସଠିକ କାଗଜ ପତ୍ର ନଥାଇ ରାସ୍ତାରେ ଚାଲୁଥିବା ପ୍ରାୟ ୬୯ଟି ଗାଡି ମଟର ଠାରୁ ଦୁଇ ଦିନରେ ୬ ଲକ୍ଷ ୩୩ ହଜାର ୬୫୦ ଟଙ୍କା ଯୋରୀମାନା ଇଦାୟ କରିଯାଇଥିଲା! ୩୧ଟି ବିନା ହେଲମେଟରେ ମୋଟର ସାଇକେଲ ଚାଳନା,୪ଟି ମାଲବୁହା ଗାଡିରେ ଯାତ୍ରୀ ପରିବହନ,ଇନସୁରାନ୍ସ ନଥିବା ୧୫ଟି ଗାଡି, ବିପଦପୂର୍ଣ୍ଣ ଓ ଦୃତ ବେଗରେ ଚଲୁଥିବା ୧୫ଟି ଗାଡି,ବିନା ସିଟବେଲ୍ଟ ଓ ବିନା ଫିଟନେସରେ ଚାଲୁଥିବା ୪ଟି ଗାଡି ଠାରୁ ପ୍ରଥମ ଦିନ ୧ ଲକ୍ଷ ୮୩ ହଜାର ୬୫୦ ଟଙ୍କା ଯୋରୀମାନା ଆକାରରେ ଆଦାୟ ହୋଇଥିବା ବେଳେ ଦିତୀୟ ଦିନରେ ୯୧ ଟି ଗାଡିରୁ ୪ ଲକ୍ଷ ୫୦ ହଜିର ଟଙ୍କା ଯୋରୀମାନା ଆଦାୟ ହୋଇଥିବା ଜଣାପଡିଛି । ଏହି ସଚେତନତା ଓ ଗାଡି ଯାଞ୍ଚ କାର୍ଯ୍ୟକ୍ରମରେ ଚଣ୍ଡିଖୋଲ ଆରଟିଓଙ୍କ ସହ ଟିଆଇ ଯୁଗଳକିଶୋର ତିରିଆ,ଜୁନିୟର ଏମଭିଆଇ ଅବିନାଶ ସ୍ୱାଇଁ,ସ୍ୱାତୀ ସ୍ୱାଗତୀକା, ବରିଷ୍ଠ ନାଗରିକ ମଞ୍ଚ ସମାପତି ଶେଷଦେବ ନାୟକ,ସମ୍ପାଦକ ଲଖମିଧର ସାହାଣି, ବଡଚଣା ଥାନା ଅଧିକାରୀ,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।

### ଜମିଜମା ବିବାଦକୁ କେନ୍ଦ୍ରକରି ବୈରୀ ଅଞ୍ଚଳରେ ହତ୍ୟାକାଣ୍ଡ

# ୧୨ ଘଣ୍ଟା ମଧ୍ୟରେ ଦୁଇ ଅଟକ, ୫୦ଲକ୍ଷ କ୍ଷତିପୂରଣ ଦାବି

ଛତିଆ/ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ସାବୋ ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି । ବୈରୀ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ହେବାପରେ ଯାଜପୁରରୋଡ ପୋଲିସ ଏସଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଘଟଣାର ୧୨ ଘଣ୍ଟା ମଧ୍ୟରେ ସଂପୃକ୍ତ ଜଣେ ଅଭିଯୁକ୍ତ ସହିତ ଦୁଇଜଣଙ୍କୁ ପୋଲିସ ଉଠାଇ ଆଣି ଥାନାରେ ଅଟକରଖି ପଚରା ଉଚରା କରୁଛି । ହତ୍ୟା କାଣ୍ଡର ଶିକାର ହୋଇଥିବା ବ୍ୟକ୍ତିଙ୍କ ନାମ ବାଇଧର ସେଠୀ ବୋଲି ଜଣାପଡିଛି । ପ୍ରାପ୍ତ ସୂଚନା ଓ ଥାନାରେ ଦାୟର ଏତଲା ଅନୁଯାଇ ବୈରୀ ଥାନା ସାବୋ ଗ୍ରାମର ବାଇଧର ସେଠୀ ଓ ପାର୍ଥସାରଥୀ ମହାନ୍ତିଙ୍କ ପରିବାର ମଧ୍ୟରେ ଜମିଜମା ବିବିଦକୁ ନେଇ ଦୀର୍ଘ ଦିନହେବ ତିକ୍ତତା ଲାଗିରହିଥିଲା । ତେବେ ଏହି ବିବାଦର ସମାଧାନ ପାଇଁ ମାର୍ଚ୍ଚ ୨୨ ତାରିଖକୁ ଦିନଧାର୍ଯ୍ୟ ହୋଇଥିଲା ଓ ଏହି ବିବାଦର ସମାଧାନ ପାଇଁ ଅହମଦପୁର ଗ୍ରାମର ବିନୋଦ ବଳ ମଧ୍ୟସ୍ତି ରହିଥିଲେ । ହେଲେ ସମାଧାନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୨୧ ତାରିଖ ଦିନ ୧୧ ଟା ବେଳୁ ବାଇଧର ସେଠୀ ନିଖୋଜ ହୋଇଯାଇଥିଲେ । ତାଙ୍କ ପରିବାର ବହୁ ଖୋଜାଖୋଜି କରିବା ପରେ ନପାଇବାରୁ ବୈରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ପୋଲିସ ସଙ୍ଗେ ସଙ୍ଗେ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ରବିବାର ସକାଳ ପ୍ରାୟ ୯ଟା ବେଳେ ଗ୍ରାମପାଖ ଏକ ବିଲାତି କଇଁଆଁ ଗଛରେ ବାଇଧରଙ୍କ ମୃତଦେହ ଭୂମିକୁ ଲାଗି ଓହଳିଥିବା ତାଙ୍କ ଭଉଣୀ ଦେଖିବାକୁ ପାଇଥିଲେ । ପରେ ଏହାଏକ ସୁପରି କଳ୍ପିତ ହତ୍ୟାକାଣ୍ଡ ଓ ପାର୍ଥସାରଥୀ ମହାନ୍ତି ଓ ତାଙ୍କ ଲୋକ ତାଙ୍କ ବାପାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ନେଇ ବାଇଧରଙ୍କ ପୁଅ ବୈରୀ ଥାନାରେ ଲିଖିତ ଭାବେ ଜଣାଇଥିଲେ । ଏହି ଅଭିଯୋଗ ପାଇବା ପରେ ପୋଲିସ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଯାଜପୁରରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ର ବିଭିନ୍ନ ସ୍ଥାନରେ ଚଢାଉକରି ଘଟଣାର ୧୨ ଘଣ୍ଟା ମଧ୍ୟରେ କଟକରୁ ମୁଖ୍ୟ ଅଭିଯୁକ୍ତ ପାର୍ଥସାରଥୀକୁ କାବୁକରି ବୈରୀ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିବା ସହିତ ମଧ୍ୟସ୍ତି ବିନୋଦ ବଳକୁ ମଧ୍ୟ ଥାନାରେ ଅଟକରଖି ତଦନ୍ତ ଚଳାଇଛନ୍ତି । ଏହି ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତି ସଂପୃକ୍ତ ଥିବା ଅଭିଯୋଗ ହୋଇଥିବାରୁ ପୋଲିସ ଅଧିକ ତଦନ୍ତ ଯାରୀ ରଖିଛି । ତେବେ ମୃତକ ପରିବାର ପକ୍ଷରୁ ଏହି ଘଟଣାରେ ୫୦ ଲକ୍ଷ ଟଙ୍କାର ସରକାରୀ କ୍ଷତିପୂରଣ ଦାବି କରାଯାଇ ରବିବାର ରାତି ୮ଟା ସୁଦ୍ଧା ଡାକ୍ତରଖାନାରୁ ମୃତଦେହ ଗ୍ରହଣ କରାଯାଇ ନଥିବା ଜଣାପଡିଛି ।

# ପଲିଫେଷ୍ଟ-୨୦୨୬ରେ ଡ୍ରିମ୍ସ ଛାତ୍ରଛାତ୍ରୀଙ୍କ ସଫଳତା




କଟକ, (ସବ୍ୟୁ): ୬ଷ୍ଠ ରାଜ୍ୟସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ପର୍ବ ପଲିଫେଷ୍ଟ-୨୦୨୬ରେ ଡ୍ରିମ୍ସ ପଲିଟେକ୍ନିକ (ସ୍ୱୟଂଶାସିତ) ର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଇଏନ୍‌ଟିସି (ପ୍ରଥମ ବର୍ଷ)ର ଛାତ୍ରୀ ଅଞ୍ଜୁମ୍ ପରଭିନ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦଳଗତ ଭାବରେ ନାଟକ ଏ ହାତ ପାପ ସେ ହାତ ନିଏନା ପରିବେଷଣ କରି ପ୍ରଥମ ହେବାର ଗୌରବ ହାସଲ କରିଛନ୍ତି । ସେହିପରି ଲମ୍ଫ ଡିଆଁରେ ମେକାନିକାଲ ଇଂଜିନିୟରିଂ (୩ୟ ବର୍ଷ)ଛାତ୍ର ଅରୁଣ କୁମାର ମହାନ୍ତ ଦ୍ୱିତୀୟ, ସଟ୍‌ପୁଟ୍ ଥ୍ରୋରେ କମ୍ପ୍ୟୁଟର ସାଇନ୍ସର (୩ୟ ବର୍ଷ ) ଛାତ୍ରୀ ତନିଷା ପ୍ରଧାନ ୩ୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସିଭିଲ ଇଂଜିନିୟରିଂ ( ପ୍ରଥମ ବର୍ଷ)ର ଛାତ୍ରୀ ଶ୍ରୀମୟୀ ପ୍ରିୟଦର୍ଶିନୀ ୩ୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ପ୍ରତିଭା ପ୍ରଦର୍ଶନ ଦ୍ୱାରା ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପଲିଟେକ୍ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧକ୍ଷା ଡ. ତପସ୍ୱିନୀ ସାହୁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଧାପକ କୁଞ୍ଜବିହାରୀ ସାହୁ, ସିନ୍ଧୁସୂତା ରାଉତ, ଜ୍ୟୋତି ରଂଜନ ନାୟକ, ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଆନନ୍ଦ ସଙ୍ଗୀତାୟନର ୯୮ ତମ ଭଞ୍ଜ ସଂଗୀତ ଆସର

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହ ପରିସରରେ ଲୋହରାଖଣ୍ଡି ସାହିତ୍ୟ ସଂସଦ ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ସ୍ୱତନ୍ତ୍ର ସାହିତ୍ୟ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ୯୮ ତମ ଭଞ୍ଜ ସଂଗୀତ ଆସର ଆୟୋଜିତ ହୋଇଥିବା ବେଳେ ଏହା ଉପସ୍ଥିତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଓଡିଶା ସାହିତ୍ୟ ଏକାଡେମୀର ଏହି ସ୍ୱତନ୍ତ୍ର ସାହିତ୍ୟ ଅଧିବେଶନ ରେ ଭଞ୍ଜ ସଂଗୀତ ପରିବେଷଣ କରିଥିବା ଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଶିଳ୍ପୀ ଅଶୋକ ମହାପାତ୍ର, ଅଭିଷେକ ମହାପାତ୍ର ଏବଂ ଅଶୋକ ସ୍ୱାଇଁ ପ୍ରମୁଖ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ।

# ଦୁଇଦିନିଆ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ସହିଦ୍ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲଅପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନ୍‌ଏଫ୍‌ଡିସିର ସହଯୋଗରେ ଆୟୋଜିତ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦଯାପିତ ହୋଇଯାଇଛି ଓ ଶ୍ରେଷ୍ଠ ପ୍ରାମାଣିକ ଚଳଚିତ୍ର ଭାବେ ଫାୟାର ଅନ ଏଜ (ଆସାମ), ୨ୟ ଶ୍ରେଷ୍ଠ ଭାବେ ଗୋଟ, ଫିସ, ସ୍ନେକ ସ୍ୱେରୋ (ପଶ୍ଚିମବଙ୍ଗ), ୩ୟ ଶ୍ରେଷ୍ଠ ଭାବେ ଧୀରଜ କଶ୍ୟପ ମୋଲାଇ (ଆସାମ) ଓ ଦି ଆର୍ଟ ଅଫ ବାବୟୋଲା (ଓଡିଶା)କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ସୁଜିତ ଦେବ ବର୍ମା (ଆସାମ) ଶ୍ରେଷ୍ଠ ନିର୍ଦ୍ଦେଶକ, ଫାଲ୍ଗୁନୀ ଭଚ୍ଛା (ପଶ୍ଚିମବଙ୍ଗ) ଶ୍ରେଷ୍ଠ ମହିଳା ପ୍ରଯୋଜିକା ଓ ନିର୍ଦ୍ଦେଶିକା ଭାବେ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ଲଘୁ ଚଳଚିତ୍ର ଭାବେ ପୁଇସେ ଦାରେ (ଓଡିଶା), ୨ୟ ଶ୍ରେଷ୍ଠ ଭାବେ କାଚିଚିଣ୍ଡି (ଆସାମ), ୩ୟ ଶ୍ରେଷ୍ଠ ଭାବେ ଦ୍ୱିଧା (ଓଡିଶା) ଓ ବ୍ରେକିଙ୍ଗ ବେରିୟାର (ଓଡିଶା) ଏବଂ ଶ୍ୟାମ ସୁନ୍ଦର ମୁର୍ମୁ (ଓଡିଶା) ଶ୍ରେଷ୍ଠ ଅଭିନେତା, ଖୁସି ଟୁଡୁ (ଓଡିଶା) ଶ୍ରେଷ୍ଠ ଅଭିନେତ୍ରୀ, କାହ୍ନୁ କିଓସ୍କ (ଓଡିଶା) ଶ୍ରେଷ୍ଠ ଶିଶୁ କଳାକାର, ରମେଶ କୁମାର ହେମ୍ବ୍ରମ (ଓଡିଶା) ଶ୍ରେଷ୍ଠ ନିର୍ଦ୍ଦେଶକ, ରାଜେଶ କୁମାର ମୁର୍ମୁ (ଓଡିଶା) ଶ୍ରେଷ୍ଠ ଏଡିଟର ଓ ସିନେମାଟୋଗ୍ରାଫର, ରାଜମୋହନ ସୋରେନ (ଓଡିଶା)ଙ୍କ ହେଣ୍ଡେ ସୋନା ଶ୍ରେଷ୍ଠ କାହାଣୀ, କାହ୍ନୁ ଟୁଡୁ (ଓଡିଶା) ଶ୍ରେଷ୍ଠ ଶବ୍ଦ ସଂଯୋଜକ ଭାବେ ପୁରସ୍କୃତ ହୋଇଛନ୍ତି ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡ଼ର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାର୍ଣ୍ଡି, ସିଡିପିଓ ବିଟୁ ଟୁଡୁ, କାହ୍ନଓଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ଡଃ ରାମଚନ୍ଦ୍ର ମୁର୍ମୁ, ଦୀପକ କୁମାର ସୋରେନ, କାନ୍ଦନ ମାଝୀ, ନିହାରିକା ସୋରେନ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଣା ସୋରେନ ଓ ନିରଞ୍ଜନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଏହି ମହୋତ୍ସବର ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଦିନରେ ୭ଟି ଲଘୁ ସିନେମା ଓ ୫ଟି ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ସୁମୀ ହାଁସଦାଃ ବେଶ୍ରା, ସତ୍ୟନାରାୟଣ ହେମ୍ବ୍ରମ, ସୁମାଲି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ମିନତୀ ବାସ୍କେ, ପଦ୍ମାପ୍ରିୟା ସୋରେନ, ଡାଙ୍ଗି ସୋରେନ, ଲକ୍ଷ୍ମୀ ମୁର୍ମୁ, ଦେବାଶିଷ ପ୍ରତିହାରୀ ଓ ପାଲୁ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଶା ସ୍ୱଚ୍ଛସାଥି ଓ ସୁପରଭାଇଜର ସଂଘର ଜିଲ୍ଲାସ୍ତରୀୟ ସମାବେଶ

# ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍‌କୁ ବିରୋଧ




ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ସହରାଞ୍ଚଳ ପରିମଳ ସେବାରେ ନିୟୋଜିତ ସ୍ୱଚ୍ଛସାଥି ଓ ସୁପରଭାଇଜରମାନଙ୍କ ଏକ ଜିଲ୍ଲାସ୍ତରୀୟ ସମାବେଶ ଆଜି ସ୍ଥାନୀୟ ଗୋଲାଲା ସାହି କୋଠଘର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛସାଥି ଓ ସୁପରଭାଇଜର ସଙ୍ଘର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ସଂଯୁକ୍ତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ପୌରାଞ୍ଚଳର କର୍ମକର୍ତ୍ତା ଯୋଗ ଦେଇଥିଲେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଦୀର୍ଘ ଦିନ ହେବ ସହରାଞ୍ଚଳର ପରିମଳ କାର୍ଯ୍ୟ ସହ ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ସଫଳ ରୂପାୟନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି । ସହରାଞ୍ଚଳରେ ଏହି ଶିକ୍ଷିତ ମହିଳାମାନେ ଅବର୍ଜନା ହଟାଇବା କାମର ତଦାରଖ ସହ ନାଗରିକମାନଙ୍କ ଠାରୁ ପୌର ପ୍ରଶାସନ ପାଇଁ ହୋଲଡିଂ ଟିକସ, ପରିମଳ ବାବଦ ୟୁଜର୍ସ ଫି ଆଦି ଆଦାୟର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ତେବେ ପରିତାପର ବିଷୟ ବର୍ଷ ବର୍ଷ ଧରି ଉଭୟ ଅନଲାଇନ ଓ ଅଫ୍ ଲାଇନ୍ କାମରେ ନିରବଚ୍ଛିନ୍ନ ଭାବେ ଲାଗିଥିଲେ ମଧ ଏଯାଏଁ ସରକାର ତାଙ୍କୁ କର୍ମଚାରୀର ମାନ୍ୟତା କିମ୍ବା ସର୍ବନିମ୍ନ ମଜୁରୀ ଦେଉନାହାନ୍ତି । ଏପରିକି ପୂର୍ବ ସରକାରଙ୍କ ଦ୍ୱାରା ସ୍ୱଚ୍ଛସାଥିଙ୍କୁ ମାସିକ ପାରିତୋଷିକ ଚାରି ହଜାର ଟଙ୍କାରୁ ଆଠ ହଜାର ଟଙ୍କାକୁ ଓ ସୁପରଭାଇଜରଙ୍କ ପାରିତୋଷିକକୁ ମାସିକ ଆଠ ହଜାର ଟଙ୍କାରୁ ବାର ହଜାର ଟଙ୍କକୁ ବୃଦ୍ଧି କରିବାକୁ ଘୋଷଣା କରିଥିଲେ ମଧ ବର୍ତ୍ତମାନର ସରକାର ତାକୁ ଦେବାରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି । ରାଜ୍ୟ ସରକାର ନିର୍ଦ୍ଦେଶାବଳୀ ନାମରେ ପୂର୍ବ ସରକାରଙ୍କ ଘୋଷଣାକୁ ସବୁ ୟୁଏଲବିରେ ଲାଗୁ କରୁ ନାହାନ୍ତି ଏବଂ ଅନେକ ଗୁଡିଏ ସର୍ତ୍ତ ଲାଗୁ କରିଛନ୍ତି । ନାମକୁ ମାତ୍ର ପାରିଶ୍ରମିକ ପାଉଥିବା ଏହି ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀଙ୍କ ଉପରେ ଏକାଧିକ ଅତିରିକ୍ତ କାମକୁ ଲଦି ସେସବୁକୁ କରିବା ପାଇଁ ବାଧ କରାଯାଉଛି । ଏଭଳି ନୀତିକୁ ବଦଳାଇବା ସଙ୍ଘ ବହୁଦିନରୁ ଦାବୀ କରି ଆସୁଛି ରାଜ୍ୟରେ କାର୍ଯ୍ୟରତ ହଜାର ହଜାର ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନଙ୍କୁ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରୀ ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ମାସିକ ଚାରି ଦିନ ସବେତନିକ ଛୁଟି, ଇପିଏଫ୍/ଇଏସଆଇର ସୁବିଧା ପ୍ରଦାନ, ପ୍ରସୂତୀକାଳୀନ ଛୁଟି ଆଦି ଦାବି ନେଇ ସଂଘ ଲଗାତାର ଭାବେ ସରକାରଙ୍କ ନିକଟରେ ଦାବି କରି ଆସିଛି । ଉପରୋକ୍ତ ଆଗାମୀ ଦିନରେ ସଙ୍ଘ ପକ୍ଷରୁ ସାରା ରାଜ.ୟରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହେବା ପରିପ୍ରେକ୍ଷୀରେ ଆଜି ସଙ୍ଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଘୋଷଣା କରାଯାଇଛି । ଆଜିର ସାଧାରଣ ବୈଠକରେ ସଂଘର ନୂତନ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠିତ କରାଯାଇଛି । ୧୬ ଜଣିଆ କମିଟି ଗଠନ ସହ ବିଭିନ୍ନ କର୍ମକର୍ତ୍ତା ମଧ ଚୟନ କରାଯାଇଛି । ଆସନ୍ତା ଏପ୍ରେଲ ମାସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମିକ ବିରୋଧି ୪ ଶ୍ରମ କୋଡ଼ ଲାଗୁ କରିବାକୁ ଘୋଷଣା କରାଯାଇ ଥିବାରୁ ଆଜିର ବୈଠକରେ ତା'କୁ ବିରୋଦ୍ଧ କରାଯାଇଛି । ବୈଠକରେ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ (ଇଫଟୁ)ର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପୌର କର୍ମଚାରୀ ନେତା ପ୍ରଶାନ୍ତ ପରିଚ୍ଛା, ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘର ରାଜ୍ୟ ସମ୍ପାଦିକା ସୁଦଷ୍ଟା ନାୟକ, ମାମାଲି ଦାସ, ବି. ସଂଗୀତା, ବ୍ରହ୍ମପୁର ମହାନଗର ନିଗମ ଶାଖାର ସଭାନେତ୍ରୀ ସବିତା ପାଢ଼ୀ, ସମ୍ପାଦିକା ମିତା ପାଢ଼ୀ ଓ ଜିଲ୍ଲାର ବିଭିନ୍ନ ଏନଏସି ଓ ମ୍ୟୁନିସିପାଲିଟିର ସ୍ୱଚ୍ଛସାଥି ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ।

# କଳାବାଘ ଛାଲ ଜବତ, ଏକାଧିକ ଅଟକ

ବାରିପଦା, (ସବ୍ୟୁ) : ବାରିପଦା ବନଖଣ୍ଡ ବନବିଭାଗ ପକ୍ଷରୁ ରବିବାର ସକାଳେ ଏକ କଳାବାଘର ଛାଲ ଜବତ କରାଯିବା ସହିତ ଏକାଧିକଙ୍କୁ ଅଟକ ରଖି ତଦନ୍ତ ଚାଲିଛି। କୁଳିଅଣା ଅଞ୍ଚଳରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢାଉ କରାଯାଇଥିଲା। ଘଟଣାସ୍ଥଳରୁ ଏକ କଳାବାଘ ର ଚମଡ଼ା ଜବତ କରିବା ସହିତ ଏଥିରେ ଜଡିତ ଥିବା ଅଭିଯୁକ୍ତଙ୍କୁ ବାରିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଜାରି ରଖିଛି ବନବିଭାଗ। କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଥିବାବେଳେ କଳାବାଘ ବା' ମିଲାନିଷ୍ଟିକ୍ ଟାଇଗର ପ୍ରତି ବିପଦ ଘନେଇଛି। ଏଥିରେ ଏକ ବଡ଼ ବାଘଛାଲ ର୍ୟାକେଟ୍ କାମ କରୁଥିବା ସନ୍ଦେହରେ ବାରିପଦା ବନଖଣ୍ଡ ଅଧିକାରୀ ଓ ଶିମିଳିପାଳ ଦକ୍ଷିଣ ଡିଭିଜନର ଉପ-ନିର୍ଦ୍ଦେଶଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି ଘଟଣାରେ ଏକ ବଡ ର୍ୟାକେଟ୍ ସକ୍ରିୟ ଥିବାବେଳେ ସେମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ଧରପକଡ ଚାଲୁରହିଥିବାବେଳେ ସୋମବାର ବନବିଭାଗ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଏହି ଘଟଣା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଇକ୍ ଶୋଭାଯାତ୍ରା

ବୁଗୁଡା, (ସବ୍ୟୁ) : ପ୍ରଭୁ ଶ୍ରୀରାମ ଜନ୍ମ ଉତ୍ସବ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଗୁଡାରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ଷୋଳମଇଲି ହନୁମାନ ମନ୍ଦିରଠାରୁ ବାହାରି ମାଳିଖୋଲା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବପ୍ରାନ୍ତ ସହସମ୍ପାଦକ ଡ.ଅରୁଣ କୁମାର ପାଢ଼ୀ ଓ ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ବଜରଙ୍ଗ ଦଳର ପୂର୍ବପ୍ରାନ୍ତ ନମସ୍ତେ ସହସଂଯୋଜକ ରାଜୀବ ନେତ୍ର ଖାଡ଼ଙ୍ଗା ଓ ବରିଷ୍ଠ କର୍ମକର୍ତ୍ତା ସତ୍ୟାନନ୍ଦ ଗିରି, ବରିଷ୍ଠ ସ୍ୱଂୟ ସେବକ ଗୋପାଳ ଚନ୍ଦ୍ର ନାୟକ, ବଜରଙ୍ଗ ଦଳ ଘୁମୁସର ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ସ୍ୱାଇଁ, କର୍ମକର୍ତ୍ତା ଧୀରଜ କୁମାର ମହାରଣା, ଗୁଲସନ କୁମାର ସାହୁ, ସରୋଜ ସାହୁ, ସଂଗ୍ରାମ ଦାଶଙ୍କ ସମେତ ଶହଶହ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ମାଳିଖୋଲା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦର ସାଙ୍ଗଠନିକ ସୁଦୃଢ଼ତା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଛତ୍ରପୁରରେ ଉଗାଦି ପର୍ବ ପାଳିତ

ଛତ୍ରପୁର, (ସବ୍ୟୁ) : ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ତେଲୁଗୁ କଲଚର ସୋସାଇଟି ପକ୍ଷରୁ ତେଲୁଗୁ ନବବର୍ଷ ଉଗାଦି ୨୦୨୬ ପର୍ବ ପାଳନ କରାଯାଇଛି । ଛତ୍ରପୁର ସହରର ବହୁ ତେଲୁଗୁ ସମ୍ପ୍ରଦାୟର ଲୋକେ ଗୋଟିଏ ଜାଗାରେ ଏକତ୍ରିତ ହୋଇ ଏହି ପର୍ବକୁ ଧୂମଧାମରେ ପାଳନ କରିଛନ୍ତି । ଏହି ଅବସରରେ ସନ୍ଧ୍ୟାରେ ତେଲୁଗୁ କଲଚର ସୋସାଇଟିର ଉପଦେଷ୍ଟା ନିବାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ଏସପି (କଟକ) କେ. ବେଣୁ ଗୋପାଳ ଆଚାରୀ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ. ଶ୍ରୀନିବାସ ଆଚାରୀଲୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ ଯୋଗଦେଇ ଆସୋସିଏସନର ପରମ୍ପରା ଉପରେ କହିଥିଲେ। ପ୍ରାରମ୍ଭରେ ଜଲ୍ଲେପାଲି ହରି ଗୋପାଳ ଶାସ୍ତ୍ରୀ ଗରୁଙ୍କ ଦ୍ୱାରା ପ୍ରଭୁ ଗଣପତି ପୂଜା ଏବଂ ପଞ୍ଚାଙ୍ଗ ଶ୍ରାବଣମ୍ ହୋଇଥିବା ବେଳେ ଲଳିତା ସହସ୍ରନାମ୍ନା ପାରାୟଣମ୍, ଶ୍ଳୋକ ଗାନ, ଛତ୍ରପୁରର ମହିଳା ମଣ୍ଡଳୀ ସଦସ୍ୟଙ୍କ ଦ୍ୱାରା ଭଜନ ଅନୁଷ୍ଠିତ ହୋଇଥିଲା । ଶେଷରେ ଡ୍ରିମ ଡ୍ୟାନ୍ସ ଅନୁଷ୍ଠାନର କୁନିକୁନି ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଭେଙ୍କଟ ରାମଣୀ, ଏନ. ପ୍ରଭାକର ରାଓ, କେ. ରାମବାବୁ, ଏ ରାବଣା ରାଓ ଓ ଇ. ରାଜକୁମାରଙ୍କ ସମେତ କମିଟି ଅନ୍ୟାନ୍ୟ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପୋଷକ ନେଇ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ମହାସମ୍ମେଳନ



ବାରିପଦା, (ସବ୍ୟୁ) : ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ମହାସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମ୍ମେଳନର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ମନ୍ତ୍ରୀ ଡ. ମହାପାତ୍ର ନିଜ ଅଭିଭାଷଣରେ ଇତିହାସକୁ ନେଇ ବର୍ତ୍ତମାନ ଓ ବର୍ତ୍ତମାନକୁ ନେଇ ଭବିଷ୍ୟତ, ଇତିହାସ ଗବେଷଣା କ୍ଷେତ୍ରରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ ଯୋଗଦେଇ ସମ୍ମେଳନର ଆୟୋଜନକୁ ଭୁୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ଆଞ୍ଚଳିକ ଇତିହାସର ଅନାଲୋଚିତ ଦିଗ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ରଖିଥିଲାବେଳେ ସଂଗଠନର ଆଞ୍ଚଳିକ ସମ୍ପାଦିକା ସୁଶ୍ରୀ ରାଇମଣୀ ମାରାଣ୍ଡି ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ଅଧିବେଶନକୁ ସଂଚାଳନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ମେଜର ଡଃ କଳ୍ପନା ଦାସ ଯୋଗ ଦେଇ ଇତିହାସ ଗୋଟିଏ ଜାତିର ଗୌରବବୋଧ ଓ ଏହାର ରକ୍ଷଣ ଉତ୍ତର ପିଢ଼ିର ଦାୟିତ୍ୱ ବୋଲି କହିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ପ୍ରଫେସର ହରିହର ପଣ୍ଡା ଓ ପ୍ରଫେସର ରାମଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ଇତିହାସ ସଭ୍ୟତାର ପ୍ରତିଛବି, ଉତ୍ତର ଓଡ଼ିଶାର ଅଜ୍ଞାତ ଇତିହାସକୁ ଲୋକଲୋଚନକୁ ଆଣିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଡଃ ଭାଗବତ ତ୍ରିପାଠୀ ନିଜର ସଭାପତିୟ ଅଭିଭାଷଣରେ ଉତ୍ତର ଓଡ଼ିଶାର ପ୍ରତ୍ନତତ୍ତ୍ୱିକ ବିଭବ ଉପରେ ଆଲୋକପାତ କରିଥିଲାବେଳେ ସାଧାରଣ ସଂପାଦକ ଡଃ ପ୍ରତାପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଶିକ ଅଧିବେଶନରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଗବେଷକଙ୍କ ଦ୍ୱାରା ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା ଓ ଡଃ ଉତ୍ପଳ ନାୟକ ପ୍ରବନ୍ଧ ଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସବ୍ୟସାଚି ଦାସଙ୍କ ରଚିତ ଅତୀତର ମୟୂରଭଞ୍ଜ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏମପିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାନ୍ତାଳ ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ସହ ସମ୍ପାଦିକା ଜୋସ୍ନା ଦାସ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମେଳନରେ ଉତ୍ତର ଓଡ଼ିଶାର ଦୁଇଶହରୁ ଉର୍ଦ୍ଧ୍ୱ ଇତିହାସ ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ।


11001/63/2526

## Government of Odisha
## Higher Education Department

**Important notice for the applicants seeking admission into 2 year B.Ed./B.H.Ed./M.Ed. Courses at the State Public Universities and Colleges participating under SAMS for the Academic Session 2026-27**

It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through an Entrance test. Accordingly, the candidates are hereby instructed to fill-up the Common Application Form by visiting the SAMS B.Ed./B.H.Ed./M.Ed, portal as per the timeline mentioned below. Information Brochure for course B.Ed./B.H.Ed./M.Ed, is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2026-27 are as follows.

1. Like the previous academic session, admissions into 2 year B.Ed./B.H.Ed./M.Ed, courses for the Academic Session 2026-27 shall be made exclusively on the basis of scores obtained in the Entrance Test.
2. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
3. Like previous Year, In the current academic session (AY: 2026-27), same counselling based online admission will be implemented. For Applicants who got a seat in a round are advised to choose one of the following options Freeze and Slide.
   **Freeze:** - If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
   **Slide: -** If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
4. Whenever a seat is allocated, applicants are compulsorily required to choose one of the option - Freeze, or Slide - carefully. If the applicant will not choose any of the options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail process of "Freeze" & "Slide" is mentioned in the Information Brochure available on the SAMS portal.
5. As per previous year practice, the CAF fees and Admission fees will be taken through online mode for this academic session.
6. While applying for the CAF for B.Ed., B.H.Ed. & M.Ed. Courses applicants are advised to check the Eligibility Criteria mentioned in the Information Brochure.
7. The candidates, whose final U.G. results are awaited (not published), can also apply on-line in the CAF to appear the Entrance Examination. But they must provide their Choice Locking (preference of HEIs) and upload their marks by logging into the "Existing Students Login" as per the timeline fixed by the Higher Education department.
8. The applicants wish to be considered for Scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
9. The Timelines mentioned below are tentative and if all the seats are filled in a particular round, then subsequent rounds will not take place.

Timeline for 2 year B.Ed., B.H.Ed., M.Ed, Courses Admission for the year 2026-27 under 'Student Academic Management System (SAMS)' is given below. Any change in the timeline will be published on the website **https://te.samsodisha.gov.in/.** The applicants are requested to read the Information Brochure carefully.

| Sl# | Activities | Timeline |
|---|---|---|
| 1) | Availability of online Common Application Form(CAF) in the website www.samsodisha.gov.in | 23.03.2026 (11.00 AM) |
| 2) | Last date of applying online CAF through www.samsodisha.gov.in | 06.04.2026 (11.45 PM) |
| 3) | Editing of the CAF (if required) for the CAF submitted earlier (No fresh CAF will be allowed during this period) | 07.04.2026 (11.00 AM to 11.45 PM) |
| 4) | Submission of applicant's data to State Selection Board (SSB) to conduct the Entrance Examination by OCAC | 13.04.2026 |
| 5) | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in and also a link will be available on SAMS portal for downloading the admit Card (https: / /www.samsodisha.gov.in/) | 27.05.2026 (02.00 PM onwards) |
| 6) | Conduct of Entrance Test-2026 for B.Ed. Course | 31.05.2026 (Sunday) |
| 7) | Conduct of Entrance Test - 2026 for B.H.Ed, and M.Ed. Courses | 03.06.2026 (Wednesday) |
| 8) | Hosting of Provisional Answer Keys (B.Ed.,B.H.Ed. & M.Ed, courses) by SSB, Odisha on its official portal (https://ssbodisha.ac.in/) | 04.06.2026 |
| 9) | Receiving objections to the Provisional Answer Keys by the Candidates on their Student's Login on SAMS Portal: https://www.samsodisha.gov.in/ bv paying a non-refundable processing fee of Rs. 200/- for each question challenged (Payment will be collected in Online Mode) | 05.06.2026 to 07.06.2026 |
| 10) | Submission of objections to the Provisional Answer Keys data to SSB, Odisha by OCAC Hosting of Revised/Final Answer Key by SSB, Odisha on its official Portal (https://ssbodisha.ac.in/)), Handing over the entrance marks to OCAC by SSB, Odisha, Publication of Entrance Mark, Updation of Graduation/Equivalent marks, Choice filling of HEIs by the eligible applicants and publication of Provisional Allotment of Seats for different Rounds. | 09.06.2026 Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

Officer on Special Duty
PTC Section

OIPR : 11001/11001/1/25-26/0021

# ଡେରିକି ମିନି ଷ୍ଟାଡିୟମ ନିର୍ମାଣ କେବେ ?

## ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳଙ୍କ ଶିଳାନ୍ୟାସକୁ ବିତିଲାଣି ୩୧ବର୍ଷ

ନାଉଗାଁ, (ସବ୍ୟୁ): ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିନି ଷ୍ଟାଡିୟମ ନିର୍ମାଣ ଯୋଜନା ରହିଛି । ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନର ଅବହେଳା ପାଇଁ ଶିଳାନ୍ୟାସର ୩୧ ବର୍ଷ ବିତିଯାଇଥିଲେ ବି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଡେରିକି ଠାରେ ପ୍ରସ୍ତାବିତ ନେତାଜୀ ମିନି ଷ୍ଟାଡିୟମ ନିର୍ମାଣ କେବଳ ସ୍ୱପ୍ନରେ ରହିଯାଇଛି ।

ସୂଚନା ଅନୁସାରେ ୧୯୯୬ ମସିହାରେ ତତ୍କାଳୀନ ଜଗତସିଂହପୁର ସାଂସଦ ରଞ୍ଜୀବ ବିଶ୍ୱାଳ ଓ ତତ୍କାଳୀନ ବାଲିକୁଦା ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ରଙ୍କ ଦ୍ୱାରା ଏଠାରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଶିଳାନ୍ୟାସ ଉତ୍ସବର କିଛି ବର୍ଷ ପରେ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ଷ୍ଟାଡିୟମ ନିର୍ମାଣ ନିମନ୍ତେ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଏହି ଅର୍ଥରେ ନେତାଜୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଏକ ଆଜବେଷ୍ଟସ ଗୃହ ନିର୍ମାଣ କରାଯାଇଥିଲା । ମାତ୍ର ଷ୍ଟାଡିୟମ ନିର୍ମାଣ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା । ହେଲେ ୧୯୯୯ ମସିହା ମହାବାତ୍ୟାରେ ଉକ୍ତ ଆଜବେଷ୍ଟସ ଘରଟି ମଧ୍ୟ ଭାଙ୍ଗି ଯାଇଥିଲା । ପରବର୍ତ୍ତୀ ସମୟରେ ସ୍ଥାନୀୟ କିଛି ଯୁବ କ୍ରୀଡ଼ାପ୍ରେମୀଙ୍କ ଉଦ୍ୟମରେ ସେଠାରେ ବଖରାଏ ଛାତଘର ନିର୍ମାଣ ହୋଇଛି ।

ଏପଟେ ମିନି ଷ୍ଟାଡିୟମ ପାଇଁ ଉଦ୍ଦିଷ୍ଟ ଜମିରେ ଆରଏମସିର ଗୋଦାମ ଗୃହ, ଦୁଗ୍ଧ ଶୀତଳୀକରଣ, ବିଦ୍ୟୁତ ଷ୍ଟ୍ରକଚର ଗଢ଼ି ଉଠିଛି । ଯାହାଫଳରେ ଷ୍ଟାଡିୟମ ନିର୍ମାଣ ସପ୍ନରେ ରହିଯାଇଛି । ଏଠାରେ ଷ୍ଟାଡିୟମ ନିର୍ମାଣ ହେଲେ ଡେରିକି ପଞ୍ଚାୟତ ସମେତ ଓଷକଣା, କୋରୁଅ, ତିରୁଣା, ଶିଖର ପଞ୍ଚାୟତ ଆଦି ଅଞ୍ଚଳର କ୍ରୀଡ଼ାପ୍ରେମୀ ଖେଳକୁଦ କରିବାକୁ ସୁବିଧା ହୋଇପାରନ୍ତେ ।

କେବଳ ସେତିକି ନୁହେଁ, ଷ୍ଟାଡିୟମ ପରିସରରେ ସଭା ସମିତି ଓ ବିଭିନ୍ନ ପ୍ରତିଯୋଗିତା ପାଇଁ ବ୍ୟବହାର ହୋଇପାରନ୍ତା । ମାତ୍ର ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ ଅନ୍ତରାୟ ସୃଷ୍ଟି କରିଛି ବୋଲି କ୍ରୀଡ଼ାବିତ୍‌ମାନେ ମତ ଦେଇଛନ୍ତି । ଅନ୍ୟପଟେ ଜିଲ୍ଲା ଯୋଜନା ଖସଡ଼ାରେ ଏହି ପ୍ରସଙ୍ଗକୁ ସାମିଲ କରାନଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି । ଏଠାରେ ଷ୍ଟାଡିୟମ ନିର୍ମାଣ ପାଇଁ ନେତାଜୀ ସ୍ପୋର୍ଟିଂ କ୍ଲବ ଡେରିକିର ସଦସ୍ୟ ପ୍ରମୁଖ ଦାବି କରିଛନ୍ତି । ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି ।

# କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଯାପିତ



କେନ୍ଦ୍ରାପଡ଼ା, (ସବ୍ୟୁ): ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟଉତ୍ସବ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଖ୍ୟାତ କଥାକାର ଡ. ରାମଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ। ସେ କହିଥିଲେ ଲେଖାଲେଖି ଏକ ଆଧ୍ୟତ୍ମିକ ପ୍ରକ୍ରିୟା। ନିର୍ମଳ ଭାବନା ନେଇ ଜଣେ ଲେଖି ଥାଏ। ନିର୍ମଳ ପଣ ଲେଖକର ବଡ଼ ଶକ୍ତି। ଏହି ଅବସରରେ ବରିଷ୍ଠ ଲେଖିକା ମାନସୀ ଦାସଙ୍କୁ ପ୍ରଥମ କେନ୍ଦ୍ରାପଡ଼ା ସାହିତଯ ଉତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦକୁ ନଗଦ ୨୧ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବ ଅବସରରେ 'ସମ୍ବାଦ ସାହିତଯ ଘର' ଆଳି ଶାଖାକୁ 'ସାହିତ୍ୟ ସାଥୀ' ସମ୍ମାନ ପ୍ରଦାନ କରାଯାଇଥିଲା।

ଅନୁଷ୍ଠାନର ସଂଯୋଜକ ପ୍ରମୋଦ ମଲ୍ଲିକ ଓ ଅନଯ ସଦସ୍ୟମାନେ ସମ୍ମାନ ଗ୍ରହଣ କରିଥିଲେ। ସମ୍ମାନ ବାବଦକୁ ନଗଦ ୧୧ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉଦଘାଟକ ରାମଚନ୍ଦ୍ର ବେହେରା ଓ ବରେଣଯ ଅତିଥି ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଏହି ସମ୍ମାନ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ୍ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେମ୍ପ ସଭାପତି ଇଂ ଅକ୍ଷୟ ପାଣି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବନଜ ଦେବୀ, ବନମାଳୀ ସେନାପତି, ସ୍ୱାଗତିକା ସ୍ୱାଇଁ, ଭୁବନେଶ୍ୱରୀ ପଣ୍ଡା, ଅଜୟ ସ୍ୱାଇଁ, ସରୋଜ ବଳ, ମାତୃଦତ୍ତ ମହାନ୍ତି, କମଳା ପ୍ରସାଦ ମହାପାତ୍ର, ଯତିନ୍ଦ୍ର ରାଉତ, ସୌମ୍ୟବିଶ୍ୱଜିତ, ପ୍ରଭା ସାମନ୍ତରାୟ, ଶ୍ରୀଧର ସାମଲ ଓ ମନୋରଞ୍ଜନ ଦାଶ ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ। ନବଜ୍ୟୋତି ରାୟ, ବିରଜା ରାଉତରାୟ ଓ ବିନାୟକ ପ୍ରଧାନ ପ୍ରମୁଖ ଅଧିବେଶନଗୁଡ଼ିକୁ ସଂଯୋଜନା କରିଥିଲେ। ଶୈଳଜା ଶଙ୍କର ସାମଲ ଓ ପୂଜାଶ୍ରୀ ସେଠୀ କବିତା ଆସରକୁ ସଂଯୋଜନା କରିଥିଲେ।

# ବାଲି ବୋଝେଇ ହାଇୱା କବ୍‌ଜାରେ ଗ୍ରାମାଞ୍ଚଳର ରାସ୍ତା

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ରାସ୍ତା ଏବେ ବାଲି ଚାଲାଣ କରୁଥିବା ହାଇୱାଙ୍କ ଅଧୀନକୁ ଚାଲିଯାଇଛି । ବିଶେଷ କରି ଯଅଁରାବାରିମୂଳ ପଞ୍ଚାୟତର ଅର୍ତାମୂଳ ବାଲିଘାଟରୁ ବାଲି ଚାଲାଣ କରୁଥିବା ହାଇୱା ଗୁଡ଼ିକ ଅର୍ତାମୂଳରୁ ବାଲିଘାଟରୁ ବାହାରି ଦାନପୁର-ଖରିଦାସାହି, ଅର୍ତାମୂଳ-ଚାନ୍ଦୋଳ ଓ ଅର୍ତାମୂଳ ଠରୁ ଦାନପୁର ଦେଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧରେ କେନ୍ଦ୍ରାପଡ଼ା ଆଡ଼କୁ ଯାଉଛି । ଯାହା ଫଳରେ ବାଲି ବୋଝେଇ ହାଇୱାରୁ ବାଲି ଖସି ସାଧାରଣ ପଥଚାରୀ, ସାଇକେଲ୍ ଓ ବାଇକ୍ ଆରୋହୀଙ୍କ ପାଇଁ ଦୁର୍ଘଟଣାର କାରଣ ସାଜୁଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ରହୁଥିବା ଅଧିବାସୀଙ୍କୁ ପ୍ରଦ୍ୟୁଷଣ ଆତଙ୍କ ଘାରିଛି ।

ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ଠାରୁ ବସପୁର ପଞ୍ଚାୟତର ବସପୁର ଯାଏ ଲୁଣା ଓକରାଣ୍ଡିଆ ନଦୀରେ ତିନୋଟି ବାଲି ସୈରାତ ରହିଛି । ତହିଁରୁ ଦୁଇଟି ବନ୍ଦ ରହିଥିବା ବେଳେ ଅର୍ତାମୂଳ ଘାଟରୁ ବାଲି ଉତୋଳନ କରାଯାଉଥିବା ଦେଖାଯାଇଛି । ଏହି ଘାଟରୁ ଦୈନିକ ଶହଶହ ହାଇୱା ବାଲି ଚାଲାଣ କରୁଥିବା ସମୟରେ ରାସ୍ତାଟି ଯେପରି କୌଣସି ଏକ ଖଣିଖାଦାନ ଅଂଚଳ ପରି ଲାଗୁଛି । ଅହରହ ରାସ୍ତାରେ ହାଇୱା ବାଲି ଚାଲାଣ କରୁଥିବା ବେଳେ ତହିଁରୁ ବାଲି ଉଡ଼ି ଅଂଚଳକୁ ପ୍ରଦୁଯଷିତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବାସଗୃହ, ଦୋକାନ ଗୃହ ଗୁଡ଼ିକରେ ଧୂଳି ଭର୍ତି ହେଉଛି ।

ବାଲି ପରିବହନ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ହାଇୱାରୁ ବାଲି ଝଡ଼ି ଉଭୟ ପାର୍ଶ୍ୱରେ ଏକ ଫୁଟରୁ ଅଧିକ ବହଳ ବାଲି ଜମିଗଲାଣି । ଯାହା ଫଳରେ ଆଗରୁ କିମ୍ବା ପଛରୁ ବାଲି ବୋଝେଇ ହାଇୱା ଆସିଲେ ଛୋଟ ଯାନ ରାସ୍ତାକଡ଼ ବାଲିରେ ପଶି ଦୁର୍ଘଟଣାର ସମ୍ମୁଖିନ ହେଉଛି । ବାଲି ବୋଝେଇ ହାଇୱା ଯୋଗୁ ଯାତ୍ରୀମାନେ ନିର୍ବିଘ୍ନରେ ଯାତାୟତ କରିପାରୁନାହାଁନ୍ତି ଏବଂ ରାତି ସମୟରେ ବାଲି ବୋଝେଇ ହାଇୱା ସମ୍ପୂର୍ଣ୍ଣ ରୂପେ ଏହି ରାସ୍ତାକୁ ନିଜ କବ୍‌ଜାକୁ ନେଇ ଅନ୍ୟ କାହାରିକୁ ଯାତାୟତ ପାଇଁ ଛାଡ଼ନ୍ତି ନାହିଁ । ରାତି ସମୟରେ ଏହି ହାଇୱା ଗୁଡ଼ିକ ଏତେ ଦ୍ରୁତଗତିରେ ଯାଉଛନ୍ତି ଯେ, ରାସ୍ତା କଡ଼ ଲୋକମାନେ ଘରେ ନିଦରେ ଶୋଇ ପାରୁନାହାଁନ୍ତି ।

ଅନ୍ୟ ପକ୍ଷରେ ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ଛାତ୍ରଛାତ୍ରୀମାନେ ସକାଳେ ଯିବା ଓ ଅପରାହ୍ନରେ ଫେରିବା ପାଇଁ ନିରାପଦ ମଣୁନାହାଁନ୍ତି । ସବୁଠାରୁ ଆପତିଜନକ କଥା ଏହି ବାଟ ଦେଇ ବାଲି ପରିବହନ କରୁଥିବା ଗାଡ଼ିର ଟ୍ରାଂଜାକସନ୍ ପରିମିଟ୍ ରହୁନଥିବା ଜଣାଯାଇଛି । ଯାହା ଫଳରେ ସରକାରୀ କର୍ମଚାରୀ ଓ ବାଲିମାଫିଆଙ୍କ ବେଆଇନ ରୋଜଗାର ବଢ଼ଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି । ଏବଂ ସାଧାରଣ ଜନତା ହୀନସ୍ତା ଭୋଗୁଛନ୍ତି । ଏ ସମ୍ପର୍କରେ ସରକାରଙ୍କୁ ଯେତେ ଅଭିଯୋଗ କଲେବି ସେମାନେ କର୍ଣ୍ଣପାତ ନକରି ନୀବରଦ୍ରଷ୍ଟା ସାଜିଛନ୍ତି । ପରୋକ୍ଷରେ ବାଲି ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

# ଦୁଇ ବାଇକ୍ ମୁହାଁମୁହିଁ : ତିନି ଗୁରୁତର

ଆଳି, (ସବ୍ୟୁ) : ଆଳି-ମହୁ ପୂର୍ତ୍ତ ବିଭାଗ ରାସ୍ତା ମହୁ କୋଚିଲା ଇଣ୍ଡିଆନ ଗ୍ୟାସ ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ହେବାରୁ ତିନି ଗୁରୁତର ହୋଇଛନ୍ତି । ବିଜୟନଗର ଗ୍ରାମର ଅବିନାଶ ବଳ(୨୬)କୌଣସି ଏକ କାର୍ଯ୍ୟରେ ଆଳିରୁ ନିଜ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ମହୁ କୋଚିଲା ଇଣ୍ଡିଆନ ଗ୍ୟାସ ଛକନିକଟରେ ବିପରୀତ ଦିଗରୁ ଏକ ବାଇକ ଯୋଗେ ଗଭାଡିଆ ଗ୍ରାମର ସୌରଭ ସ୍ୱାଇଁ (୩୧), ଅରେହିକଣା ଗ୍ରାମର ବିଭୁ ଦତ୍ତ ସେଠି (୩୧) ଦୁଇଟି ବାଇକ ମୁହାଁମୁହିଁ ହୋଇଥିଲା । ସମସ୍ତେ ରାସ୍ତାରେ ଛିଟିକି ପଡ଼ିଥିଲେ ସ୍ଥାନୀୟ ଲୋକଙ୍କ ଏବଂ ସଡକବନ୍ଧୁ ସୁଶାନ୍ତ କୁମାର ତରାଇଙ୍କ ସହଯୋଗରେ ତିନି ଜଣଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦୁଇ ଜଣଙ୍କୁ ସ୍ଥାନାନ୍ତର କରିଥିବା ବେଳେ ଅବିନାଶଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରି କରାଯାଇଛି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ

କୁଆଖିଆ ,(ସବ୍ୟୁ): ରସୁଲପୁର ବ୍ଲକ କୁଆଖିଆ ଏସ କେ ମଣ୍ଡପରେ ଆଞ୍ଚଳିକ ଅବସର ପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ ସଂଘ ସଭାପତି ସୁଧାଂଶୁ ଭୂଷଣ ମିଶ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଜିଲ୍ଲା ସଭାପତି ରବି ଶତପଥୀ, ମୁଖ୍ୟ ବକ୍ତା ଶିକ୍ଷାବିତ ବଳରାମ ଆଇଚ, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ବିବେକାନନ୍ଦ ନାୟକ ଯୋଗ ଦେଇ ମଣିଷ ର ଅବସର ନାହିଁ, ଅବସର ପ୍ରାପ୍ତ କର୍ମଚାରୀ ମାନେ ସମାଜ ର ସେବା କରିବାକୁ ଆୟାହାନ ଦେଇଥିଲେ । ଜଳଧର ସାହୁ ସୱାଗତ ଭାଷଣ, ନରେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଧାନ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ବିବରଣୀ ପାଠ କରିଥିଲେ ଓ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ରେ ଗିରିଧାରୀ ସାମଲ, ଅଲେଖ ସାହୁ,ଅଭିଭାଷଣ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଧର ରାଉତ, ଅର୍ଜୁନ ଚରଣ ସାହୁ, ଜୟରାମ ପଣ୍ଡା, ଶଙ୍କର୍ଷଣ ପଣ୍ଡା ସହଯୋଗ କରିଥିଲେ ।

## ଗୋପବନ୍ଧୁ ଫାଉଣ୍ଡେସନ ପକ୍ଷରୁ ମିନି ମାରାଥନ ପ୍ରତିଯୋଗିତା

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣା ବସନ୍ତ ପଞ୍ଚାୟତର ବାଲଂଶା ଗ୍ରାମରେ ଜିଲ୍ଲାର ଅଗ୍ରଣୀ ପ୍ରତିଷ୍ଠାନ ଗୋପବନ୍ଧୁ ଫାଉଣ୍ଡେସନ ଆୟୋଜନରେ ରବିବାର ସକାଳେ ରାଜ୍ୟ ସ୍ତରୀୟ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗିମାନେ ଅଂଶ ଗ୍ରହଣ କରିଥିଲେ। ଏହାକୁ ଜାତୀୟ ସ୍ତରୀୟ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଖୋକୋ ଖେଳାଳି ମଧୁସ୍ମିତା ଓଝା ଓ ଅଙ୍କିତ ଜେନା ଉଦଘାଟନ କରିଥିଲେ। ଏଥିରେ ୬୦ରୁ ଉର୍ଦ୍ଧ ପ୍ରତିଯୋଗୀମାନେ ଭାଗ ନେଇଥିଲା ବେଳେ ସେମାନେ ତଅଁରା ରେଢୁଆ, ଗଡ୍ଡପୁର ଆଦି ପାଞ୍ଚ ଛଅଟି ଗ୍ରାମ ଅତିକ୍ରମ କରିବା ସହିତ ୮କିମି ଗଣଦୈଡ କରିଥିଲେ। ଏଥି ନିମନ୍ତେ ଆୟୋଜିତ ଏକ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଳିବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ପ୍ରିୟମ୍ବଦା ଜେନା ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରାଧାପିକା ଲିପ୍ସିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କାଳନ୍ଦୀ ମହାନ୍ତି, ସଞ୍ଜୟ କୁମାର ସାହୁ, ଭୁବନ ମୋହନ ଦାସ, ବନମାଳୀ ମହାରଣା, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ଏହି ଗଣଦୈଡର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ କବି ଓ ସୁଲେଖକ ଅଲେଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲା ବେଳେ ତାପସ ମହାରଣା ମଞ୍ଚ ପରିଚାଳନା କରିଥିଲେ ।

# ଭୁବନାନନ୍ଦ ସାହୁ ଫାଉଣ୍ଡେସନର ସାରସ୍ୱତ ଉତ୍ସବ



ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମରେ ଅଧିଷ୍ଠିତ ଶ୍ରୀ ବାସୁଦେବ ନିଳୟ ପରିସରରେ ସାହିତ୍ୟ ସାଧକ ଭୁବନାନନ୍ଦ ସାହୁ ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୁବନାନନ୍ଦ ସାହୁ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଉତ୍ସବ ବିଶିଷ୍ଟ ଭାଷାବିତ୍ ନଟବର ଶତପଥୀଙ୍କ ପୌରୋହିତ୍ୟରେ ପରିଚାଳିତ ହୋଇଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ପ୍ରାଜ୍ଞ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫାଉଣ୍ଡେସନ ଗଠନର ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବରେ ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଯୋଗ ଦେଇ ଗୁରୁ ଭୁବନାନନ୍ଦ ସାହୁଙ୍କ ଛାତ୍ର ଜୀବନ ଗଠନରେ ଭୂମିକାର ଆଲୋଚନା କରିଥିଲେ ।

ପୁସ୍ତକର ସମ୍ପାଦକ ଡକ୍ଟର ବିରଞ୍ଚି କୁମାର ସାହୁ ଓ ପ୍ରକାଶକ ଦିଲୀପ କୁମାର ବେଉରା ପୁସ୍ତକର ଇତିବୃତ୍ତି ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ଡକ୍ଟର ଭୁବନାନନ୍ଦ ସାହୁ ଫାଉଣ୍ଡେସନ ଗଠନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସଦସ୍ୟ ଭୂପେନ ଚାଟାର୍ଜୀ ପ୍ରାରମ୍ଭିକ ମନ୍ତବ୍ୟ ଦେଇଥିବା ବେଳେ ସୁନାମଧନ୍ୟ ଗୀତିକାର ବିଶ୍ୱେଶ୍ୱର ମହାନ୍ତି ସୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବ ଆରମ୍ଭରେ ଅଧାପକ ସତ୍ୟବ୍ରତ ବେହୁରା ଓ ଅଧାପିକା ବିଜୟଲକ୍ଷ୍ମୀ ମିଶ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କବି ଡକ୍ଟର ଗୌତମ ଜେନା ଅତିଥି ଭାବେ ଯୋଗଦେଇ ଆଧୁନିକ କବିତା ସମ୍ପର୍କରେ ସୱମତ ଉପସ୍ଥାପନା କରିଥିଲେ ।

କବି ସର୍ବଶ୍ରୀ ଅଶୋକ କୁମାର ମହାନ୍ତି, ଅପରାଜିତା, ବିଜୟ କୁଅଁର, ମାନସ ଦାଶ, ସତ୍ୟାନନ୍ଦ ଦାଶ, ରାମଚନ୍ଦ୍ର ଶତପଥୀ, ନାରାୟଣ ମହାଳିକ, ବିପୀନ ବିହାରୀ କର, ସଂଯୁକ୍ତା ବେହେରା, ସଚ୍ଚିଦାନନ୍ଦ ବେହେରା, ମନୋଜ ମହାପାତ୍ର, ରାମଚନ୍ଦ୍ର ସାହୁ, ବୀର କିଶୋର ସ୍ୱାଇଁ, ପୁଷ୍ପଲତା ବେହେରା, ସୁବାଷ ବେହେରା, ଲବଙ୍ଗଲତା ରାଉତ, ଭକ୍ତ ଚରଣ ସାହୁ ପ୍ରମୁଖ କବିମାନେ ସୱରଚିତ କବିତା ଆବୃତ୍ତି କରିଥିଲେ । ଫାଉଣ୍ଡେସନ ପକ୍ଷରୁ ଗୌତମ ଚରଣ ଜେନାଙ୍କୁ ସାରସୱତ ସଂଗଠନ ସମ୍ମାନ, ସଚ୍ଚିଦାନନ୍ଦ ବେହେରାଙ୍କୁ କବିତା ସମ୍ମାନ, ଡକ୍ଟର ମହେଶ୍ୱର ପାଢ଼ୀଙ୍କୁ ପ୍ରବନ୍ଧ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅରୁଣ କୁମାର ବାରିକ, ହିମାଂଶୁ ଭୂଷଣ ସାହୁ, ସୁଧାଂଶୁ ଶେଖର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ଇଂ ଶୁଭ୍ରାଂଶୁ ଭୂଷଣ ସାହୁ ।

## ରବିଧାନ ଡାଲୁଅ ପଞ୍ଜିକରଣ ପାଇଁ ସରକାରୀ ନୀତିକୁ ଚାଷୀଙ୍କ ବିରୋଧ

ବିଞ୍ଝାରପୁର, (ସବ୍ୟୁ): ଚଳିତ ୨୦୨୬ବର୍ଷ ରବି ଋତୁ ରେ ଅମଳ ହୋଇଥିବା ଦାଲୁଅ ଧାନ ସରକାରୀ ମଣ୍ଡିରେ ବିକ୍ରୟ ପାଇଁ ରାଜ୍ୟ ସରକାର ଚାଷୀ ମାରଣନୀତି ପ୍ରଣୟନ କରିଛନ୍ତି । ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଖାଲୁଆ ଅଞ୍ଚଳ ଟିଣା , କପିଳା ଆଉଁରୀ ଯେଉଁଠାରେ ଗତ ୨୬ବର୍ଷ ହେବ ସାରଦ ଧାନ ଚାଷରୁ ଚାଷୀ ମୁହଁ ଫେରାଇ ଛଅ ବର୍ଷ ହେବ ଡାଲୁଅ. ଧାନ ଚାଷରେ ମନୋନିବେଶ କରିଛନ୍ତି ଓ ସଫଳ ଉତ୍ପାଦିତ ଧାନ ଅମଳ କରୁଛନ୍ତି । ମାତ୍ର ଦୁଃଖ ଓ ପରିତାପର ବିଷୟ ଚଳିତ ବର୍ଷ ପ୍ୟାକ୍ସବରେ ଧାନ ବିକ୍ରୟ ପାଇଁ ନାମ ପଂଜୀକରଣ କାର୍ଯ୍ୟ ଚାଲିଛି । ଏହି ପଞ୍ଜୀ କରଣର ସମୟସୀମା ଚଳିତ ମାସର ୨୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି । ମାତ୍ର ଦଶରଥପୁର ଓ ବଞ୍ଝାରପୁର ତହସିଲର ଅନେକ ଗ୍ରାମ ର ବନ୍ଦୋବସ୍ତ ଚୂଡାନ୍ତ ହୋଇନାହିଁ । ଯଦ୍ୱାରା ଆରଓଆର ପରିବର୍ତ୍ତନ ହୋଇ ପାରିନାହିଁ । ପଞ୍ଜୀକରଣ ସର୍ତ୍ତାବଳୀରେ ଜମିମାଲିକ ଜୀବିତ ନଥିଲେ ଉତ୍ତାରାଧିକାର ପ୍ରମାଣପତ୍ର କୁ ଗୁରୁତ୍ୱ ଦିଆଯାଇଛି । ତେବେ ଦତ୍ତ ସମୟସୀମା ମଧ୍ୟରେ ଲିଗାଲ ହେୟାର ବାହାରିବା ସମ୍ଭବ ହେଉନାହିଁ । ଫଳତଃ ଚାଷୀ ଧାନବିକ୍ରୀ ପାଇଁ ପଞ୍ଜୀକରଣରୁ ବଂଚିତ ହେଉଛନ୍ତି । ହଜାରରୁ ଉର୍ଦ୍ଧ୍ୱ ଚାଷୀପଞ୍ଜୀକରଣରୁ ବଂଚିତ ହେବାର ଆଶଙ୍କା ପ୍ରକାଶ ପାଉଛି ।ଚାଷୀପଞ୍ଜୀକରଣରୁ ଏହି ଆଇନ ସର୍ତ୍ତ କୁ ବାଦ ଦେବା ଓ ଆବଶ୍ୟକୀୟ ପରିବର୍ତ୍ତନ ଦାବୀ କରି କୃଷକନେତା ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ଗତକାଲି ଯାଜପୁର ଜିଲ୍ଲାପାଳ ଓ ସମବାୟ ସମିତିର ଜିଲ୍ଲା ରେଜିଷ୍ଟ୍ରରଙ୍କୁ ସାକ୍ଷାତ କରି ସମସ୍ୟାର ଆଶୁ ପରିବର୍ତ୍ତନ ଦାବୀ କରିଛନ୍ତି । ଏହି ପ୍ରତିନିଧୀ ଦଳରେ ରମେଶ ମଲିକ, ସଂଗ୍ରାମ ସାମଲ, ସୁଶାନ୍ତ ମଲିକ, ଶ୍ୟାମସୁନ୍ଦର ସାମଲ, ଜ୍ୟୋତିପ୍ରକାଶ ମଲିକ, ବିଜୟ ପଣ୍ଡା, ବିଜୟ ରାଉତ, ବାସୁଦେବ ନାୟକ, ଦୁର୍ଯ୍ୟୋଧନ ନାୟକ, କୈଳାସ ସାମଲ, କୁଣଲି ଜେନା, ଦୈତ୍ୟାରୀ ପଣ୍ଡା, ଧନେଶ୍ୱର ସାମଲ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

## ଶକ୍ତିରୂପା ନର୍ସିଂ ସ୍କୁଲର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଜଗତସିଂହପୁର, (ସବ୍ୟୁ): ସଦର ସ୍ଥିତ ସିପି-ମକୁନ୍ଦପୁର ଠାରେ ଥିବା ଶକ୍ତିରୂପା ନର୍ସିଂ ସ୍କୁଲର ୨୦୨୨-୨୦୨୫ ବ୍ୟାଚର ଜିଏନଏମ ଓ ୨୦୨୩-୨୦୨୫ ବ୍ୟାଚର ଏଏନଏମ ଛାତ୍ରଛାତ୍ରୀମାନଙ୍କର ଏକ ବିଦାୟ କାଳୀନ ଉତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି ।ଶକ୍ତିରୂପା ନର୍ସିଂ ସ୍କୁଲର ମୁଖଯ ପରିଚାଳକ ଅରୁଣ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନର୍ସିଂ ସ୍କୁଲର ଅଧକ୍ଷ କନକଲତା ଦେଇ, ପ୍ରଶାସନିକ ଅଧିକାରୀ ଦ୍ୟୁତିକୃଷ୍ଣ ରାଉତରାୟ, ପଟସରା ସରପଞ୍ଚ ପ୍ରମୁଖ କୁମାର ରାଉତ, ଉପଦେଷ୍ଟା ଅରୁଣ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କର୍ତ୍ତବଯବୋଧ ଓ ଦାୟିତ୍ୱ ନିର୍ବାହ କରିବା କ୍ଷେତ୍ରରେ ବିଭିନ୍ନ ଉପଦେଶ ଦେବା ସହିତ ପିଲାମାନଙ୍କର ଉତ୍ତରଉତ୍ତୋର କାମନା କରିଥିଲେ । ଏଥିରେ କାଯର୍ଯକ୍ରମକୁ ନର୍ସୀଂ ସ୍କୁଲର ଶିକ୍ଷୟିତ୍ରୀ ଦିବ୍ୟଜ୍ୟୋତି ଜେନା, ସୁପ୍ରଭା ମୁଦୁଲି, ସ୍ନିଗ୍ଧାଞ୍ଜଳୀ ଦାସ, ଚିନ୍ମୟୀ ମହାନ୍ତି, ଅର୍ପୀତା ନାୟକ, ଶୁଭସ୍ମିତା ରଥ ପ୍ରମୁଖ ପରିଚାଳନା କରିବା ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

## ଜନଗଣନା ପ୍ରଶିକ୍ଷଣକୁ ନେଇ ଚିନ୍ତାରେ ଶିକ୍ଷକ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକରେ ଆସନ୍ତା ୨୪ତାରିଖ ଠାରୁ ତା୧୦.୦୪.୨୦୨୬ରିଖ ପର୍ଯ୍ୟନ୍ତ ପ୍ରତିଦିନ ଏ ଓ ବି ଦୁଇଟି ଗ୍ରୁପ୍‌ମାଧ୍ୟମରେ ୫୦ଜଣ ଶିକ୍ଷକଙ୍କୁ ନେଇ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ଯାହାକୁ ନେଇ ବିଭିନ୍ନ ଶିକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି। ବର୍ତ୍ତମାନ ମ୍ୟାଟ୍ରିକ ପରୀକ୍ଷା ଖାତା ଦେଖା କାର୍ଯ୍ୟରେ ଶିକ୍ଷକମାନେ ଅଂଶଗ୍ରହଣ କରିଛନ୍ତି। ସେମାନେ କିଭଳି ଭାବରେ ଜନଗଣନା ପ୍ରଶିକ୍ଷଣରେ ଯୋଗଦେବେ। ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ ଜନଗଣନା ପ୍ରଶିକ୍ଷଣରେ ଶିକ୍ଷକମାନେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠେ ଶିକ୍ଷକମାନେ କେଉଁ କାର୍ଯ୍ୟ ପ୍ରଥମେ କରିବେ। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟରଖି ପରୀକ୍ଷା ଖାତା ଦେଖିବେ ନା ଜନଗଣନା ପ୍ରଶିକ୍ଷଣ ନେବେ । ଏଣୁ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଯେଉଁଶିକ୍ଷକମାନେ ପରୀକ୍ଷା ଖାତା ଦେଖୁଛନ୍ତି ସେମାନଙ୍କୁ ପରୀକ୍ଷା ଖାତା ଦେଖା ସରିବା ପରେ ଜନଗଣନା ପ୍ରଶିକ୍ଷଣ ନେବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ୨ତାରିଖ ସୁଦ୍ଧା ମାଟ୍ରିକ ପରୀକ୍ଷା ଖାତା ଦେଖା କାଯ୍ୟ ଶେଷ ହେବ ବୋଲି ମାହାଙ୍ଗା ଅଂଚଳର କେତେକ ଶିକ୍ଷକ ନିଜ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଣୁ କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

## ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଶୀତଳା ଦେବୀ ଯାତ୍ରା କମିଟି ସଦସ୍ୟ




ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ଅଧୀନ କଂସାର ବଡ଼ ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ବଡ଼ବଇଁଚା ଗାଁ ରେ ମା, ଶୀତଳା ଦେବୀ ଙ୍କ ପୂଜା ଦୀର୍ଘ ୭୮ବର୍ଷରୁ ଅଧିକ ଦିନ ଧରି ଅନୁଷ୍ଠିତ ହେଉଛି । ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଦେବୀଙ୍କ ବାର୍ଷିକ ପୂଜା କାର୍ଯ୍ୟ ଅନୁଷ୍ଠିତ ହେଉଥିଲେ ବି ଅର୍ଥାଭାବରୁ ଯାତ୍ରା ପରିବେଷଣ କରିବା ସମ୍ଭବ ହେଉନି ।

ମାତ୍ର ଚଳିତ ବର୍ଷ ପୂର୍ବ ଭଳି ଗାଁ ଓ ଆଖ ପାଖ ଗ୍ରାମର ଯୁବକ ଓ ମୁରବି ମାନଙ୍କ ସାହାଯ୍ୟ ସହଯୋଗ ଓ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକଙ୍କ ଅକୁଣ୍ଠ ସହଯୋଗ ଓ ସହାନୁଭୂତି ହେତୁ ଯାତ୍ରା ପରିବେଷଣ ସମ୍ଭବ ହୋଇପାରିଛି । ଚଳିତ ବର୍ଷ ବାର୍ଷିକ ପୂଜା ଅବସର ରେ ନାଟ୍ୟ ମଣ୍ଡପ ଯାତ୍ରା ପାର୍ଟି ୩ ରାତ୍ରି ଯାତ୍ରା ପରିବେଷଣ କରିବା ସମ୍ଭବ ହୋଇଛି । ଏସବୁ ନେଇ ଗ୍ରାମବାସୀ ତଥା ପୂଜା କମିଟି ର ସଦସ୍ୟ ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ପୂଜାର ଉତ୍ତରୋତ୍ତର କାମନା କରିଛନ୍ତି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଧର ସାମଲ, ଜୟରାମ ପ୍ରଧାନ, ଅରବିନ୍ଦ ସୱାଇଁ, ଅକ୍ଷୟ ସାମଲ, ସୁରେନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ପ୍ରାମାଣିକ ଙ୍କ ସମେତ ଅନେକ ମୁରବି ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା

କେନ୍ଦ୍ରାପଡ଼ା, (ସବ୍ୟୁ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନେଇ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷ ପାଇଁ ଏକ ସମୀକ୍ଷା ତଥା ଦକ୍ଷତା ବୃଦ୍ଧି କାର୍ଯକ୍ରମ ସଂସ୍କୃତି ଭବନ, କେନ୍ଦ୍ରାପଡା ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯକ୍ରମକୁ ଜିଲ୍ଲା ମୁଖ୍ୟ ଚିକତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ,ଡ଼ ମନୋରଂଜନ ରାଉତ, ଶ୍ରୀ ବଳଦେବଜିଉବ ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ବିଭିନ୍ନ କ୍ଷେତ୍ରରେ କ୍ଷେତ୍ର କର୍ମଚାରୀ ମାନେ ଯେଉଁ ସଫଳତା ସହିତ କାର୍ଯ୍ୟ କରିଛନ୍ତି ସେଥିପାଇଁ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯକ୍ରମରେ ବ୍ଲକ ସ୍ତରରୁ ସମସ୍ତ ବିପିଏଏମ ଏବଂ ବି ଡି ଏମ ଉପସ୍ଥିତ ରହିବା ସହିତ ଜିଲ୍ଲା ସ୍ତରର ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସମସ୍ତ କର୍ମକର୍ତ୍ତା ରହି ସେମାନଙ୍କ ବିଷୟ ଉପରେ ସମୀକ୍ଷା କରିବା ସହିତ ଆଗାମୀ ବର୍ଷ କିପରି ଭାବେ ଆହୁରି ଅଧିକ କ୍ଷେତ୍ରରେ ଭଲ ସ୍ୱାସ୍ଥ୍ୟ ଅଭ୍ୟାସ କରାଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସ୍ତରରୁ ଯୁକ୍ତ ଶଶୀ ଭୂଷଣ ଜେନା, ଷ୍ଟେଟ ଡାଟା ମ୍ୟାନେଜର, ଅନିଲ କୁମାର ଦାସ, କନ୍ସଲଷ୍ଟାଣ୍ଟ, ତଦାରଖ ଓ ମୂଲ୍ୟାୟନ, ମୃତ୍ୟୁଞ୍ଜୟ ରଥ, ଷ୍ଟେଟ ଟ୍ରେନିଂ କନ୍ସଲଷ୍ଟାଣ୍ଟ ଏବଂ ଶ୍ରୀମତୀ ରଶ୍ମିତା ଦାସ, କନ୍ସଲଷ୍ଟାଣ୍ଟ ଇ - ସଞ୍ଜିବନୀ, ଭୁବନେଶ୍ୱର ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ ।

ବୈଠକରେ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ, କୈଶୋର ସ୍ୱାସ୍ଥ୍ୟ, ରକ୍ତହୀନତା ଦୂରୀକରଣ, ଅପପୁଷ୍ଟିର ନିରାକରଣ, ଇ ସଞ୍ଜିବନୀ ମାଧ୍ୟମରେ ଗୋଷ୍ଠୀ ରୋଗୀ ଓ ଡାକ୍ତର ଙ୍କ ସଂଯୋଗୀ କାରଣ ଓ ରୋଗର ନିରାକରଣ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ର ବିଭିନ୍ନ ଇଣ୍ଡିକେଟର୍ ଉପରେ ସମୀକ୍ଷା, ଗୋଷ୍ଠି ସହଭଗିତା, ନବଜାତ ଶିଶୁର ଘରୋଇ ଯତ୍ନ, ଅମ୍ଳାନ କାର୍ଯକ୍ରମର ସମୀକ୍ଷା ଓ ଦକ୍ଷତା ବୃଦ୍ଧି କରାଯାଇଥିଲା । ଶିଶୁ ମୃତ୍ୟୁ ସମୀକ୍ଷା ସହିତ ଟୀକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଏଚପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉପ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ରେ କିଭଳି ଭାବେ ସମସ୍ତ ଆବଶ୍ୟକୀୟ ଔଷଧ ଓ ସାମଗ୍ରୀ ସମୟାନୁସାରେ ରହିବ ସେ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା।ଗର୍ଭାବସ୍ଥା ରେ ବିପଦପୂର୍ଣ୍ଣ ମାର ଚିହ୍ନଟ ସାଙ୍ଗକୁ ତାର ସଠିକ ପରିଚାଳନା, ଡାକ୍ତରଖାନା ଶତକଡା ୧୦୦ % ଜନ୍ମ ପାଇଁ ସମସ୍ତେ ସଜାଗ ରହିବା, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ର ପାଇଁ ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କୁ ପ୍ରେରଣ କରିବା, ଗ୍ରାମାଞ୍ଚଳରେ ଉଭୟ ଆଶା ଓ ଅଙ୍ଗନୱାଡ଼ି ସହିତ ଯୁଗ୍ମ ପରିଦର୍ଶନ କରିବା, ଠିକ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ସେବା ଯୋଗାଇଦେବା ଅବସରରେ ସମସ୍ତେ ସଠିକ ସମୟ ଅବଲମ୍ବନ କରିବା କଥା ତାଗିଦ କରାଯାଇଥିଲା ।

ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ ଡ଼. ମନୋରଞ୍ଜନ ସାହୁ ପୁଙ୍ଖାନୁପୁଙ୍ଖ ଭାବରେ ବ୍ଲକ ର ଉନ୍ନତି ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତି ଉପରେ ପର୍ଯ୍ୟବେସିତ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ବିଷ୍ଣୁ ଚରଣ ସାହୁ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡ଼ା, ଆସିଷ୍ଟାଣ୍ଟ ମ୍ୟାନେଜର ଜିତେନ୍ଦ୍ର ଖଡ଼ିରତ୍ନ ପ୍ରମୁଖ ସମୀକ୍ଷା କରିଥିଲେ ।

# ଆଳି ହାଇସ୍କୁଲ ୧୯୯୨ ବ୍ୟାଚ୍ ବନ୍ଧୁ ମିଳନ



ଆଳି, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକରେ ଥିବା ସର୍ବ ପୁରାତନ ସ୍କୁଲ ଆଳି ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନଙ୍କର ବନ୍ଧୁମିଳନ ଉତ୍ସବ ରବିବାର ଦିନ ଆୟୋଜିତ ହୋଇଯାଇଛି। ପୂର୍ବତନ ଛାତ୍ର ସୁଶୀଲ କୁମାର ସେନାପତି, ସୂର୍ଯ୍ୟମଣି ସାମଲ, ସରୋଜିନୀ ମିଶ୍ର, ଶରତ କୁମାର ପାତ୍ର, ଅଜାମ୍ବର ରାଉତ ଓ ସୁଜିତ କୁମାର ମହାନ୍ତି ଙ୍କ ସଂଯୋଜନା ରେ ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇ ନିଜ ଛାତ୍ରଜୀବନର ଅନୁଭବ ଆଦାନ-ପ୍ରଦାନ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିନୋଦ ସେନାପତି, ବିଦ୍ୟାଧର ଦାସ, ଖଗେଶ୍ୱର ସାହୁ, ବିଭୁ ରାୟ, ପ୍ରଶାନ୍ତ ବାରିକ, ଦେବାଶିଷ ରାୟ , ପ୍ରତାପ ସାହୁ, ରାଜେନ୍ଦ୍ର ବାରିକ, ବିମଳ ପ୍ରସାଦ ରାଉତ, ଜିତେନ୍ଦ୍ର ରାୟ, ରାଜେନ୍ଦ୍ର ପ୍ରଧାନ, କବିତା ଦାସ, ଗୀତାଞ୍ଜଳି ପଟ୍ଟନାୟକ, ସଂଯୁକ୍ତା ରାଉତ, ଭାରତୀ ଦୀକ୍ଷିତ, ସନ୍ଧ୍ୟାରାଣୀ ସାହୁ, ହେମଲତା ସାହୁ, ସୁଲୋଚନା ମିଶ୍ର, ସ୍ମିତାରାଣୀ ରାୟ, ମମତା ସାହୁ, ସାନ୍ତ୍ୱନା ରଥ, ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦାନ ଦେଇ ଥିଲେ ବହୁ ସଂଖ୍ୟକ ପୂର୍ବତନ ଛାତ୍ରଛାତ୍ରୀ ଓ ଅତିଥିମାନେ ଯୋଗ ଦେଇଥିଲେ। ପିଲାମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା, ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଆଇନ୍ ସଚେତନତା ସଭା

ଯାଜପୁରସଦର, (ସବ୍ୟୁ): ଜିଲ୍ଲା ଦୌରାଜଜ୍ ତଥା ଜିଲା ଆଇନ୍ ପ୍ରାଧିକରଣ ଅଧକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ମିରଜାପୁର ପଞ୍ଚାୟତର ଗୋଷ୍ଠି ତାଲିମ୍ କେନ୍ଦ୍ର ପରିସରରେ ବିଶ୍ୱ ଜଳ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ୍ ଅଧକ୍ଷତା କରିବା ସହିତ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ଜଟିଆ ହେମ୍ବ୍ରମ୍ ବନାମ ଓଡିଶା ରାଜ୍ୟ ସରକାର ମାମଲା ସଂଖ୍ୟା ୧୮୩/ ୨୦୨୫, ଜେସିଆର୍ ଏଲ ଏସ୍ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଅତିଥି ଆଲୋଚକ ଭାବେ ଯାଜପୁର ଅତିରିକ୍ତ ଅଂଚଳିକ ପରିବହନ ଅଧିକାରୀ ନିଉଟନ୍ ଦାସ,ସିଡିପିଓ ଶାନ୍ତିଲତା ସେଠୀ ଓ ଡିଏସଓ କୁମାରସେନ୍ ସେନାପତି ପ୍ରମୁଖ ଯୋଗ ଦେଇ ବାୟୁ,ଜଳ ପରିବେଶ ପ୍ରଦ୍ୟୁଷଣ ଓ ନିୟନ୍ତ୍ରଣ ବିଭିନ୍ନ ପରିବହନ ଆଇନ୍ ର ଉପଭୋକ୍ତା ସେବା,ବାଲଯ ବିବାହ ନିରୋଧ ଆଇନ୍ ଏବଂ ଏହାର ପ୍ରୟୋଗ ଜଳ ଦିବସର ମହତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ ।

ପ୍ରାଧିକରଣ ପ୍ରାକ୍ତନ ସଦସଯ ଓ ସାମାଜିକ କାଯର୍ଯକର୍ତା କାଯର୍ଯକ୍ରମ ପରିଚାଳନା କରିବା ସହିତ ଚଳିତ ୨୦୨୬ ବର୍ଷ ପାଇଁ ଜଳଦୀବସ ପାଳନର ଥିମ୍ ୱାଟର ଫର ପିସ୍ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସ୍ଥାନୀୟ ମିରଜାପୁର ସରପଂଚ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିପିଲି ପୁସ୍ତକ ମେଳା ଉଦ୍‌ଯାପିତ

# ଗ୍ରାମାଞ୍ଚଳ କବି କବୟିତ୍ରୀମାନଙ୍କୁ ଅଧିକ ଗୁରୁତ୍ୱ ଦେବା ଉଚିତ : ଗୁରୁକଲ୍ୟାଣ ମହାପାତ୍ର

ପିପିଲି,(ସବ୍ୟୁ): ରବିବାର ସନ୍ଧ୍ୟାରେ ପିପିଲି ସ୍ଥିତ ସଙ୍କଟ ମୋଚନ ହନୁମାନ ମନ୍ଦିର ସମ୍ମୁଖ ପ୍ରାଙ୍ଗଣରେ ହୋଇଥିବା ପିପିଲି ପୁସ୍ତକମେଳା ଉଦଯାପିତ ହୋଇଯାଇଛି । ଏହି ଉଦଯାପିତ ଉତ୍ସବ ମଞ୍ଚରେ ବିଶିଷ୍ଟ କବି ସ୍ତମ୍ଭକାର ତଥା ସମୟ ଖବର କାଗଜର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ହେଲେ ଗ୍ରାମାଞ୍ଚଳରେ ବହୁ ପ୍ରତିଭାବାନ ଲେଖକ କବି କବୟିତ୍ରୀ ମାନଙ୍କୁ ଗୁରୁତ୍ୱ ଦେଇ ଆଗକୁ ଆଣିବା ଉଚିତ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ପୁସ୍ତକ ମେଳା କମିଟିର ସଭାପତି ଭିକାରି ଚରଣ ଧଳଙ୍କ ପୌରୋହିତ୍ୟରେ ହୋଇଥିବା ଏହି ସଭାରେ ପ୍ରାକ୍ତନ ଅଧ୍ୟାପିକା ବିଶିଷ୍ଟ ବକ୍ତା, ଲେଖିକା ଡକ୍ଟର ପ୍ରତିଭା ମହାରଥୀ ମୁଖ୍ୟ ଅତିଥି, ସ୍ତମ୍ଭକାର ଓ ଲେଖକ ପ୍ରହ୍ଲାଦ କୁମାର ସିଂହ, ପିପିଲି ଏନ ଏ ସି ର ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା,ପୁସ୍ତକମେଳା କମିଟିର ସମ୍ପାଦକ କବି ଅର୍ଜୁନ ଘଡେଇ, ଜାଗୃତି ମହୋତ୍ସବ କମିଟିର ମୁଖ୍ୟ ପ୍ରଭାତ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ



ମୋବାଇଲରେ ବ୍ୟସ୍ତ ଯୁବପିଢିଙ୍କ ପାଇଁ ପୁସ୍ତକମେଳାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ମଞ୍ଚରେ ଓଡ଼ିଶାର ସୁନାମଧନ୍ୟ ଲବ୍ଧପ୍ରତିଷ୍ଠିତ କବି କବୟିତ୍ରୀ ଗାଳ୍ପିକ ଲେଖକ ପ୍ରଫୁଲ୍ଲ କୁମାର ଦାଶ,ସ୍ୱର୍ଣ୍ଣପ୍ରଭା ରଥ,ବିଦ୍ୟୁତ ଲତା ଗନ୍ତାୟତ, ରକ୍ଷକ ନାୟକ, ବିପିନ ମହାନ୍ତି, ବୃନ୍ଦାବନ ଜେନା,ସରୋଜିନୀ ମିଶ୍ର, ବୃନ୍ଦାବନ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତତ ସହିତ କବିତା ଆବୃତ୍ତି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଯୋଜକ ରମାକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ । ପିପିଲି କଲେଜ ଛାତ୍ରୀମାନେ ଆବାହନୀ ସଂଗୀତ ଗାନ କରିଥିଲେ ।

# ମାଛ ଗୋଦାମ ମାଲିକଙ୍କ ସନ୍ଦେହଜନକ ମୃତ୍ୟୁ

ଅସ୍ତରଙ୍ଗ (ସବ୍ୟୁ): ଅସ୍ତରଙ୍ଗ ବଜାରରେ ମାଛ ବ୍ୟବସାୟୀ ଭୁପେଶ ଜେନା(୫୦) ଓରଫ ବାପିଙ୍କ ମୃତଦେହକୁ ରବିବାର ସକାଳେ ଅସ୍ତରଙ୍ଗ ବଜାର ଠାରୁ ପ୍ରାୟ ୪ କିମି ଦୂର କଣ୍ଡିଛକରୁ ଖଣ୍ଡାସାହି ରାସ୍ତା ମଧ୍ୟସ୍ଥ ଭଉପୋଲ ନିକଟରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ଏନେଇ ସ୍ଥାନୀୟ ବାସିନ୍ଦା ଓ ପରିବାର ସଦସ୍ୟ କାକଟପୁର ଥାନା ପୁଲିସକୁ ସୂଚିତ କରିଥିଲେ । ତେବେପୁଲିସ ପହଞ୍ଚିବା ବିଳମ୍ବ ହେବାରୁ ବ୍ୟବସାୟୀମାନେ ମୃତ୍ୟଦେହକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ପରେ ଅସ୍ତରଙ୍ଗ ପୁଲିସ ସହାୟତାରେ କାକଟପୁର ପୁଲିସ ମୃତଦେହ ଜବତକରି ଶବ ବ୍ୟବଚ୍ଛେଦ ପାଇଁ ଛରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା ଶବ ବ୍ୟବଚ୍ଛେଦ ପରେ ମତ୍ସ୍ୟ ବ୍ୟବସାୟୀଙ୍କ ସହଯୋଗରେ ସଓ୍ୱର୍ଗଦ୍ୱାରରେ ଭୁପେଶଙ୍କ ଅନ୍ତିମ ସତ୍କାର କରାଯାଇଛି ।ଭୁପେଶ, ଅସ୍ତରଙ୍ଗ ବ୍ଲକ ହରିଶୀହୁଳାରେ ରହୁଥିଲେ । ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା, କିନ୍ତୁ ପାରିବାରିକ ସମସ୍ୟା ଯୋଗୁଁ ସେ ଅନେକ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ । ପୂର୍ବରେ, ସାପ କାମୁ ଗୋଟିଏ ଭାଇକୁ ହରାଇଥିଲେ । ଗୋଟିଏ ଭାଇ ଏବେ ପାଗଳ । ଘରେ ଅନ୍ଧୁଣି ମା' । ଏହି ସମୟରେ ନିଜ ପନୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭଲ ନଥିଲା ରୋଗୀଣୀ ଅବସ୍ଥାରେ ମେଡିକାଲରେ ନିଜ ପନୀର ଡାଏଲିସିସ ଆଦି ପାଇଁ ସେ ଅନେକ ଟଙ୍କା ଖର୍ଚ୍ଚ କରୁଥିଲେ । ଗତକାଲି ରାତିରେ ଅସ୍ତରଙ୍ଗ ସେ ବଜାରରେ ବୁଲୁଥିବା ଲୋକମାନେ ଦେଖିଛନ୍ତି । ପାରିବାରିକ ଦୁଷ୍ଚିନ୍ତାରେ ଭାଙ୍ଗିପଡି ଏଭଳି ପଦକ୍ଷେପ ନେଇଥିବା କୁହାଯାଉଥିବା ବେଳେ ଅସ୍ତରଙ୍ଗ ବଜାର ଠାରୁ ବହୁ ଦୂରରେ ଜଣେ ଆସି କାହିଁକି ଜଣେ ଆତ୍ମହତ୍ୟା କରିବ ? ବୋଲି ସମ୍ପର୍କୀୟ ଓ ଅନ୍ୟ ବ୍ୟବସାୟୀମାନେ ସନ୍ଦେହ ପ୍ରକଟ କରିଛନ୍ତି । ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଶିଳାନ୍ୟାସକୁ ପୂରିଲା ୯ ମାସ : ବ୍ରିଜ କାର୍ଯ୍ୟ ଅଧାପାନ୍ତରିଆ

ନିମାପଡା,(ସବ୍ୟୁ): ଜଳସଂପଦ ବିଭାଗ ପ୍ରାଚୀ ଡିଭିଜନ ନିଆଳୀ ସବଡିଭିଜନ ଅଧିନ ତୁଳସୀପୁର ମାଇନର କେନାଲ ବନ୍ଧ ରାସ୍ତାର ଗଡଇଟାପୋଖରୀ କୋଠସାହି ଠାରେ ଏକ ବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଗତ ୨୦୨୫ ମସିହା ମେ ୨୩ ତାରିଖରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ତେବେ ଆଜକୁ ୮ମାସ ବିତିଥିଲେ ମଧ ବ୍ରିଜ କାର୍ଯ୍ୟ ଅଧାପାନ୍ତରିଆ ଭାବେ ପଡିରହିଛି। ସେଠାରେ ୫ଶହ ମିଟର ରାସ୍ତା ନିର୍ମାଣ ନିମନ୍ତେ ଫଳକରେ ଲେଖା ଥିଲେ ମଧ ରାସ୍ତା ନିର୍ମାଣର କୌଣସି ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ ୧୯ ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ବଯୟରେ ନିର୍ମିତ ହେଉଥିବା ଉକ୍ତ ବ୍ରିଜର କାମ ଏପର୍ଯ୍ୟନ୍ତ ୫୦ ଭାଗ ସରିନାହିଁ କାର୍ଯ୍ୟ ସାରିବାର ଅବଧି ଗତ ଅଗଷ୍ଟ ମାସରୁ ଶେଷ ହୋଇଥିବା ଜଣାପଡିଛି। ଉକ୍ତ ବ୍ରିଜ କାର୍ଯ୍ୟ ସମାପ୍ତ ହେଲେ ନିମାପଡା ବ୍ଲକର କଳାପାଟଂଣ ପଂଚାୟତ,ନିଆଳୀ ବ୍ଲକର ନିଆଳୀ ଗ୍ରାମ ପଂଚାୟତ,ମାଧବ ପଂଚାୟତ, ଜଲାରପୁର ପଂଚାୟତ,ନରିଶ,କୂଳ ଜଲାରପୁର ଆଦି ଗ୍ରାମବାସୀ ମାନେ ଉପକୃତ ହେବେ। ପୂର୍ବତନ ସରପଂଚ ଅଭିମନ୍ୟୁ ପଣ୍ଡା,ସ୍ଥାନୀୟ ବାସିନ୍ଦା ଅକ୍ଷୟ ଭୋଇ,ଅମିନ କାଣ୍ଡି,ଟୁଲିଆ ପାତ୍ର,ରଶ୍ମିରଂଜନ ପାତ୍ର ପ୍ରମୁଖ ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ନିମାପଡା ଓ ନିଆଳୀ ବ୍ଲକର ଅନେକ ପଂଚାୟତ ବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ କାର୍ଯ୍ୟ ତୁରନ୍ତ ସାରିବାକୁ ସେମାନେ ଦାବୀ କରିଛନ୍ତି। ଏସଂପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ନାୟକଙ୍କୁ ପଚାରିବାରେ ସପ୍ତାହ ମଧ୍ୟରେ ଉକ୍ତ କାମ ଆରମ୍ଭ କରିବାକୁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଛନ୍ତି।

## ଡେଲାଙ୍ଗ ଷ୍ଟେସନରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ସାକ୍ଷୀଗୋପାଳ ,(ସବ୍ୟୁ): ତ ୨୦ ସକାଳେ ଡେଲାଙ୍ଗ ରେଳ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ ରେ ଯାତ୍ରୀ ବିଶ୍ରାମ ନିମନ୍ତେ ଥିବା ଏକ ଚୌକି ରେ ଜଣେ ଯୁବକ ସଂଜ୍ଞାହୀନ ଅବସ୍ଥାରେ ପଡିରହିଥିଲେ । ଦେଲାଙ୍ଗ ଷ୍ଟେସନ ମାଷ୍ଟର ଉକ୍ତ ଯୁବକଙ୍କ ବିଷୟରେ ରେଳବାଇ ପୋଲିସ ସାକ୍ଷୀଗୋପାଳ ଙ୍କୁ ଜଣାଇଥିଲେ । ତୁରନ୍ତ ରେଳ ବାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ହାଟ ଡେଲାଙ୍ଗ ରେ ଥିବା ଏକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । । ଯୁବକଙ୍କ ବୟସ ଅନ୍ୟୁନ ୩୫ । ଉଚ୍ଚତା ୫ ଫୁଟ ଛଅ ଇଞ୍ଚ ହେବ । ଗୋରା ରଙ୍ଗ ପତଳା ଶରୀର । ଖାଲି ଦେହରେ ଥିବା ବେଳେ ସରଫ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଯୁବକ ଙ୍କ କୌଣସି ପରିଚୟ ଏ ପର୍ଯ୍ୟନ୍ତ ଜଣା ପଡିନାହିଁ । ପରିଚୟ ଚିହ୍ନଟ ପାଇଁ ପୁରୀ ମେଡ଼ିକାଲରେ ଶବକୁ ସଂରକ୍ଷିତ କରି ରଖାଯାଇଛି । ଏ ସମ୍ପର୍କରେ ରେଳ ବାଇ ପୋଲିସ କେଶ ନମ୍ବର ୬ / ୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ରେଳ ବାଇ ପୋଲିସ ଅଧିକାରୀ ସୁଧାକର ଭୋଇ ସୂଚନା ପ୍ରଦାନ କରିଛନ୍ତି ।

# ଶାରଦୀୟ ଷୋଳପୂଜା: ନବରାତ୍ରିର ଚତୁର୍ଥ ଦିବସରେ କୁଷ୍ମାଣ୍ଡ ବେଶରେ ମା ବନଦୁର୍ଗା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ଶାରଦୀୟ ଷୋଳପୂଜାର ଦ୍ୱାଦଶ ଓ ନବରାତ୍ରିର ଚତୁର୍ଥ ଦିବସରେ କୁଷ୍ମାଣ୍ଡ ବେଶରେ ମା ଦର୍ଶନ ଦେଇଛନ୍ତି । ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା



ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି । ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର , ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ ଏବଂ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ ।

# କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱୟରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି ।ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ଗଡସାନପୁଟ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ଢୋଲପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦେଇ ଭାଷା ଓ ଗଣିତ ଶିକ୍ଷଣ କାର୍ଯ୍ୟକୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ଓ ଆନନ୍ଦମୟ କରିବାପାଇଁ ଶିକ୍ଷଣ ଉପଯୋଗୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରିଥିଲେ । ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଙ୍କ ତତ୍ତ୍ୱାବଧାନରେ ଗଡସାନପୁଟ ପ୍ରଥମିକ ବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ବରିଷ୍ଠ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମହାରଣା ଓ ମମତା ରାଣୀ ବେହେରା , ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁଙ୍କ ତତ୍ତ୍ୱାବଧାନରେ ଢୋଲ ପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ପ୍ରଲମ୍ବିନି ବଡ଼ଜେନା ଓ ସୁପ୍ରଭା ରାଉତରାୟ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନ ଙ୍କୁ ତାଲିମ ପ୍ରଦାନ କରିଥିଲେ । କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ଦୁଇ କର୍ମଶାଳାର ପରିଦର୍ଶନ କରିଥିଲେ ।

# ନୂଆଗଡ଼ରେ ମାଗଣା ସ୍ୱାସ୍ଥ୍ୟ ଶିବିର : ୫୦୦ରୁ ଅଧିକ ରୋଗୀ ଉପକୃତ

ନିରାକାରପୁର, (ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମପଞ୍ଚାୟତରେ ଏକ ଭବ୍ୟ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ନୂଆଗଡ଼ ସଓ୍ୱଙ୍ଗ ସେବକ ସଂଘ ଏବଂ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନୂଆଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଜନହିତକର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଉଦ୍‌ଘାଟନୀ ଉତ୍ସବ ଓ ଅତିଥିଙ୍କ ଆହ୍ୱାନଅନ୍ନପୂର୍ଣ୍ଣା ଫାଇନାନ୍ସର ସି.ଓ.ଓ ତଥା ବିଶିଷ୍ଟ ସମାଜସେବୀ ଡ. ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ ।ଶିବିରରେ ବିଶେଷଜ୍ଞ ଡାକ୍ତରଙ୍କ ସେବା ଏହି ଶିବିରରେ ବିଭିନ୍ନ ବିଭାଗର ଅଭିଜ୍ଞ ଭେଷଜ ବିଶେଷଜ୍ଞ: ଡାକ୍ତର ଗଣପତି ପ୍ରଧାନ,ସ୍ତ୍ରୀ ରୋଗ ବିଶେଷଜ୍ଞ: ଡାକ୍ତର କବିତା ଛନନିଆ,ଅସ୍ଥିଶଲ୍ୟ ବିଶେଷଜ୍ଞ: ଡାକ୍ତର ହିମାଂଶୁ ଭୂଷଣ ବେହେରା, ଚର୍ମରୋଗ ବିଶେଷଜ୍ଞ: ଡାକ୍ତର ତପନ କୁମାର ସେଠୀ, ଶିଶୁରୋଗ ବିଶେଷଜ୍ଞ: ଡାକ୍ତର ପ୍ରତ୍ୟୁଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ନୂଆଗଡ଼ ସମେତ ଆଖପାଖ ପାଞ୍ଚଟି ପଞ୍ଚାୟତରୁ ୫୦୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନଙ୍କୁ ମାଗଣାରେ ଉନ୍ନତ ମାନର ଔଷଧ ଯୋଗାଇ ଦିଆଯିବା ସହ ରକ୍ତ ନମୁନା ପରୀକ୍ଷାର ମଧ୍ୟ ସୁବିଧା କରାଯାଇଥିଲା ।ସମ୍ମାନିତ ଅତିଥି ଓ ସହଯୋଗ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ଼ ସରପଞ୍ଚ ଶ୍ରୀଯୁକ୍ତ ରଘୁନାଥ ମାଝୀ, ସମିତି ସଭ୍ୟା ଶ୍ରୀମତୀ ଗୀତାଞ୍ଜଳି ପାଟ୍ଟଶାଣୀ, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା,ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଦେଇ, ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା ରାଣୀ ସାହୁ ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ନୂଆଗଡ଼ ସଓ୍ୱଙ୍ଗ ସେବକ ସଂଘର ସଭାପତି 1 ମନୋରଞ୍ଜନ ମୁଦୁଲି, ସମ୍ପାଦକ ସମୀର ଜେନା, ଉପଦେଷ୍ଟା ପ୍ରଣବ କିଶୋର ମହାନ୍ତି, ରବୀନ୍ଦ୍ର କୁମାର ମାର୍ଥା, ଭାଗିରଥୀ ପାଇକରାୟ, ତରଣୀ ସେନ ଦଳାଇ ଏବଂ ସଂଘର ୫୦ରୁ ଅଧିକ ସେଓ୍ୱଚ୍ଛାସେବୀଙ୍କ ଅକ୍ଳାନ୍ତ ପରିଶ୍ରମରେ ଶିବିରଟି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା ।

# ବୃକ୍ଷ ପୂଜା କରି ପାଳିଲେ ବିଶ୍ୱ ବନ ଦିବସ

ଗଣିଆ,(ସବ୍ୟୁ): ବଣ ଜଙ୍ଗଲକୁ ସୁରକ୍ଷା ଦେଇ ଅନୁକୂଳ ପରିବେଶ ପାଇଁ ସରକାର ପ୍ରତିବର୍ଷ ମାର୍ଚ୍ଚ ୨୧କୁ ବିଶ୍ୱ ବନ ଦିସ ଭାବେ ପାଳିତ ହେଉଅଛି । ଜମି, ଜଙ୍ଗଲ ଓ ଜଳର ସୁରକ୍ଷା ପାଇଁ ବଡଶିଲିଙ୍ଗା ପଞ୍ଚାୟତ ଆଦିମ ଅଧିବାସୀ ମୁକ୍ତି ମଞ୍ଚ ଓ ଦଶପଲ୍ଲା ସଂଚାର ଅନୁଷ୍ଠାନ ତରଫରୁ ଗୋଛବାରି ଗ୍ରାମ ଆମ୍ବତୋଟା ପରିସରରେ ବିଶ୍ୱ ବନ ଦିସ ପାଳିତ ହୋଇଯାଇଛି । ପ୍ରଥମେ ଗୋଛବାରୀ ଗ୍ରାମବାସୀଙ୍କ ତରଫରୁ ନାମ ସଂକୀର୍ତ୍ତନ କରି ନିକଟସ୍ଥ ଜଙ୍ଗଲରେ ଥିବା ଶାଳ ଓ ଆମ୍ବ ଗଛକୁ ପୂଜାର୍ଚ୍ଚନା କରିଥିଲେ । ପରେ ଆୟୋଜିତ ସଚେତନତା ସଭାରେ ବଡଶିଲିଙ୍ଗା ଅଞ୍ଚଳର ରାମଚନ୍ଦ୍ର ମଲିକ ସଭାପତିତ୍ୱ




କରିଥିଲେ । ମୁଖ୍ୟବକ୍ତା ଭାବେ ପରିବେଶବିତ ତଥା ଗଣିଆ ବ୍ଲକ ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନୀତ ଅତିଥି ଭାବେ ବଡଶିଲିଙ୍ଗା ବନପାଳ ସୋମନାଥ ପରିଡ଼ା , ଘୁଗୁଡ଼ିପଡ଼ା ବନରକ୍ଷୀ ବିଶ୍ୱଜିତ, ପରିବେଶବିତ ପ୍ରଫୁଲ୍ଲ ମିଶ୍ର, ସନ୍ତୋଷ କୁମାର ପ୍ରଧାନ, ପ୍ରତାପ କୁମାର ରାଉତ, ଶିକ୍ଷକ ଭୀମସେନ ମଲିକ, ମାଗୁଣି କହଁର ପ୍ରମୁଖ ଯୋଗଦେଇ ଜଙ୍ଗଲ, ଜମି ଓ ଜଳର ସୁରକ୍ଷା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଜଙ୍ଗଲ ଦିନକୁ ଦିନ କ୍ଷୟ ହେଉଥିବା ଯୋଗୁଁ ଆଗାମୀ ଦିନରେ ମାନବ ସମାଜ କିଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତାହାର ପ୍ରତିଫଳନ ବିଶ୍ୱର ବିଭିନ୍ନ ଦେଶରେ ଦେଖିବାକୁ ମିଳୁଛି । ବିଶେଷକରି ଚଳିତ ଖରାଦିନରେ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଅତିଥିମାନେ ସଚେତନତା କରିଥିଲେ । ଏହି ପରିପ୍ରେକ୍ଷୀରେ ଉପସ୍ଥିତ, ଅତିଥି,ଜନସାଧାରଣ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଦେବାପାଇଁ ଏକ ଶପଥପାଠ କରିଥିଲେ । ପରେ ପରିବେଶବିତ ତଥା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉତ୍ତରୀୟ ଦେଇ ଅଞ୍ଚଳବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଳର ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ପ୍ରଧାନଶିକ୍ଷୟତ୍ରୀ ଲିପସା ନନ୍ଦଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାକର.ପି,ପୁରାତନ ଛାତ୍ର ସଂସଦ ସଭାପତି କାଶିନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇ



ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ ।ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ପିଏମଶ୍ରୀ ବିଦ୍ୟାଳୟ ଗୁଡିକ ସମଗ୍ର ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଅନ୍ୟତମ ଅଟେ ବୋଲି ମଞ୍ଚାସୀନ ଅତିଥିମାନେ ମତ ଦେଇଥିଲେ ।ଏ ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୁଧା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ପରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ପରିଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କୁନିକୁନି ପିଲାମାନଙ୍କୁ ବିଧାୟକ ପୁଷ୍ପଗୁଚ୍ଛ ଓ ଉପହାର ସ୍ୱରୂପ ମିଠା ପ୍ରଦାନ କରି ପ୍ରବେଶ ଉତ୍ସବକୁ ନିମନ୍ତ୍ରଣ କରିଥିଲେ ।ଶିକ୍ଷକ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ବ୍ଲକର ନାରାୟଣ ମହାପାତ୍ରଙ୍କ ପିତା ତଥା ପୂର୍ବତନ ସରପଞ୍ଚ କାଶୀନାଥ ମହାପାତ୍ର (୮୩)ଙ୍କର ନିଜ ବାସଭବନରେ ପରଲୋକ ଘଟିଛି । ସେ କିଛି ମାସ ହେବ ଲିଭର୍ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ସେ ୨୦୦୭ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଶାଳପଡ଼ା ପଞ୍ଚାୟତର ସରପଞ୍ଚ ରହିଥିଲେ । ତାଙ୍କର ମୃତ୍ୟୁରେ ଭାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆମାଜନ ଫ୍ୟାଶନ୍ ସହାୟତାରେ ସ୍ପ୍ରିଙ୍ଗ ଷ୍ଟାଇଲ୍ ଆବିଷ୍କାର

ଭବନେଶ୍ୱର, (ସବ୍ୟୁ) : ଆମାଜନ ଫ୍ୟାଶନ୍ ଏବଂ ବ୍ୟୁଟି ଗ୍ରାହକମାନେ ଏଆଇ-ଚାଳିତ ଉପକରଣ ସହିତ ଏବେ ସହଜରେ ସ୍ପ୍ରିଙ୍ଗ-ପ୍ରସ୍ତୁତ ଲୁକ୍ ଆବିଷ୍କାର କରିପାରିବେ । ଦି ସ୍ପ୍ରିଙ୍ଗ ସମର "୨୬ କଲେକ୍ସନରେ ୨୦୦ ରୁ ଅଧିକ ଅଗ୍ରଣୀ ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ବ୍ରାଣ୍ଡର ପୋଷାକ, ଜୋତା, ଘଣ୍ଟା, ଲଗେଜ୍ ଏବଂ ସୌନ୍ଦର୍ଯ୍ୟ ଉତ୍ପାଦର ୧୦୦,୦୦୦ ରୁ ଅଧିକ ଷ୍ଟାଇଲ୍ ଅନ୍ତର୍ଭୁକ୍ତ । ସେହିଭଳି ନାଇକ, ରେଆର ରାବିଟ, ଦି ସୋଲ୍ଡ ଷ୍ଟୋର, ରେ-ବ୍ୟାନ, ରେମଣ୍ଡ, ଲେନ୍ସକାର୍ଟ, ଗେସ, ସାସାଫ୍ରସ, ଟୋକିଓ ଟକିସ, ଗ୍ୟାପ, ଲିଭାଇସ, ସ୍କେଚର୍ସ, ପୁ୍ୟମା, ମିନିମାଲିଷ୍ଟ ଏବଂ ଅନ୍ୟାନ୍ୟ ଅନେକ ଭଳି ବିଶ୍ୱସ୍ତରୀୟ ଏବଂ ଘରୋଇ ବ୍ରାଣ୍ଡଗୁଡ଼ିକୁ ଅନୁସନ୍ଧାନ କରି ରିହାତି ପାଇ ପାରିବେ । ସମର ଅଫ୍ ଲଭ୍, ଇଣ୍ଡି ସମର, ହେରିଟେଜ୍ ଗେଟେୱେ, ବିଚ୍ ଡ୍ରିମ୍, ଏକ୍ସପ୍ଲୋରର୍ କ୍ଲବ୍ ଏବଂ ଲାଷ୍ଟ ରିସର୍ଟ ଭଳି ସ୍ୱତନ୍ତ୍ର ସଂଗ୍ରହଗୁଡ଼ିକ କିଛି ଶ୍ରେଷ୍ଠ ଲୁକ୍ ଏକାଠି କରିଛି ଆମାଜନ ।

# ଡିପିଏସ କଳିଙ୍ଗରେ ପ୍ରେପ ଗ୍ରାଜୁଏସନ ଉତ୍ସବ

ଫୁଲନଖରା ,(ସବ୍ୟୁ): ସ୍ଥାନୀୟ ଅଡ଼ାଳିଆ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗ ପରିସରରେ ପ୍ରେପ ଶ୍ରେଣୀର କୁନିକୁନି ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀ ଉତ୍ତୀର୍ଣ୍ଣ (ଗ୍ରାଜୁଏସନ) ଉତ୍ସବ ଭବ୍ୟ ଓ ଆନନ୍ଦମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର କ୍ୟାମ୍ପସ ଉତ୍ସବମୁଖର ଦେଖାଯାଉଥିବା ବେଳେ ଅଭିଭାବକମାନଙ୍କର ଉପସ୍ଥିତି ଓ ଛାତ୍ରଛାତ୍ରୀଙ୍କ ଉତ୍ସାହ ଅନୁଷ୍ଠାନକୁ ଅଧିକ ରଙ୍ଗିନ କରିଥିଲା । ଉତ୍ସବର ଆରମ୍ଭ ବୈଦିକ ଶ୍ଳୋକ ଉଚ୍ଚାରଣ ମାଧ୍ୟମରେ ହୋଇଥିଲା, ଯାହା ଆଧ୍ୟାତ୍ମିକ ଓ ସାମ୍ପ୍ରଦାୟିକ ପରିବେଶ ସୃଷ୍ଟି କରିଥିଲା । ପରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ ଶିଶୁମାନଙ୍କର ମୂଳ ଶିକ୍ଷା ଓ ଚରିତ୍ର ଗଢ଼ାଣିରେ ଏହି ପର୍ଯ୍ୟାୟର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ କୁନିକୁନି ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ସଙ୍ଗୀତ ଓ ନାଟ୍ୟାଭିନୟ




ପରିବେଷଣ କରି ସମସ୍ତଙ୍କୁ ମନୋରଞ୍ଜନ କରିଥିଲେ । ସେମାନଙ୍କର ନିର୍ମଳ ଅଭିନୟ ଓ ଆତ୍ମବିଶ୍ୱାସ ସଭାସଦଙ୍କର ହୃଦୟକୁ ଛୁଇଁଥିଲା ଏବଂ ଦୀର୍ଘ ସମୟ ଧରି ତାଳିର ଝଡ଼ ଚାଲିଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପୃଥ୍ୱୀ ମମ୍ପିଦୀ ତାଙ୍କ ଉଦ୍‌ବୋଧନରେ ଶିଶୁମାନଙ୍କର ସୁସ୍ଥ ମାନସିକ ଓ ଶାରୀରିକ ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କର ଯୁଗଳ ଭୂମିକା ଉପରେ ଜୋର ଦେଇଥିଲେ । ସେ ଶିଶୁମାନଙ୍କୁ ନିଜର ରୁଚି ଓ ପ୍ରତିଭାକୁ ଚିହ୍ନଟ କରି ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ । ପ୍ରୋ-ଭାଇସ ଚେୟାରପର୍ସନ ଶ୍ରୀମତୀ ମାଲା ମିଶ୍ର ତାଙ୍କ ଉଦ୍‌ବୋଧନରେ କୁନିକୁନି ଛାତ୍ରଛାତ୍ରୀଙ୍କ ସଫଳତାକୁ ଅଭିନନ୍ଦନ ଜଣାଇ ତାଙ୍କ ଆଗାମୀ ଶିକ୍ଷା ଯାତ୍ରା ପାଇଁ ଶୁଭକାମନା କରିଥିଲେ । ସେ ଅଭିଭାବକମାନଙ୍କର ଅବଦାନକୁ ମଧ୍ୟ ସ୍ୱୀକାର କରିଥିଲେ । ଏହି ଅବସରରେ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସନଦ ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କ ପାଇଁ ଗର୍ବ ଓ ସ୍ମୃତିମୟ ମୁହୂର୍ତ୍ତ ହୋଇରହିଲା । ଅନୁଷ୍ଠାନରେ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷା ସଓ୍ୱାତୀନାଥ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ସହିତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଅଭିଭାବକ-ଅଭିଭାବିକା ଉପସ୍ଥିତ ଥିଲେ । ସମଗ୍ର ଉତ୍ସବଟି ଶୃଙ୍ଖଳିତ ଓ ସୁସଂଗଠିତ ଭାବେ ସଫଳତାର ସହିତ ସମାପ୍ତ ହୋଇଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ରହିଯିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ ।

# ଆଦ୍ୟ ଶାସନରେ ସାମାଜିକ ନାଟକ ପରିବେଷଣ

ସାକ୍ଷୀଗୋପାଳ ,(ସବ୍ୟୁ): କଳା ଓ ସଂସ୍କୃତି ର ମାଟି ସତ୍ୟବାଦୀ । ଚିତ୍ରକଳା , ହସ୍ତକଳା ତଥା ଅଭିନୟ କଳା କ୍ଷେତ୍ରରେ ଏ ମାଟି ସଦାନମସ୍ୟ । ଅଞ୍ଚଳର ବିଭିନ୍ନ ପୁରପଲ୍ଲୀ ରେ ଏବେ ବି ବଞ୍ଚିରହିଛି ନାଟକ ପରିବେଷଣ ପରମ୍ପରା । ଆଦ୍ୟ ଶାସନ ବୀର ରାମଚନ୍ଦ୍ର ପୁର ଗ୍ରାମର ଧବଳେଶର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗ୍ରାମର ତୃତୀୟ ଖଣ୍ଡି ବିଦ୍ୟାଳୟ ପଡିଆରେ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ ଅସତୀ ତୁଳସୀ ସତୀ ଚଉରା " । ଏହି ଅବସରରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ , ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ , ସତ୍ୟବାଦୀ ର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ , ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା , ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଅଶିନୀ ମହାପାତ୍ର , ବିବରଣୀ ପାଠ କରିଥିଲେ ସମ୍ପାଦକ ସବୁଜ ମିଶ୍ର ଏବଂ ଧନ୍ୟବାଦ ଦେଇଥିଲେ ପ୍ରକାଶ କୁମାର ତ୍ରିପାଠୀ । ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ସଂଗ୍ରାମ କେଶରୀ ମିଶ୍ର । ଗ୍ରାମର ପ୍ରବୀଣ ଅଭିନେତା ଓ କଣ୍ଠ ଶିଳ୍ପୀ ଦେବରାଜ ରଥ ଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଭେଟି ଦେଇଥିଲା ମଞ୍ଚସ୍ଥ ସାମାଜିକ ନାଟକ ଅସତୀ ତୁଳସୀ ସତୀ ଚଉରା । ଗ୍ରାମର ଯୁବକ ଯୁବତୀ କଳାକାର ମାନଙ୍କ ଦାରା ମଞ୍ଚସ୍ଥ ନାଟକ ଟି ସୁନ୍ଦର ଓ ମନଛୁଆଁ ହେବାସହ ଦର୍ଶକ ମାନଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧିରଖିଥିଲା ।

**(ଶ୍ରୀମଭଗବଦ୍ ଗୀତା ୨/୬୪)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

ରାଗଦ୍ୱେଷବିମୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥ ୬୪ ॥

ଆସକ୍ତି ଓ ବିଭାଗହୀନ ଏବଂ ଆତ୍ମବଶୀକୃତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟଭୋଗ କରୁଥିବା ଚିତ୍ତସଂଯମୀ ଯୋଗୀ ଚିତ୍ତପ୍ରସାଦ ରୂପ ପରମ ଶାନ୍ତି ପାଆନ୍ତି ॥୬୪॥

# ଆମ ଉପରେ ସିନେମାର ପ୍ରଭାବ

ଏକଦା ସିନେମା ଆମମାନଙ୍କ ଉପରେ ଖୁବ୍ ପ୍ରଭାବ ବିସ୍ତାର କରିଥିଲା । ମଣିଷର ଆମୋଦପ୍ରମୋଦ ପାଇଁ ସିନେମା ହିଁ ସାନ୍ତ୍ୱନା ଦେଉଥିଲା । ପିଲାମାନେ ମଧ୍ୟ ସିନେମାଦ୍ୱାରା ପ୍ରଭାବିତ ହେଉଥିଲେ । ଏବର ଟିଭି ଓ ବିଶେଷକରି ମୋବାଇଲ ଯୁଗରେ ଇଣ୍ଟରନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଲୋକେ ସିନେମା ଦେଖିବା ପ୍ରାୟ ବନ୍ଦ କରିଦେଲେ । ଫଳରେ ସିନେମା ହଲଗୁଡିକ ଅନେକ ଦିନ ଧରି ଖାଲି ପଡ଼ିବା ପରେ ବନ୍ଦ ହୋଇଗଲା । ଏବେ ମୋବାଇଲରେ ସିନେମା, ଗୀତ, ଶିକ୍ଷଣୀୟ ଅନ୍ୟାନ୍ୟ ବିଷୟ ଓ ଖବର ପ୍ରଭୃତି ଉପଲବ୍ଧ । ତଥାପି ଆଗ ଭଳି ଭଲ ଭଲ ସିନେମା ପ୍ରସ୍ତୁତିକୁ ଆମର ପ୍ରୟୋଜକମାନେ ଗୁରୁତ୍ୱ ଦେଉନଥିବା ପରିଲକ୍ଷିତ ହୋଇଛି ।

ମାତ୍ର ଏ ସବୁ ଦିଗରେ ସଂସ୍କାର ଆଣି, ବ୍ୟକ୍ତିତ୍ୱର ଅନୁଭୂତି ଭିତ୍ତିରେ ଗବେଷଣା କରି ଆମମାନଙ୍କୁ ମାର୍ଗଦର୍ଶନ ଦେବାକୁ ଓ ସିନେମା ଶିକ୍ଷା ପ୍ରଦାନ କରିବାକୁ ଏକ ଅଭିନବ ଉପାୟରେ ଉଦ୍ୟମ ଆରମ୍ଭ କରିଛନ୍ତି, 'ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ୍ ଓଡ଼ିଶା'ର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଶେଖର ଖଟୁଆ । ସେ ଜଣେ ସୁନାମଧନ୍ୟ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ । ତାଙ୍କର ଅନେକ ଓଡ଼ିଆ ଚଳଚ୍ଚିତ୍ରକୁ ରାଷ୍ଟ୍ରୀୟ ସମ୍ମାନ ମିଳିଛି । 'ରିୱାଇଣ୍ଡ ଆଣ୍ଡ ରିଫ୍ରେମ, ଏ ଥର୍ସ ଡେ ଟକ୍' ଶୀର୍ଷକ ଏକ ବିଷୟବସ୍ତୁ ତାଙ୍କ ଇନଷ୍ଟିଚ୍ୟୁଟରେ ଆରମ୍ଭ ହୋଇଛି । ଶ୍ରୀ ଖଟୁଆଙ୍କ ମତରେ ରିୱାଇଣ୍ଡ ଆଣ୍ଡ ରିଫ୍ରେମ ଏକ ଆଲୋଚନା ଧାରାବାହିକ ଯାହାକି ସିନେମା ସଂକ୍ରାନ୍ତୀୟ ଅଭିଜ୍ଞତା ଓ ଆକାଂକ୍ଷା ମଧ୍ୟରେ ଏକ ସେତୁ । ସ୍ୱନାମଧନ୍ୟ ବ୍ୟକ୍ତିତ୍ୱମାନଙ୍କ ସହିତ ଜଡ଼ିତ ହୋଇ ଆମେ ଆମର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କର ଗବେଷଣା କ୍ଷମତାକୁ ଉନ୍ନତ କରିବାକୁ ଉତ୍ସାହିତ କରାଯିବାକୁ ଏହାଦ୍ୱାରା ଲକ୍ଷ୍ୟ ରଖାଯାଇଛି । ସେ କହନ୍ତି ଯେ ଆଗାମୀ ପିଢ଼ି ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହେବ । ଜାତୀୟ ଶିକ୍ଷାନୀତି୨୦୨୦ ଉପରେ ଆଧାରିତ ଏପରି ଶିକ୍ଷା ଓ ପରୀକ୍ଷାତ୍ମକ ଶିକ୍ଷା ପ୍ରଭୃତି ପ୍ରକୃତରେ ଏବର ଆବଶ୍ୟକତା ବୋଲି ମନେ ହେଉଛି ।

> **ଶ୍ରୀ ଖଟୁଆଙ୍କ ମତରେ ରିୱାଇଣ୍ଡ ଆଣ୍ଡ ରିଫ୍ରେମ ଏକ ଆଲୋଚନା ଧାରାବାହିକ ଯାହାକି ସିନେମା ସଂକ୍ରାନ୍ତୀୟ ଅଭିଜ୍ଞତା ଓ ଆକାଂକ୍ଷା ମଧ୍ୟରେ ଏକ ସେତୁ । ସ୍ୱନାମଧନ୍ୟ ବ୍ୟକ୍ତିତ୍ୱମାନଙ୍କ ସହିତ ଜଡ଼ିତ ହୋଇ ଆମେ ଆମର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କର ଗବେଷଣା କ୍ଷମତାକୁ ଉନ୍ନତ କରିବାକୁ ଉତ୍ସାହିତ କରାଯିବାକୁ ଏହାଦ୍ୱାରା ଲକ୍ଷ୍ୟ ରଖାଯାଇଛି । ସେ କହନ୍ତି ଯେ ଆଗାମୀ ପିଢ଼ି ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହେବ । ଜାତୀୟ ଶିକ୍ଷାନୀତି୨୦୨୦ ଉପରେ ଆଧାରିତ ଏପରି ଶିକ୍ଷା ଓ ପରୀକ୍ଷାତ୍ମକ ଶିକ୍ଷା ପ୍ରଭୃତି ପ୍ରକୃତରେ ଏବର ଆବଶ୍ୟକତା ବୋଲି ମନେ ହେଉଛି ।**

ଏପରି ଏକ ପଦକ୍ଷେପ ଯୋଗୁଁ, ଏହିପରି ଏକ ଧାରାବାହିକ ଜିଜ୍ଞାସାକୁ ଜାଗ୍ରତ କରିବା ସହିତ ସିନେମା, ଗଣମାଧ୍ୟମ, ସଂସ୍କୃତି , ଶିକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ବିବଧ କ୍ଷେତ୍ର ବିଷୟରେ ଅର୍ନ୍ତଦୃଷ୍ଟି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି ବୋଲି ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଶୁଭ୍ରରଞ୍ଜନ ରାୟ ମଧ୍ୟ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇ ସ୍ୱନାମଧନ୍ୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଓ ପଦ୍ମଶ୍ରୀ ଅଦ୍ୱୈତଚରଣ ଗଡ଼ନାୟକ ସେମାନଙ୍କ ସୃଜନଶୀଳ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ । ଫେଡେରସନ ଅଫ୍ ଫିଲ୍ମ ସୋସାଇଟିର ଅଧ୍ୟକ୍ଷ ପ୍ରେମେନ୍ଦ୍ର ମଜୁମଦାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନ ପାରି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ତାଙ୍କର ଶୁଭେଚ୍ଛା ଜଣାଇଥିଲେ ।

ପ୍ରକୃତରେ ପ୍ରତି ଗୁରୁବାର ଦିନ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ୍ ଓଡ଼ିଶାର ନୀରଦ ମହାପାତ୍ର ଅଡିଟୋରିଅମରେ ବୌଦ୍ଧିକ ଓ କଳାତ୍ମକ ଆଦାନପ୍ରଦାନର ଯେପରି କ୍ଷେତ୍ର ପ୍ରସ୍ତୁତ ହୋଇ ପାରିଛି, ତାହା ଆନନ୍ଦର ବିଷୟ ବୋଲି ଜଣାପଡ଼ିଛି ।

ଉଲ୍ଲେଖନୀୟ ଯେ ପୂର୍ବରୁ ଏହି ଇନଷ୍ଟିଚ୍ୟୁଟଟି କଟକରେ ନିଷ୍କ୍ରିୟ ଅବସ୍ଥାରେ ପଡ଼ି ରହିଥିଲା । ପ୍ରଫେସର ଖଟୁଆଙ୍କ ଦିଗ୍‌ଦର୍ଶନରେ ଏହାର ଉତ୍ତରୋତ୍ତର ଉନ୍ନତି ଆମେ କାମନା କରୁଛୁଁ । ଆମର ଶିକ୍ଷାର୍ଥୀମାନଙ୍କୁ ନୂତନ ପ୍ରେରଣା ଏହି ଇନଷ୍ଟିଚ୍ୟୁଟ ଦେଉ । ଏହା ହିଁ କାମନା ।

## ଦେବତ୍ୱର ଦିବ୍ୟ ଆଲୋକ

**ଯେଉଁ ସଂସ୍କୃତିରେ ପ୍ରକୃତି, ନଦନଦୀ, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ରକୁ ପୂଜା କରାଯାଏ, ଯେଉଠି ଅଗ୍ନି, ଜଳ, ଆକାଶ, ମାଟି ଓ ପବନକୁ ପ୍ରାଣ ବୋଲି ବିଚାର କରାଯାଏ, ପିତାମାତା ଓ ଗୁରୁଙ୍କୁ ଈଶ୍ୱରଙ୍କ ସ୍ୱରୂପ ବୋଲି ବିବେଚନା କରାଯାଏ, ସେବା, ତ୍ୟାଗ, ଦୟା , କରୁଣା, ପରୋପକାରକୁ ଜୀବନର ଶ୍ରେଷ୍ଠ ଆଦର୍ଶ ବୋଲି ଗ୍ରହଣ କରାଯାଏ, ଦିନେ ସେହି ସଂସ୍କୃତି ହିଁ ସମଗ୍ର ବିଶ୍ୱ ଓ ମାନବ ଜଗତକୁ ଦେବ ଦେବତ୍ୱର ଦିବ୍ୟ ଆଲୋକ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଆମର ଭବିଷ୍ୟତ ନଦୀ



**ଡ. ନିରଞ୍ଜନ ସାହୁ**

ନଦୀମାନଙ୍କର ଉଦ୍ଭବ ମାନବ ସଭ୍ୟତାର ଅଭ୍ୟୁଦୟର ଢେର ଆଗରୁ – ମଣିଷର ଆଦି ପୁରୁଷମାନେ ସର୍ବାଧିକ ତିନିଲକ୍ଷ ବର୍ଷ ପୂର୍ବେ ପୃଥିବୀପୃଷ୍ଠକୁ ଆସିଥିଲେ ଅର୍ଥାତ୍ ସେମାନଙ୍କ ଆଗମନର ଯଥେଷ୍ଟ ପୂର୍ବରୁ ପ୍ରକୃତି ସେମାନଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତି କରି ରଖିଥିଲା – ଯେପରିକି ନଦନଦୀ, ଭୂପୃଷ୍ଠରେ ପାଣି ବାୟୁମଣ୍ଡଳରେ ପବନ, ଗଛମାନଙ୍କରେ ଫଳ ଏବଂ ହରେକ ରକମର ପ୍ରାଣୀ ତା ଆଗରୁ ଆସ୍ଥାନ ଜମେଇଥିଲେ ପୃଥିବୀ ପୃଷ୍ଠରେ – ସଂଖ୍ୟା ଭିତ୍ତିରେ ଏଇ କଥା ଲେଖିଲେ ପାଠକମାନଙ୍କ ଭିତରୁ ଅନେକ ଆଶ୍ଚର୍ଯ୍ୟ ହୋଇପାରନ୍ତି । କାରଣ ନଦୀମାନଙ୍କର ସୃଷ୍ଟି ହୋଇଛି କୋଟି କୋଟି ବର୍ଷ ତଳୁ ଏବଂ ପୃଥିବୀର ସବୁ ନଦୀ ବି ଏକ ସମୟରେ ସୃଷ୍ଟି ହୋଇନାହାନ୍ତି– ଯେମିତି ଆଫ୍ରିକାର ଆମାଜନ ନଦୀ ପ୍ରାୟତଃ କୋଡ଼ିଏ କୋଟି ବର୍ଷ ଆଗରୁ ପ୍ରବାହିତ ହେଉଛି ବୋଲି ଭୂତାତ୍ତ୍ୱିକ ଗବେଷଣାରୁ ସ୍ପଷ୍ଟ । ବଡ଼ ନଦୀଗୁଡ଼ିକ ଆଗେ ସୃଷ୍ଟି ହୋଇଥିବେ ଏବଂ ସାନଗୁଡ଼ିକ ସମୟକ୍ରମେ – ଏପରି ଧାରଣା ବି ସମ୍ପୂର୍ଣ୍ଣ ଭ୍ରମାତ୍ମକ– ଯେମିତି ଭାରତର ସର୍ବବୃହତ୍ ନଦୀ ଗଙ୍ଗାଠାରୁ ନର୍ମଦା ନଦୀ ବୟସରେ ବଡ଼ ଏବଂ ଆମର ମହାନଦୀର ଉତ୍ପତ୍ତି ମଧ୍ୟ ଗଙ୍ଗାନଦୀ ଠାରୁ ଅନେକ ନିୟୁତ ବର୍ଷ ଆଗରୁ ।

ସଂକ୍ଷେପରେ କହିଲେ ଆଜି ନଦୀମାନଙ୍କୁ ଦେଖିଲେ ଆପଣ ଯାହା ଦେଖିବେ ତାହା ଆରମ୍ଭରୁ ସେଇଆ ଥିଲା, ସେମିତି ନୁହେଁ ଗୋଟିଏ କ୍ଷୁଦ୍ର ଜଳସ୍ରୋତ ଆଗେଇ ଗଲାପରେ ସେଥିରେ ସମୟକ୍ରମେ ଅନ୍ୟ ଜଳଧାରାମାନେ ଯୋଗ ଦିଅନ୍ତି, ଯାହାଙ୍କୁ ଆପଣ କହିପାରନ୍ତି ଉପନଦୀ କ୍ରମେ ଏଇ ଉପନଦୀମାନେ ମିଳିତ ହେଲା ପରେ ସେମାନଙ୍କର ଯେଉଁ ଶାଖାମାନେ ପ୍ରବାହିତ ହୁଅନ୍ତି ସେମାନଙ୍କୁ ଶାଖାନଦୀ କୁହାଯାଏ – ଏପରିକି ବହୁ ନଦୀଠାରୁ ସେମାନଙ୍କ ଶାଖାନଦୀ ବି ବଡ଼ ହୋଇଥିବାର ଉଦାହରଣ ରହିଛି ଏବଂ ଅନୁରୂପ ଭାବରେ ନଦୀଟିର ଗତିପଥରେ ତାହା ଏକ ବା ଏକାଧିକ ନାଁରେ ଡକା ହେଉଥିବାର ରହିଛି ବହୁ ନଜିର ।

ଆମେ ଇତିହାସରୁ ଅଧ୍ୟୟନ କରିଛନ୍ତି ଯେ ମଣିଷ ସଭ୍ୟତାମାନ ପ୍ରଥମେ ନଦୀ ଉପତ୍ୟକାମାନଙ୍କରେ ଗଢ଼ି ଉଠିଥିଲା । ଯେମିତି ନୀଳ ନଦୀ କୂଳରେ ଇଜିପ୍‌ସୀୟ ସଭ୍ୟତା, ଟାଇଗ୍ରୀସ୍ ଓ ୟୁଫ୍ରେଟିସ୍ ନଦୀର ମଝିରେ ମେସୋପଟାମିଆଁ ସଭ୍ୟତା, ସିନ୍ଧୁ ଓ ପ୍ରାଚୀନ ସରସ୍ୱତୀ ନଦୀ ଅବବାହିକାରେ ପ୍ରାଚୀନ ସିନ୍ଧୁ ସଭ୍ୟତା, ଚୀନ୍ ଦେଶର ୟେଲୋ ନଦୀ ତଟଦେଶରେ ପ୍ରାଚୀନ ଚୀନ ସଭ୍ୟତା ଗଢ଼ି ଉଠିଥିଲା। ଏପରିକି ଆଜି ଦିନରେ ସବୁ ବଡ଼ ବଡ଼ ସହରକୁ ଲକ୍ଷ୍ୟ କଲେ ଆପଣ ନିଶ୍ଚିତ ହୋଇପାରିବେ ଏପରି ସହର ନାହିଁ ଯାହା କୌଣସି ନଦୀକୁ ଭରସା କରିନାହିଁ । ସେହି କ୍ରମରେ ଆପଣଙ୍କ ନଜର ଗଙ୍ଗାନଦୀ ଆଡ଼କୁ ଢଳିଲେ ଆପଣଙ୍କ ଆଖି ଆଗକୁ ଆସିବ ହରିଦ୍ୱାର, ବନାରସ, ପାଟନା, କୋଲକାତା ପରି ସହର – ଆଉ ଦିଲ୍ଲୀର ଅବସ୍ଥିତି ଯମୁନା କୂଳରେ ବା କଟକ, ସମ୍ବଲପୁର ଯେ ମହାନଦୀ କୂଳରେ ଅବସ୍ଥିତ ଏହା କାହାକୁ ଅଛପା ନାହିଁ ।

ପ୍ରଥମ କଥା ହେଲା ମଣିଷର ବଞ୍ଚିବାର ପ୍ରାଥମିକ ଆଧାର ହେଲା ପାନୀୟଜଳ ଯାହା ମୁଖ୍ୟତଃ ମଣିଷ ନଦୀରୁ ହିଁ ପାଇଥାଏ । କେବଳ ପାନୀୟଜଳ ନୁହେଁ ମଣିଷ ତାର ବିବିଧ ବ୍ୟବହାର ପାଇଁ ଜଳ ଆବଶ୍ୟକ କରିଥାଏ ଏବଂ ଜଳ ବିନା ଜୀବନ ଯେହେତୁ ଅସମ୍ଭବ, ସେଥିପାଇଁ କୁହାଯାଇଛି – ଜଳ ହିଁ ଜୀବନ। ନଦୀ ଅବବାହିକାର ଜମିଗୁଡ଼ିକ ସାଧାରଣତଃ ହୋଇଥାଏ ଉର୍ବର ମୃତ୍ତିକାଯୁକ୍ତ ଏବଂ ମଣିଷର ଖାଦ୍ୟ ଆବଶ୍ୟକତା ପୂରଣ ହୋଇଥାଏ ତାହାରି ଯୋଗୁଁ – ଏପରିକି ନଦୀମାନେ ସାଧାରଣତଃ ମତ୍ସ୍ୟର ଭଣ୍ଡାର ହୋଇଥାନ୍ତି ଯାହା ମଣିଷର ଏକ ପସନ୍ଦର ଆହାର । ଯେତେବେଳେ ଗମନାଗମନର ବିଶେଷ ଉନ୍ନତି ହୋଇନଥିଲା ସେତେବେଳେ ଜଳପଥ ଥିଲା ପ୍ରଧାନ ଅବଲମ୍ବନ । ଆଜି ମଧ୍ୟ ବହୁ ନଦୀ ଜଳପଥ ଭାବରେ ମଣିଷର ଆବଶ୍ୟକତା ପୂରଣ କରୁଛନ୍ତି ଏବଂ ଗମନାଗମନର ବିଶେଷ ମାଧ୍ୟମ ପାଲଟିଛନ୍ତି ।

ଭାରତୀୟମାନେ ବୈଦିକ ଯୁଗରୁ ନଦୀମାନଙ୍କୁ ପବିତ୍ର ବୋଲି ମାନ୍ୟ କରୁଥିଲେ – ଯେକୌଣସି ଧାର୍ମିକ କାର୍ଯ୍ୟରେ ମନ୍ତ୍ରୋଚ୍ଚାରଣ ହୁଏତ ଆମେ ସମସ୍ତେ ଶୁଣିଛନ୍ତି –

*'ଗଙ୍ଗେଚ ଯମୁନେ ଚୈବ ଗୋଦାବରୀ*
*ସରସ୍ୱତୀ*
*ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ*
*ସନ୍ନିଧିଭବ'*

ଅର୍ଥାତ୍ ଭାରତ ବର୍ଷର ବିବିଧ ପ୍ରମୁଖ ନଦୀଙ୍କୁ ସ୍ମରଣ କରାଯାଇ ଧାର୍ମିକ କାର୍ଯ୍ୟରେ ବ୍ୟବହୃତ ଜଳ ସେହି ଉତ୍ସରୁ ଆନୀତ ବୋଲି ମନ ଭିତରେ ପ୍ରତ୍ୟୟ ସୃଷ୍ଟି କରାଯାଉଥିଲା। ନଦୀର ସ୍ରୋତ ଓ ଜୀବନର ସ୍ରୋତ ଯେମିତି ଏକ ଓ ଅଭିନ୍ନ ଏବଂ ଏକ ଉଚ୍ଚତର ଆଧାତ୍ମ ଜୀବନରେ ତାହାର ସାଙ୍କେତିକ ଅବସ୍ଥିତି ଏକ ସକାରାତ୍ମକ ଆତ୍ମବିଶ୍ୱାସ ସୃଷ୍ଟି କରୁଥିଲା । ଭାରତ ବର୍ଷକୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ନଦୀମାନଙ୍କର ଥିଲା ଏକ ଅବିସ୍ମରଣୀୟ ଭୂମିକା । ନଦୀମାନଙ୍କ ଗୁରୁତ୍ୱ ଏତେ ଥିଲା ଯେ ସେମାନେ ମାତୃସ୍ଥାନୀୟ ଭାବରେ ଅବହିତ ହେଉଥିଲେ ଏବଂ ସେମାନଙ୍କୁ ସସମ୍ମାନ ଆବାହନ କରାଯାଉଥିଲା 'ନଦୀ ମାତୃକା' ଭାବରେ ।

> **ନଦୀମାନେ କେବଳ ଆମର ଅତୀତ ନୁହନ୍ତି– ସେମାନଙ୍କ ସହିତ ସଂଯୁକ୍ତ ମଣିଷର ବର୍ତ୍ତମାନ ଓ ଭବିଷ୍ୟତ । ମଣିଷମାନଙ୍କର ସଂଖ୍ୟା ଅତ୍ୟଧିକ ବୃଦ୍ଧି ଘଟିଲେ ପରିବେଶର ଯେଉଁ ପ୍ରଭୂତ ବିପରୀତ ପ୍ରତିକ୍ରିୟା ସୃଷ୍ଟିହୁଏ ତାହା କାହାରିକୁ ଅଜ୍ଞାତ ନୁହେଁ । ନଦୀମାନେ ଦିନକୁ ଦିନ ପ୍ରଦୂଷିତ ହେବାର ମୂଳ କାରଣ ହେଲା ମଣିଷର ସ୍ୱେଚ୍ଛାଚାର – ବହୁ ଆବର୍ଜନା ନଦୀ ମଧ୍ୟକୁ ଛାଡ଼ି ଦିଆଯାଉଛି – ପ୍ଲାଷ୍ଟିକର ଅନିୟନ୍ତ୍ରିତ ଉପଯୋଗ, ପରିବେଶର ଦ୍ରୁତ ଅବକ୍ଷୟ ନଦୀମାନଙ୍କୁ ଶୁଷ୍କ କରିଦେଉଛି – ନଦୀମାନଙ୍କୁ ସଂରକ୍ଷଣ ନକରାଗଲେ ଏବଂ ପ୍ରଦୁଷଣକୁ ନ ରୋକାଗଲେ ନା ବଞ୍ଚିବ ନଦୀ ନା ବଞ୍ଚିବ ମାନବ ସଭ୍ୟତା । ବୃକ୍ଷରୋପଣ କେବଳ ସ୍ଲୋଗାନ ନହୋଇ ଜନଆନ୍ଦୋଳନରେ ପରିଣତ ହେଲେ ହୁଏତ ନଦୀମାନେ ପୂର୍ବପରି ସୁନାବ୍ୟା ହୋଇପାରିବେ ।**

**ନଦୀ ଅଞ୍ଚଳରେ ଯାହାର ଘର, ସେ ନଦୀକୁ ଯେପରି ଅନୁଭବ କରିପାରେ, ନଦୀଠାରୁ ଦୂରରେ ଜନ୍ମ ହୋଇଥିବା ଲୋକଙ୍କର ହୁଏତ ସେଇ ଅନୁଭୂତି ଆସି ନ ପାରେ – ନଦୀ କୂଳିଆ ଲୋକଙ୍କ ପାଇଁ ନଦୀ ହେଉଛି ସବୁଠୁଁ ଅନ୍ତରଙ୍ଗ ଶବ୍ଦଟିଏ– ନଦୀକୁ ଛାଡ଼ିଦେଇ ଯେ ଜୀବନ ସମ୍ଭବ ତାହା ସେମାନେ ସ୍ୱପ୍ନ କାଳ ପାଇଁ ବି ଚିନ୍ତା କରିପାରିବେ ନାହିଁ । ସେମାନଙ୍କ ପାଇଁ ନଦୀଟିଏ କେବଳ ଏକ ଭୌତିକ ପ୍ରକାଶ ନୁହେଁ ଏହା ଏକ ଅନ୍ତରଙ୍ଗ ଆଧାତ୍ମିକ ବିଭୂତି, ଚେତନାର ଏକ ସୂକ୍ଷ୍ମ ପ୍ରକରଣ ।**

ଆଧୁନିକ ଯୁଗରେ ନଦୀର ଆବଶ୍ୟକତା କମି ଯାଇଛି ବୋଲି କହିବା ଏକ ଚରମ ମୂର୍ଖତା। ନଦୀବନ୍ଧ ମାଧ୍ୟମରେ ସଂଚିତ ନଦୀଜଳକୁ କେନାଲ ଯୋଗେ ନିଆଯାଇ ଲକ୍ଷ ଲକ୍ଷ ଏକ ଚାଷଜମିକୁ ଜଳସେଚିତ କରାଯାଇ ପାରୁଛି ଏବଂ ଆମେ ଖାଦ୍ୟଶସ୍ୟରେ ଆତ୍ମନିର୍ଭର ହୋଇଥିବାର ପ୍ରମୁଖ କାରଣ ହିଁ ତାହା ।

କେବଳ କୃଷି ନୁହେଁ – ଆଧୁନିକ ଯୁଗର ଅନ୍ୟ ଏକ ମୁଖ୍ୟ ଅମଲମ୍ବନ ହେଲା ଶିଳ୍ପ– ଶିଳ୍ପମାନେ ଏତେ ଜଳ ଆବଶ୍ୟକ କରନ୍ତି ଯାହା ନଦୀମାନଙ୍କ ଛଡ଼ା ଅନ୍ୟ କେହି ପୂରଣ କରିପାରିବେ ନାହିଁ। ନଦୀବନ୍ଧ ଯୋଜନାରେ ଯେଉଁ ବିଜୁଳି ଉତ୍ପାଦିତ ହେଉଛି ତାହା ଆମର ସଭ୍ୟତାର ମୌଳିକ ଉପାଦାନ ପାଲଟିଛି – ଜଳ ବିଦ୍ୟୁତ ହେଉଛି ସେଇ ଶକ୍ତିର ଉତ୍ସ ଯାହାର ପରିବେଶ ବିରୋଧୀ ଭୂମିକା ନାହିଁ ।

ନଦୀକୁ କେହି ବ୍ୟକ୍ତି ଗଢ଼ି ନାହିଁ। ଏହା ବିଧାତାଙ୍କର ସୃଷ୍ଟି – ପ୍ରକୃତିର ବରଦାନ – ମାତ୍ର ମଣିଷ ତାକୁ ମାଲିକ ପରି ବ୍ୟବହାର କରିଆସିଛି । ନଦୀ ପ୍ରକୃତିର ନିୟମ ଅନୁସାରେ ପ୍ରବାହିତ ହୋଇଥାଏ–ବିଜ୍ଞାନର ନିୟମ ଅପ୍ରତିରୋଧ–ମାତ୍ର ଆମେ ରାଜନୈତିକ କାରଣରୁ ନଦୀର ଜଳଧାରାକୁ ବନ୍ଦ କରୁ – ଏହା ପ୍ରକୃତିର ବିରୋଧ ଏବଂ ସମୟକ୍ରମେ ପ୍ରକୃତି ପ୍ରତିଶୋଧ ନିଏ, ପ୍ରକୃତିର ଭୀମ ରୂପ ଆଗରେ ମଣିଷ କେଡ଼େ ଅସହାୟ ତାହା ଆମେ ସମସ୍ତେ ଜାଣିଛେ । ଜଳ ବନକୁ ନେଇ ଦୁଇଦେଶ ଭିତରେ ଶତ୍ରୁତା ଚରମ ସୀମାରେ ପହଞ୍ଚିଛି– ଏପରିକି ଗୋଟିଏ ଦେଶର ଦୁଇ ବା ତତୋଧିକ ରାଜ୍ୟଙ୍କ ଭିତରେ ବି ପ୍ରବଳ କନ୍ଦଳ । ଏହା ପଛରେ ସ୍ୱାର୍ଥ ଓ ରାଜନୈତିକ ଅଭିସନ୍ଧି ରହିଥାଏ ।

ବର୍ତ୍ତମାନ ସାରା ପୃଥିବୀର ଏକ ବଡ଼ ସମସ୍ୟା ହେଉଛି ବହୁ ନଦୀର ଜଳଧାରା କମିଯାଉଛି ଦ୍ରୁତ ବେଗରେ – ଏହା ସୃଷ୍ଟି କରିପାରେ ବିଭିନ୍ନ ଆଞ୍ଚଳିକ ବୈରତା ଓ ବୈଷମ୍ୟ ଏବଂ ମଣିଷ ଜାତିର ଇତିହାସ୍ ବଦଳେଇ ଦେଇପାରେ – ଅତୀତରେ ନଦୀପଥର ପରିବର୍ତ୍ତନ ହେତୁ ମଧ୍ୟ ଅନେକ ସଭ୍ୟତାର ଗତି ପରିବର୍ତ୍ତନ ହୋଇଥିଲା – ଏବେ ଜନସଂଖ୍ୟା ଏତେ ବୃଦ୍ଧି ପାଇଛି ଏବଂ ଜଳବାୟୁ ପରିବର୍ତ୍ତନର ଫଳରେ ସମୁଦ୍ର ପତ୍ତନର ବୃଦ୍ଧି ଘଟି ଜନବହୁଳ ସମୁଦ୍ର କୂଳ ଜଳପ୍ଲାବିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି – ସେ ପରିସ୍ଥିତିରେ ନଦୀର ଗତିପଥ ପରିବର୍ତ୍ତନ ସୃଷ୍ଟି କରିପାରେ ମଣିଷ ସଭ୍ୟତା ପାଇଁ ଅଶେଷ ଦୁର୍ଗତି ।

ନଦୀମାନେ କେବଳ ଆମର ଅତୀତ ନୁହନ୍ତି– ସେମାନଙ୍କ ସହିତ ସଂଯୁକ୍ତ ମଣିଷର ବର୍ତ୍ତମାନ ଓ ଭବିଷ୍ୟତ । ମଣିଷମାନଙ୍କର ସଂଖ୍ୟା ଅତ୍ୟଧିକ ବୃଦ୍ଧି ଘଟିଲେ ପରିବେଶର ଯେଉଁ ପ୍ରଭୂତ ବିପରୀତ ପ୍ରତିକ୍ରିୟା ସୃଷ୍ଟିହୁଏ ତାହା କାହାରିକୁ ଅଜ୍ଞାତ ନୁହେଁ । ନଦୀମାନେ ଦିନକୁ ଦିନ ପ୍ରଦୂଷିତ ହେବାର ମୂଳ କାରଣ ହେଲା ମଣିଷର ସ୍ୱେଚ୍ଛାଚାର – ବହୁ ଆବର୍ଜନା ନଦୀ ମଧ୍ୟକୁ ଛାଡ଼ି ଦିଆଯାଉଛି – ପ୍ଲାଷ୍ଟିକର ଅନିୟନ୍ତ୍ରିତ ଉପଯୋଗ, ପରିବେଶର ଦ୍ରୁତ ଅବକ୍ଷୟ ନଦୀମାନଙ୍କୁ ଶୁଷ୍କ କରିଦେଉଛି – ନଦୀମାନଙ୍କୁ ସଂରକ୍ଷଣ ନକରାଗଲେ ଏବଂ ପ୍ରଦୁଷଣକୁ ନ ରୋକାଗଲେ ନା ବଞ୍ଚିବ ନଦୀ ନା ବଞ୍ଚିବ ମାନବ ସଭ୍ୟତା । ବୃକ୍ଷରୋପଣ କେବଳ ସ୍ଲୋଗାନ ନହୋଇ ଜନଆନ୍ଦୋଳନରେ ପରିଣତ ହେଲେ ହୁଏତ ନଦୀମାନେ ପୂର୍ବପରି ସୁନାବ୍ୟା ହୋଇପାରିବେ ।

**ମୋ–୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ)**

# ଠିକ୍ ଭାବେ ଚାଲନ୍ତା କି ବିଧାନସଭା



**ରମେଶ ଚନ୍ଦ୍ର ମହାନ୍ତି**

ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସଂସଦୀୟ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଭାବରେ ଗଣା ଯାଉଛି । ଗଣତନ୍ତ୍ର ବ୍ୟବସ୍ଥାରେ ଏହା ହେଉଛି ଏକ ଟାଣୁଆ ସ୍ତମ୍ଭ । ଓଡ଼ିଶା ବିଧାନସଭା ମଧ୍ୟ ଅନ୍ୟତମ ବ୍ୟବସ୍ଥା । ଗୋଟିଏ ବର୍ଷରେ ବିଧାନସଭାର ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥାଏ । ଏଗୁଡିକ ହେଉଛି ବଜେଟ ଅଧିବେଶନ, ବର୍ଷାକାଳୀନ ଅଧିବେଶନ ଏବଂ ଶୀତକାଳୀନ ଅଧିବେଶନ । ଅନ୍ୟ ଅଧିବେଶନ ଅପେକ୍ଷା ବଜେଟ ଅଧିବେଶନ ଦୀର୍ଘ ସମୟ ଧରି ଚାଲିଥାଏ । ଏହି ଅଧିବେଶନ ସମୟରେ ବିଧାୟକମାନଙ୍କ ଦ୍ୱାରା ପଚରା ଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ସରକାର ମୌଖିକ ଏବଂ ଲିଖିତ ଭାବରେ ଦେଇଥାନ୍ତି ।

ଶୂନ୍ୟ କାଳରେ ବହୁ ଗୁରୁତ୍ୱପୂର୍ଣ ପ୍ରସଙ୍ଗ ମଧ୍ୟ ଆଲୋଚିତ ହୋଇଥାଏ । ଏହି ସମୟରେ ବିଧାୟକମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଜରିଆରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । ଏହି ସମୟରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ମଧ୍ୟ ଆଲୋଚିତ ହୋଇଥାଏ । ବିଧାନସଭାର କାର୍ଯ୍ୟ ଦିବସ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଭିନ୍ନ ଗୁରୁତ୍ୱପୂର୍ଣ ବିଧେୟକ ପାରିତ କରିବା । ବଜେଟ ଅଧିବେଶନ ସମୟରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ ।

ସ୍ୱାଧୀନତା ପରବର୍ତ୍ତୀ କାଳରୁ ଯେତେ ସବୁ ବିଧାନସଭାର ବୈଠକ ଅନୁଷ୍ଠିତ ହୋଇଛି ତାହା ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଏବେ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ଚାଲିଛି । ବିଧାନସଭାର କାର୍ଯ୍ୟ ଦିବସଗୁଡ଼ିକ ମୂଲ୍ୟବାନ ଏବଂ ବ୍ୟୟବହୁଳ ମଧ୍ୟ । ଏହି ସବୁ ବିଧାନସଭାର କାର୍ଯ୍ୟ ଦିବସଗୁଡ଼ିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ବିଧାନସଭା ଚାଲିଲା ସମୟରେ ରାଜ୍ୟର କୋଣ ଅନୁକୋଣରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ଥାଏ । ସରକାରୀ ସ୍ତରରେ ସମସ୍ତେ ତତ୍ପର ଥାନ୍ତି ।

ଏବେ ବିଧାନସଭାର କାର୍ଯ୍ୟ ଦିବସଗୁଡ଼ିକ ଅଧିକାଂଶ ଦିନ ବିରୋଧୀ ଦଳର ସଦସ୍ୟମାନଙ୍କର ହଟ୍ଟଗୋଳ, ନାରାବାଜି ଏବଂ ବିଧାନସଭାର ମଧ୍ୟ ଭାଗକୁ ଆସି ବିଭିନ୍ନ ସ୍ଲୋଗାନମାନ ଦେଇ ବିଧାନସଭାର କାର୍ଯ୍ୟକୁ ଅଚଳ କରୁଥିବା ଦେଖାଯାଉଛି । ଏହି ଭଳି ହଟ୍ଟଗୋଳ ଯୋଗୁଁ ବିଧାନସଭାର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇନପାରି ଗୃହକୁ ମୁଲତବୀ ରଖାଯାଉଛି ।

ଏଭଳି ଘଟଣା ଆଗରୁ ଘଟୁନଥିଲା ବୋଲି କହି ହେବ ନାହିଁ । କିନ୍ତୁ ୧୯୮୦ ମସିହା ଅଷ୍ଟମ ବିଧାନସଭାରେ ଯେତେବେଳେ କଂଗ୍ରେସ ଶାସନରେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଓ ସୋମନାଥ ରଥ କିମ୍ବା ପ୍ରସନ୍ନ କୁମାର ଦାସ ବାଚସ୍ପତି ଥିଲେ, ସେ ସମୟରେ ଅପରାହ୍ନ ଅଧିବେଶନ ପୂର୍ବରୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ସହ ଦୁଇଟି ମୁଲତବୀ ପ୍ରସ୍ତାବ ଏବଂ ଗୋଟିଏ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବର ଆଲୋଚନା ମଧ୍ୟ ହୋଇ ଆସୁଥିଲା । ଏହା ପୂର୍ବରୁ ମଧ୍ୟ ବହୁ ପ୍ରଶ୍ନ ଉତ୍ତର ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ଧାର୍ଯ୍ୟ ସମୟ ଭିତରେ ଶେଷ ହେଉଥିଲା । ଜ୍ଞାନୀ ଗୁଣୀ ବିଧାୟକମାନେ ଗୃହର ବାତାବରଣକୁ ଆୟତ୍ତରେ ରଖିବା ପାଇଁ ବିଭିନ୍ନ ବୈଧାନିକ ପ୍ରଶ୍ନ ପଚାରି ବାଚସ୍ପତିଙ୍କୁ ସହଯୋଗ କରୁଥିଲେ ।

ବେଳେ ବେଳେ ବିରୋଧୀ ଦଳ ପକ୍ଷରୁ ମଧ୍ୟ କିଛି ପ୍ରସଙ୍ଗକୁ ନେଇ ପ୍ରତିବାଦର ସ୍ୱର ଶୁଣାଯାଉଥିଲା । ଜାନକୀ ବାବୁଙ୍କ ଶାସନ ସମୟରେ ବିରୋଧୀ ଦଳ ପକ୍ଷରୁ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରି ଲଙ୍କାକାଣ୍ଡ ଭିଆଇଲା ଭଳି ଅବସ୍ଥା ମଧ୍ୟ ସୃଷ୍ଟି ହେଉଥିଲା । ସେ ସମୟରେ ବିଧାୟକମାନଙ୍କ ପାଇଁ ପଡ଼ିଥିବା ସାଧାରଣ ଚୌକିର ହାତ ଭାଙ୍ଗି ଲଢେଇ କରିବାର ଦୃଶ୍ୟ ମଧ୍ୟ ଦେଖାଯାଉଥିଲା । ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡ଼ିବା, ବହି ଏବଂ କାଗଜ ଫୋପାଡ଼ିବା ଭଳି ଅଭାବନୀୟ ପରିସ୍ଥିତି ଉପୁଜୁଥିଲା । ନବୀନ ବାବୁଙ୍କ ଶାସନ କାଳରେ ବିଧାନସଭା ଭିତରେ ବିଧାୟକମାନଙ୍କ ବସିବା ପାଇଁ ସୁନ୍ଦର ବ୍ୟବସ୍ଥା କରାଯିବା ଏବଂ ସବୁ ବିଧାୟକଙ୍କ ଟେବୁଲ ଉପରେ ଲ୍ୟାପଟପ ଖଞ୍ଜାଯାଇ ସୁନ୍ଦର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଧାର୍ଯ୍ୟ ସମୟ ଭିତରେ ମାତ୍ର ଗୋଟିଏ ମୁଲତବୀ ପ୍ରସ୍ତାବର ଆଲୋଚନା ସମ୍ଭବ ହେଉଥିଲା । ବିରୋଧୀ ଦଳ ସଦସ୍ୟଙ୍କର ହଟ୍ଟଗୋଳ ଯୋଗୁଁ ବହୁ ସମୟରେ ଗୃହକୁ ବାରମ୍ବାର ମୁଲତବୀ ରଖାଯାଉଥିଲା ।

ସେଇ ଧାରାରେ ଏବେ ନୂତନ ବିଜେପି ସରକାର ମଧ୍ୟ ଚାଲିଛନ୍ତି । ବିଧାନସଭାର ମୁଖ୍ୟ ହେଲେ ବାଚସ୍ପତି । ଗୃହକୁ କିପରି ସେ ଚଳାଇବେ ସେଥିପାଇଁ ସବୁ ଦଳର ସଦସ୍ୟଙ୍କୁ ନେଇକି ଏକ ପରାମର୍ଶଦାତା କମିଟି ମଧ୍ୟ ଗଠନ କରାଯାଇଛି । ଏସବୁ ସତ୍ତ୍ୱେ ବିଧାନସଭା ଠିକଣା ଭାବରେ ଚାଲିପାରୁନାହିଁ । ବିଧାନସଭାର କାର୍ଯ୍ୟକ୍ରମ ଉପରେ କୌଣସି ସାଧାରଣ ଲୋକ ସନ୍ତୁଷ୍ଟ ନଥିବା ଭଳି ଦେଖାଯାଉଛି । କିଛି ଗ୍ରାମାଞ୍ଚଳ ଲୋକ ମଧ୍ୟ ଫୋନ ଯୋଗେ ଆମକୁ କହୁଛନ୍ତି କି ବିଧାନସଭାରେ କଣ ଚାଲିଛି ଏବଂ ଏଥିନେଇ ବିଭିନ୍ନ ପ୍ରକାରର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ବିଧାନସଭାର ପ୍ରତ୍ୟେକ ମୁହୂର୍ତ୍ତ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟୟବହୁଳ ହୋଇଥିବାରୁ ଏହାର ସମୟଗୁଡ଼ିକ କିପରି ଠିକଣା ଭାବରେ ଉପଯୋଗ ହୋଇପାରିବ ସେଥିପାଇଁ ସବୁ ଦଳର ବିଧାୟକ ଏବଂ ବାଚସ୍ପତି ଏହାକୁ ଗୁରୁତ୍ୱର ସହିତ ବିଚାର କରିବାର ଆବଶ୍ୟକତା ରହିଛି ।

ବିଧାୟକମାନଙ୍କୁ ବିଧାନସଭାର ନିୟମାବଳୀ (Rules and Procedure ) ପୁସ୍ତକ ଦିଆଯାଇଛି । ଏହାକୁ ପଢ଼ି ସେମାନେ ବିଧାନସଭାରେ ବୈଧାନିକ ପ୍ରଶ୍ନମାନ ଉଠାଇ ପାରିବେ । ଏବେ ଦେଖାଯାଉଛି ବିଧାୟକମାନେ ଏ ପୁସ୍ତକ ପଢୁଛନ୍ତି କି ନାହିଁ ଜଣା ନାହିଁ, କିନ୍ତୁ ପୁସ୍ତକରେ ଥିବା ନିୟମକୁ ଆଧାର କରି କେହି ବୈଧାନିକ ପ୍ରଶ୍ନ ଗୃହରେ ଉଠାଉ ନାହାନ୍ତି । ବଜେଟ ସମୟରେ ବିଭିନ୍ନ ବଜେଟ ସମ୍ପର୍କିତ ପୁସ୍ତକ ପଢ଼ି ଆଲୋଚନାରେ ଭାଗ ନେବା ପାଇଁ ବିଧାୟକମାନେ ଆସୁଛନ୍ତି କି ନାହିଁ ଜାଣିବାପାଇଁ ଚାହିଁବାରୁ ବିଧାୟକମାନଙ୍କର ସମୟ ନଥିବାରୁ ସେମାନେ ବଜେଟ ପୁସ୍ତକ ପଢ଼ିପାରୁ ନାହାନ୍ତି ବୋଲି ଅଧିକାଂଶ ବିଧାୟକ ମତ ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରଶ୍ନ କିମ୍ବା ବିଧେୟକ ଉପରେ ଆଲୋଚନା ବେଳେ ବିଧାନସଭାରେ ଅଧିକାଂଶ ବିଧାୟକ ଅନୁପସ୍ଥିତ ଥିବାର ଦେଖାଯାଉଛି । ବିଧାୟକମାନଙ୍କର ଅମନଯୋଗ ଏବଂ ବିଧାନସଭାର ସମୟ ନଷ୍ଟକୁ ଲକ୍ଷ୍ୟ କରି ବିଧାନସଭାର କାର୍ଯ୍ୟ କାଳ ଚାରି ପାଞ୍ଚ ଦିନ ଭିତରେ ସାରିଦେବା ପାଇଁ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । ଅନ୍ୟ ପକ୍ଷରେ ବିଧାନସଭାର ବାଚସ୍ପତି ବିଧାନସଭାର ମୁଖ୍ୟ ହୋଇଥିବାରୁ ବିଧାନସଭାର ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ମତ ରଖିଛନ୍ତି ।

ଓଡ଼ିଶା ବିଧାନସଭାର ଆରମ୍ଭରୁ ବହୁ ବିଜ୍ଞ ବ୍ୟକ୍ତିଙ୍କୁ ବାଚସ୍ପତିଙ୍କ ଆସନ ଅଳଙ୍କୃତ କରିବାକୁ ପଡିଥିଲା । ସେମାନେ ହେଲେ ମୁକୁନ୍ଦ ପ୍ରସାଦ ଦାସ, ଲାଲ ମୋହନ ପଟ୍ଟନାୟକ, ନନ୍ଦ କିଶୋର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଲିଙ୍ଗରାଜ ପାଣିଗ୍ରାହୀ, ନନ୍ଦ କିଶୋର ମିଶ୍ର, ବ୍ରଜ ମୋହନ ମହାନ୍ତି, ସତ୍ୟପ୍ରିୟ ମହାନ୍ତି, ସୋମନାଥ ରଥ, ପ୍ରସନ୍ନ କୁମାର ଦାସ, ଯୁଧିଷ୍ଠିର ଦାସ, କିଶୋର ଚନ୍ଦ୍ର ପଟେଲ, ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଶରତ କୁମାର କର, ମହେଶ୍ୱର ମହାନ୍ତି, କିଶୋର କୁମାର ମହାନ୍ତି, ପ୍ରଦୀପ କୁମାର ଅମାତ, ସୂର୍ଯ୍ୟ ନାରାୟଣ ପାତ୍ର, ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ । ଏବେ ଶ୍ରୀମତୀ ସୁରମା ପାଢ଼ୀ ବାଚସ୍ପତି ଆସନରେ ରହି ତାଙ୍କର ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସିଛନ୍ତି । । ପୂର୍ବରୁ କିପରି ବିଧାନସଭା ଚାଲିଥିଲା ଆଉ ଏବେ ବିଧାନସଭା କିପରି ଚାଲିଛି ଏହାର ତର୍ଜମା କରାଯାଇ ବିଧାନସଭାର କାର୍ଯ୍ୟ ଦିବସଗୁଡ଼ିକ ଠିକଣା ଭାବରେ ଚାଲି ପାରିଲେ ରାଜ୍ୟର ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେବା ସହିତ ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହୋଇପାରନ୍ତା ବୋଲି କୁହାଯାଉଛି ।

**ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର**
**ମୋ–୯୩୩୭୪୨୫୦୧୨**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

ସମୟ

## ୧୦ତମ ଗୋରାଚାନ୍ଦ ପଟ୍ଟନାୟକ ସ୍ମୃତି ବ୍ୟାଖ୍ୟାନ

# ଦି ଲିଭିଙ୍ଗ କନ୍‌ଷ୍ଟିଚ୍ୟୁସନ ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ଭଞ୍ଜ କଳା ମଣ୍ଡପରେ ଗୋରାଚାନ୍ଦ ପଟ୍ଟନାୟକ ସ୍ମୃତି ଟ୍ରଷ୍ଟର ଆଧ୍ୟକ୍ଷତାରେ ଏହି




ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଓଡ଼ିଶା ଷ୍ଟେଟ୍ ବାର କାଉନ୍‌ସିଲ୍ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦି ଲିଭିଙ୍ଗ କନ୍‌ଷ୍ଟିଚ୍ୟୁସନ ବିଷୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ଉପସ୍ଥିତ ରହି ସମ୍ବିଧାନର ସଜୀବତା, ଲୋକତନ୍ତ୍ରର ସୁରକ୍ଷା ଏବଂ ଆଇନର ଶାସନ ସୁନିଶ୍ଚିତ କରିବାରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ବିଧାନକୁ ଏକ "ଜୀବନ୍ତ ଦଲିଲ" ଭାବେ ବୁଝିବା ଦରକାର, ଯାହା ଲୋକମାନଙ୍କର ଆକାଂକ୍ଷା ସହ ପରିବର୍ତ୍ତିତ ହୁଏ । ଏଥିରେ ବେଞ୍ଚ ଓ ବାରର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ରାଜକୃଷ୍ଣ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ଇଶ୍ରତ ଜାହାନ ବେଗମ୍ ଙ୍କୁ ଆଇନ ବୃତ୍ତିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା । ଏହି ବାର୍ଷିକ ବ୍ୟାଖ୍ୟାନ ଦିବଙ୍ଗତ ଗୋରାଚନ୍ଦ ପଟ୍ଟନାୟକଙ୍କ ସ୍ମୃତିରେ ଆୟୋଜିତ ହୋଇଛି । ସେ ହେଉଛନ୍ତି ଜଣେ ପ୍ରଖ୍ୟାତ ଆଇନଜୀବୀ । ସମାଜ ପାଇଁ ତାଙ୍କର ଅବଦାନ ଆଜିବି ପିଢିକୁ ପ୍ରେରଣା ଦେଉଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଆଇନଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ ।

# ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା ସମ୍ବନ୍ଧରେ କର୍ମଶାଳା

ପୁରୀ (ସବ୍ୟୁ) : ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ସମ୍ବନ୍ଧରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଏସିଆନ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ଏବଂ ପାଥ୍ ର ମିଳିତ ସହଭାଗିତାରେ ଏକ କର୍ମଶାଳା ହୋଟେଲ ଚାଣକ୍ୟ ବିଏନଆର୍ ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ସହରାଂଚଳରେ ଜନସ୍ୱାସ୍ଥ୍ୟ ବିକାଶ ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏହାର ସଫଳ ରୂପାୟନରେ ଆହୁରି ଅନେକ ପଦକ୍ଷପ ନେବାର ଆବଶ୍ୟକତା ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥି ଏହି କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ସହରାଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ଚ୍ୟାଲେଞ୍ଜ ଗୁଡିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ନିରୋଦ କୁମାର ସାହୁ ମାନସିକ, ଶାରୀରିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ପାଇଁ ଅଭିନବ ପଦକ୍ଷପ ନେବାର ଆବଶ୍ୟକତା ଅଛି ବୋଲି କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା (ସହରାଂଚଳ ସ୍ୱାସ୍ଥ୍ୟ) ଡାକ୍ତର ପୁଷ୍ପିତା ମହାନ୍ତି ସମସ୍ତଙ୍କୁ ଉଦବୋଧନ ଦେଇ ସରକାରଙ୍କର ସମସ୍ତ ଜନ କଲ୍ୟାଣ କାରୀ ଯୋଜନାର ସଫଳ ରୂପାୟନ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପାଥ୍ ର ଡାକ୍ତର ଯତୀନ ଢିଙ୍ଗରା କର୍ମଶାଳାର ପ୍ରାରମ୍ଭରେ ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ର ଲକ୍ଷ୍ୟ ଏବଂ ଆବଶ୍ୟକତା ଉପରେ ସବିଶେଷ ଆଲୋଚନା କରିଥିଲେ ।

# ବିଶ୍ୱ ବନ ଦିବସ ପାଳିତ

କୋଣାର୍କ,(ସବ୍ୟୁ): ନିକଟସ୍ଥ ଆର୍ତ୍ତତ୍ରାଣ କର୍ତିକେଶର୍ ବିଦ୍ୟାପୀଠ, ନୂଆଗାଁ ପରିଷରରେ କୋଣାର୍କ ବନବିଭାଗ ଓ ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ ପକ୍ଷରୁ ମିଳିତ ଭାବେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି କୋଣାର୍କ ବନବିଭାଗ ରେଞ୍ଜର ସୁଦର୍ଶନ ଦେହୁରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବରେ ପଣ୍ଡିତ ରବିନ୍ଦ୍ର କୁମାର ଦ୍ୱିବେଦୀ , ସମାଜସେବୀ ନିରଞ୍ଜନ ତ୍ରିପାଠୀ, ବନ ବିଭାଗର ରାକେଶ କୁମାର ପତି, କାର୍ତ୍ତିକ କୁମାର ନାୟକ ପ୍ରମୁଖ ଯୋଗଦେଇ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷକରି ବନ୍ୟପ୍ରାଣୀ ମାନଙ୍କୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ସହ ଗାଁ ଗାଁ ରେ ବ୍ୟାପକ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

# କୁସ୍ମାଣ୍ଡା ଓ ସ୍କନ୍ଦ ମାତା ବେଶରେ ଦର୍ଶନ ଦେଲେ ମା

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା ଜାଗୁଲାଇଙ୍କ ଶକ୍ତିପିଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଚତୁର୍ଥ ଦିବସରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା ଙ୍କୁ ମହାସ୍ନାନ ପରେ ମା କୁସ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ । ମା ଅଷ୍ଟଭୁଜା ସୁଦର୍ଶନ ଚକ୍ର , ଦକ୍ଷିଣ ହସ୍ତେ କମଣ୍ଡଳ ସହିତ ଆଶୀର୍ବାଦ ମୁଦ୍ରାରେ ଦର୍ଶନ ଦେଇଥିଲେ । ରବିବାର ଚତୁର୍ଥୀ ସହ ପଞ୍ଚମୀ ତିଥି ଥିବାରୁ ଦ୍ୱିତୀୟ ବେଶ ମା" ଙ୍କୁ ସ୍କନ୍ଦ ମାତା ବେଶ କରାଯାଇଥିଲା । ଚତୁର୍ଭୁଜା, ସିଂଘବାହିନୀ, ଉପର ଦୁଇହସ୍ତେ ପଦ୍ମ, ଦକ୍ଷିଣ ହସ୍ତ ଆଶୀର୍ବାଦ ମୁଦ୍ରା, କୋଳେ ଶିଶୁ ସନ୍ତାନ ମୁଦ୍ରାରେ ବେଶ ଆକର୍ଷଣୀୟ



ହୋଇଥିଲା । ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । ଆସନ୍ତାକାଲି ମା"କାତ୍ୟାୟନୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ପ୍ରତ୍ୟେକ ଦିନ ମା " ଙ୍କୁ ବେଶ କରୁଥିବା ବେଳେ ସନ୍ତୋଷ ପଣ୍ଡା ଓ ଶରତ ଦାସ ପ୍ରତ୍ୟକ ଦିନ ପ୍ରସାଦ ପ୍ରସ୍ତୁତି କାର୍ଯ୍ୟସମ୍ପାଦନ କରନ୍ତି । କାର୍ଯ୍ୟକ୍ରମକୁ କମିଟି ସମ୍ପାଦକ ଏଲ ଡି ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାସ , ପବିତ୍ର ମୋହନ ରଣସିଂହ , ନିତ୍ୟ ସେବକ ସୁନୀଲ ମହାନ୍ତି , ବାଉରୀବନ୍ଧୁ ସାହାଣୀ , ବିବେକ ଦଳେଇ, ଚର୍ଚ୍ଚିଲ ଦାସ, ପୂର୍ଣ୍ଣଚନ୍ଦ୍ର ସାହାଣୀ , ଚନ୍ଦ୍ର ପଣ୍ଡା , ଶଶିକାନ୍ତ ମହାପାତ୍ର, ବିକାଶ ବେହେରା, କୃତିବାସ ସନିଆ ପୃଷ୍ଟି, ସାଇ ସ୍ୱନ୍ଦନ ମହାନ୍ତି ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା ।

# କଟକ ରୁପା ତାରକସି ଆନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ : ୟୁକେ କୁ ପ୍ରଥମ ରପ୍ତାନି

କଟକ ,(ସବ୍ୟୁ): ପଦ୍ମେଶ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡ୍ ର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଓ ସିଇଓ ଶୁଭ ପୃଷ୍ଟିଙ୍କ ନେତୃତ୍ୱରେ, ଜିଆଇ ଟ୍ୟାଗ୍ ପ୍ରାପ୍ତ କଟକର ପ୍ରସିଦ୍ଧ "ରୁପା ତାରକାସି" କଳାକୁ ଆନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ କରାଯାଇଛି ।ଭାରତ ସରକାରଙ୍କ ପ୍ରୟାସରେ ଗଠିତ ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋଶନ୍ କାଉନସିଲ୍ (GJEPC) ପକ୍ଷରୁ



ଆୟୋଜିତ ତୃତୀୟ ଭାରତ ମେଳା, ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ୍ ଏକ୍ସିବିସନ୍ ସେଣ୍ଟରରେ ଏହି ପ୍ରଦର୍ଶନୀ ହୋଇଥିଲା।, "ସିଲଭର ସିଟି ଅଫ ଇଣ୍ଡିଆ" ବୋଲି କଟକକୁ କୁହାଯାଉଥିବାରୁ ସେଠାରୁ ଉତ୍ପନ୍ନ ହୋଇଥିବା ଏହି ପାରମ୍ପରିକ ରୁପା ତାରକାସି କଳା ବର୍ତ୍ତମାନ ଅସ୍ତିତ୍ୱ ସଙ୍କଟରେ ରହିଛି। ଏହାକୁ ନୂତନ ଜୀବନ ଦେବା ପାଇଁ ପଦ୍ମେଶ ଇଣ୍ଡଷ୍ଟ୍ରିଜର ଏହି ପ୍ରୟାସକୁ ବିଶେଷ ମହତ୍ୱ ଦିଆଯାଉଛି ।ଏହା ସହିତ, ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋଶନ୍ କାଉନସିଲଙ୍କ ସହଯୋଗରେ, ପଦ୍ମେଶ ଇଣ୍ଡଷ୍ଟ୍ରିଜ କଟକ ରୁପା ତାରକାସିକୁ ୟୁନାଇଟେଡ୍ କିଙ୍ଗଡମ୍‌କୁ ରପ୍ତାନି କରିଥିବା ପ୍ରଥମ କମ୍ପାନୀ ଭାବେ ଇତିହାସ ସୃଷ୍ଟି କରିଛି। ୨୦୨୫ ଜୁଲାଇ ୨୪ ତାରିଖରେ ସାଇନ୍ ହୋଇଥିବା ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) ଫଳରେ ବ୍ୟବସାୟ କରିବାର ସୁବିଧା ବଢ଼ିଥିବାରୁ ଏହି ରପ୍ତାନି ସମ୍ଭବ ହୋଇଛି ।ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ପାରମ୍ପରିକ କଳାକୁ ବିଶ୍ୱ ମଞ୍ଚରେ ନୂତନ ପରିଚୟ ମିଳିବ ବୋଲି ଆଶା କରାଯାଉଛି ।

# ସ୍ମୃତିରେ ପବିତ୍ର ସାର୍ ସ୍ମରଣିକା ଲୋକାର୍ପିତ

କଟକ,(ସବ୍ୟୁ) : କଟକ ସଦର ୪୨ ମୌଜା କୁଳସରିଚୁଆଁ ନିବାସୀ ବିଶିଷ୍ଟ ଶିକ୍ଷାବିତ,ସାହିତ୍ୟିକ,ନାଟ୍ୟକାର,ମହାନ ନାଟ୍ୟ ନିର୍ଦ୍ଦେଶକ,ସମାଜସେବୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ସ୍ମୃତି ଚାରଣ ସଭା ଖଲର୍ଦା ପ୍ରଦୀପ ପ୍ୟାଲେସରେ ଶିକ୍ଷାବିତ୍ ସୁବୋଧ କୁମାର ରାୟ ସଭାରେ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ସଭାରେ ପଣ୍ଡିତ ଜଗଦୀଶ ତ୍ରିପାଠୀ,ପଣ୍ଡିତ ପ୍ରଦୀପ୍ତ ମହାପାତ୍ର,୪୨ ମୌଜା ଶାନ୍ତି କମିଟି ସଭାପତି ଶରତ ରାୟ,ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି,ଅଭୟ ମହାପାତ୍ର,ଅଧ୍ୟାପକ ପ୍ରଦୀପ ବିଶ୍ୱାଳ,ଅଧ୍ୟାପକ ବାସୁଦେବ ସ୍ୱାଇଁ,ସ୍ୱାଧୀନ ଶେଖର ଷଡ଼ଙ୍ଗୀ,ଗୌତମ ପରିଡା, ନାଟ୍ୟକାର ଅଶୋକ ପଟ୍ଟନାୟକ,ମନମୋହନ ପରିଡା, ବାମଦେବ ସ୍ୱାଇଁ,ଲୋଭାକାନ୍ତ ସ୍ୱାଇଁ,ଦୁର୍ଗା ପ୍ରସାଦ ପରିଡା, କୃପାସିନ୍ଧୁ ବିଶ୍ୱାଳ,ବାବାଜୀ ଚରଣ ଭୋଇ,ଲକ୍ଷ୍ମୀଧର ନାୟକ,ଇଂ.ସେବକ ଶ୍ରୀକାନ୍ତ,ଅନିଲ ଦାସ,ସାମ୍ବାଦିକ ବୁଲେଇ ବେହେରା,ହାସ୍ୟ ଅଭିନେତା ନବ କିଶୋର ନାୟକ,ସୁଧାକର ସ୍ୱାଇଁ, ଗୀତାଞ୍ଜଳି ମିଶ୍ର,ଅନସୂୟା ପଟନାୟକ,ଇଂ.ଅଶୋକ କୁମାର ବିଶ୍ୱାଳ,ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତି, ରୁଦ୍ର ନାରାୟଣ ଦାସ,ଅଭିରାମ ଦଳାଇ ପ୍ରମୁଖ ଥିଲେ। "ସ୍ମୃତିରେ ପବିତ୍ର ସାର୍" ସ୍ମରଣିକା ଲୋକାର୍ପିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅରବିନ୍ଦ ପ୍ରଧାନ,ଶୁଭ୍ରଜିତ ନାୟକ,ନାରାୟଣ ଶାସମଲ, ପ୍ରଦୀପ୍ତ ମହାପାତ୍ର,ସତ୍ୟରଞ୍ଜନ ମହାପାତ୍ର,ଲକ୍ଷ୍ମୀଧର ନାୟକ, ସମୀର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଜ୍ୟେଷ୍ଠ ପୁତ୍ର ଶିକ୍ଷାବିତ୍ ତଥା ସମାଜସେବୀ ସତ୍ୟଜିତ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖର ପୁର ଶାଖାର ସ୍ଥାପନା ଦିବସ

ଭୁବନେଶ୍ୱର, (ସବ୍ୟୁ): ରବିବାର ସ୍ଥାନୀୟ ନିଳାଦ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭା କକ୍ଷରେ ଭୁବନେଶ୍ୱର ର ଭାରତ ବିକାଶ ପରିଷ ,ଚନ୍ଦ୍ରଶେଖର ପୁର




ଶାଖାର ଦ୍ୱାବିଂଶତମ ସ୍ଥାପନା ଦିବସ ଉତ୍ସବ ସମାରୋହ ସହକାରେ ପାଳିତ ହୋଇଯାଇଛି। ପ୍ରଥମେ ମଞ୍ଚ ରେ ବିରାଜିତ ସ୍ୱାମୀ ବିବେକାନନ୍ଦ ଓ ଭାରତ ମାତାଙ୍କ ଫଟୋରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ଦେଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରମ୍ପରା ଅନୁଯାୟୀ ବନ୍ଦେମାତରଂ ଗାନ ପରେ ବିଶ୍ୱ ଶାନ୍ତି ପାଇଁ ତଥା ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ଶାଖାର ମହିଳା ସଦସ୍ୟା ମାନେ ବୃନ୍ଦ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶାଖାର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶାଖା ସ୍ଥାପନା ଦିବସ ପାଳନ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏଣ୍ଟୋମୋଲୋଜି ( କୀଟପତଙ୍ଗ ) ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡଃ ମଧୁସୂଦନ ଦାସ। ସମାଜ ସେବା,ଦେଶ ଭକ୍ତି ଓ ଉନ୍ନତ ମାନବ ସମାଜ ଗଠନରେ ଭାରତ ବିକାଶ ପରିଷଦ ର ପ୍ରୟୋଜନ ତଥା ନିରନ୍ତର ସମର୍ପିତ ସେବା ମାଧ୍ୟମରେ ସଦସ୍ୟ ସଦସ୍ୟା ମାନଙ୍କର କାର୍ଯ୍ୟ ଶୈଳୀକୁ ସେ ପ୍ରଶଂସା କରିଥିଲେ। ଶାଖା ସଚିବ ଦଶରଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୋଷାଧ୍ୟକ୍ଷ ଧ୍ରୁବ ଚରଣ ରାଉତ ଶାଖାର ଆୟବ୍ୟୟ ର ବିବରଣୀ ଉପସ୍ଥାପନ କରିଥିଲେ। ଶାଖା ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଅଦ୍ୟ ବୈଠକରେ ଉପସ୍ଥିତ ପ୍ରାନ୍ତୀୟ ଅଧିକାରୀ ଶ୍ରୀମତୀ ବିଜୟା ନନ୍ଦିନୀ ଦୁବେ ଶୃଙ୍ଖଳା ର ସହ ଶାଖାର ନିର୍ବାଚନ ପରିଚାଳନା କରି ଆନନ୍ଦ ପ୍ରକାଶ କରିବା ସହ ଶାଖା ପରିଚାଳନାର ସୁବ୍ୟବସ୍ଥା ଦେଖି ପ୍ରଶଂସା କରିଥିଲେ। ଚଳିତ ବର୍ଷ ପାଇଁ ଦଶରଥ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସଚ୍ଚିଦାନନ୍ଦ ନାୟକ ଯଥାକ୍ରମେ ଶାଖା ଅଧ୍ୟକ୍ଷ, ସଚିବ ଓ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଓ କଣ୍ଠଶିଳ୍ପୀ ମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ରଜ ପର୍ବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ ବିଜେତା ସଦସ୍ୟ ସଦସ୍ୟା ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ମୁରଲୀଧର ଦାସ ଧନ୍ୟବାଦ ଅର୍ପଣ କରିବା ପରେ ସାମୁହିକ ଜାତୀୟ ସଂଗୀତ ଗାନ କରାଯାଇଥିଲା।

# ମାଛ ଗୋଦାମ ମାଲିକଙ୍କ ସନ୍ଦେହଜନକ ମୃତ୍ୟୁ

ଅସ୍ତରଙ୍ଗ (ସବ୍ୟୁ): ଅସ୍ତରଙ୍ଗ ବଜାରରେ ମାଛ ବ୍ୟବସାୟୀ ଭୁପେଶ ଜେନା(୫୦) ଓରଫ ବାପିଙ୍କ ମୃତଦେହକୁ ରବିବା ସକାଳେ ଅସ୍ତରଙ୍ଗ ବଜାର ଠାରୁ ପ୍ରାୟ ୪ କିମି ଦୂର କିଉଁନ୍ତି ଛକରୁ ଖଣ୍ଡାସାହି ରାସ୍ତା ମଧ୍ୟସ୍ଥ ଭସାପୋଲ ନିକଟରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ଏନେଇ ସ୍ଥାନୀୟ ବାସିନ୍ଦା ଓ ପରିବାର ସଦସ୍ୟ କାକଟପୁର ଥାନା ପୁଲିସକୁ ସୂଚିତ କରିଥିଲେ । ତେବେପୁଲିସ ପହଞ୍ଚିବା ବିଳମ୍ବ ହେବାରୁ ବ୍ୟବସାୟୀମାନେ ମୃତ୍ୟଦେହକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ପରେ ଅସ୍ତରଙ୍ଗ ପୁଲିସ ସହାୟତାରେ କାକଟପୁର ପୁଲିସ ମୃତଦେହ ଜବତକରି ଶବ ବ୍ୟବଚ୍ଛେଦ ପାଇଁ ଛରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା ଶବ ବ୍ୟବଚ୍ଛେଦ ପରେ ମତ୍ସ୍ୟ ବ୍ୟବସାୟୀଙ୍କ ସହଯୋଗରେ ସ୍ୱର୍ଗଦ୍ୱାରରେ ଭୁପେଶଙ୍କ ଅନ୍ତିମ ସତ୍କାର କରାଯାଇଛି ।ଭୁପେଶ, ଅସ୍ତରଙ୍ଗ ବ୍ଲକ ହରିଣୀହୁଳାରେ ରହୁଥିଲେ । ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା, କିନ୍ତୁ ପାରିବାରିକ ସମସ୍ୟା ଯୋଗୁଁ ସେ ଅନେକ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ । ପୂର୍ବରେ, ସାପ କାମୁ ଗୋଟିଏ ଭାଇକୁ ହରାଇଥିଲେ । ଗୋଟିଏ ଭାଇ ଏବେ ପାଗଳ । ଘରେ ଅନ୍ଧୁଣି ମା' । ଏହି ସମୟରେ ନିଜ ପନିଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭଲ ନଥିଲା ରୋଗୀଣା ଅବସ୍ଥାରେ ମେଡିକାଲରେ ନିଜ ପନିର ଡାଏଲିସିସ ଆଦି ପାଇଁ ସେ ଅନେକ ଟଙ୍କା ଖର୍ଚ୍ଚ କରୁଥିଲେ । ଗତକାଲି ରାତିରେ ଅସ୍ତରଙ୍ଗ ସେ ବଜାରରେ ବୁଲୁଥିବା ଲୋକମାନେ ଦେଖିଛନ୍ତି । ପା

## ବିମାନ ସେବା ଓ ରେଳ ସେବା ସମ୍ପ୍ରସାରଣ ପାଇଁ

# ଦାବି ରଖିଲେ ବିଧାୟକ ଇଂ. ରୁପେଶ ପାଣିଗ୍ରାହୀ

କେନ୍ଦ୍ର ଏଭିଏସନ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କ ସାକ୍ଷାତ କରି ଦୁଇଟି ରେଳର ସମ୍ପ୍ରସାରଣ ଓ ନିକଟ ଅଞ୍ଚଳରେ ଏକ ମିନି ବିମାନ ବନ୍ଦର ସ୍ଥାପନ ପାଇଁ ଦାବି ଜଣାଇଲେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ। ପାରଳାଖେମୁଣ୍ଡି ବିଧାୟକ ପାତପାଟନମ ଠାରେ ମନ୍ତ୍ରୀଙ୍କୁ ସାକ୍ଷାତ କରି ବିଭିନ୍ନ ଉନ୍ନୟନ ଦିଗରେ ଆଲୋଚନା କରିଥିଲେ। ବିଶେଷ କରି ଗୁଣୁପୁର ଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ଚଳାଚଳ କରିବା ଓ ଭଦ୍ରକ ଠାରୁ ଆସି ପଲାସା ଠାରେ ରହୁଥିବା ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ଜଣାଇଛନ୍ତି ବିଧାୟକ। ଏହାସହିତ ଅଞ୍ଚଳରେ ଏକ ମିନି ବିମାନ ବନ୍ଦର ସ୍ଥାପନ କରିବା ପାଇଁ ମଧ୍ୟ ଆଲୋଚନା କରିଛନ୍ତି ମନ୍ତ୍ରୀ। ଗଜପତି ଜିଲ୍ଲାରୁ ପ୍ରତିଦିନ ଅନେକ ଲୋକ ଚାକିରି ତଥା ବ୍ୟବସାୟ ଓ ପାଠପଢା ନିମନ୍ତେ ହାଇଦ୍ରାବାଦ,



ଚେନ୍ନାଇ, ବେଙ୍ଗାଲୁରୁ ଏବଂ କଟକ ଭୁବନେଶ୍ୱର ଦିଲ୍ଲୀ ମୁମ୍ବାଇ କୋଲକାତା ଆଦି ସହରକୁ ଯାତାୟତ କରୁଛନ୍ତି। ତେବେ ପ୍ରଗତିଶୀଳ ଯୁଗରେ ଗମନାଗମନ ବିକାଶ ଅତି ଜରୁରୀ ହୋଇଛି। ତେଣୁ ଜିଲ୍ଲା ସହିତ ବିଭିନ୍ନ ଦିଗକୁ ରେଳ ଓ ବିମାନରେ ଗମନାଗମନର ସୁବିଧା ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ଠାରେ ଦାବି ରଖିଛନ୍ତି ବିଧାୟକ। ତେବେ ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବିମାନ ସେବା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି ମନ୍ତ୍ରୀ ରାମ ମୋହନ ନାଇଡୁ।

# ସାଭିଓର ଫାର୍ମା ବିତରଣ ବ୍ୟବସାୟକୁ ଅଧିଗ୍ରହଣ କଲା କିୟୋରବେ

ଭୁବନେଶ୍ୱର (ସବ୍ୟୁ) : ସେବାରୁ ବଞ୍ଚିତ ସମସ୍ତ ଜନସମୁଦାୟଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସମ୍ପ୍ରସାରିତ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏକ ହାଇବ୍ରିଡ ସ୍ୱାସ୍ଥ୍ୟସେବା କମ୍ପାନୀ କିୟୋରବେ ସାଭିଓ ହେଲ୍‌ଥଟେକ୍‌ର ଫାର୍ମାସୀ ବିତରଣକାରୀ ବ୍ୟବସାୟକୁ ଅଧିଗ୍ରହଣ କରିଛି। କିୟୋରବେ ପଛରେ ବର୍ଟେଲସ୍‌ମାନ୍ ଇଣ୍ଡିଆ ଇନ୍‌ଭେଷ୍ଟମେଣ୍ଟ, ଏଲିଭର ଇକ୍ୱିଟି ଏବଂ ଇଣ୍ଟରନ୍ୟାସନାଲ ଇନଭେଷ୍ଟମେଣ୍ଟ (ବିଆଇଆଇ) ର ସମର୍ଥନ ରହିଛି। ସାଭିଓର ଫାର୍ମାସୀ ବିତରଣ ବ୍ୟବସାୟ ଏକ ପ୍ରଯୁକ୍ତି ସମର୍ଥିତ ବି୨ବି ଫାର୍ମା ବିତରଣକାରୀ କମ୍ପାନୀ, ଯାହା ସମଗ୍ର କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ ୧୦ହଜାରରୁ ଅଧିକ ରିଟେଲ ଫାର୍ମାସୀଙ୍କୁ ସେବା ଯୋଗାଉଛି ଏବଂ ବେଙ୍ଗାଲୁରୁ ଓ ହାଇଦରାବାଦରେ ଏହାର କାର୍ଯ୍ୟକ୍ଷମ ପ୍ରମୁଖ ସ୍ଥଳଗୁଡିକ ରହିଛି। ଏହି ଅଧିଗ୍ରହଣ କିୟୋରବେ ମଧ୍ୟକୁ ଫିଜିକାଲ ହବ୍‌ସମୂହ, ସାମଗ୍ରୀ ସଂଗ୍ରହକାରୀ ସାମର୍ଥ୍ୟ, ଡିଜିଟାଲ ଅର୍ଡର ଉପସ୍ଥାପନ ବ୍ୟବସ୍ଥା ଏବଂ ଏକ ଅଭିଜ୍ଞ ବିତରଣକାରୀ ଟିମ୍ ସମେତ ଏକ କାର୍ଯ୍ୟକ୍ଷମ ଫାର୍ମା ବିତରଣ ନେଟୱର୍କ ଆଣିଛି। ଏହା ମଧ୍ୟ ସାଭିଓର କାର୍ଯ୍ୟକ୍ଷମ ପ୍ଲେବୁକ୍, ସାମଗ୍ରୀ ସଂଗ୍ରହକାରୀ ସମ୍ପର୍କ ବ୍ୟବସ୍ଥା ଏବଂ ଗଭୀର ବିତରଣକାରୀ ଅଭିଜ୍ଞତାକୁ ଯୋଗ କରିବା ସହିତ କିୟୋରବେ ନୂତନ ଭୌଗୋଳିକ ଅଞ୍ଚଳଗୁଡିକୁ ସମ୍ପ୍ରସାରିତ ହେଉଥିବାବେଳେ ଏହାର ଔଷଧ ବିତରଣକାରୀ ସାମର୍ଥ୍ୟକୁ ସୁଦୃଢ଼ କରୁଛି। କିୟୋରବେ ସମ୍ପ୍ରତି ୧୫ହଜାରରୁ ଅଧିକ ଗ୍ରାମରେ ୧୦ ଲକ୍ଷରୁ ଅଧିକ ରୋଗୀଙ୍କୁ ୧୯୦ରୁ ଅଧିକ ଇକ୍ଲିନିକ୍ ଜରିଆରେ ସେବା ଯୋଗାଇ ଦେଉଛି। କମ୍ପାନୀର ସମ୍ପ୍ରସାରଣ ଆର୍ଥିକ ଦୃଷ୍ଟିରୁ ଶୃଙ୍ଖଳିତ କ୍ଲଷ୍ଟର-ଭିତ୍ତିକ ମଡେଲ ଉପରେ କେନ୍ଦ୍ରୀଭୂତ, ଯେଉଁଥିରେ ଓଡ଼ିଶା ଓ ପଡୋଶୀ ବଜାରଗୁଡିକରେ ଦୁଇଟି ଲାଭଜନକ ମଣ୍ଡଳ ରହିଛି।

# ଓଡ଼ିଶା ୨.୦ ଦ୍ରୁତ ଅଭିବୃଦ୍ଧି ପାଇଁ ଦୃଢ଼ ନୀତି ପ୍ରବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର, (ସବ୍ୟୁ): ଥିଙ୍କ୍ ଟେଙ୍କ ଫୋରମ୍ ପକ୍ଷରୁ "ଓଡ଼ିଶା ୨.୦: ଭାରତର ସର୍ବୋତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ନେଇ ଏକ ନୂତନ ଅଭିବୃଦ୍ଧି ମଡେଲ୍ ନିର୍ମାଣ" ଶୀର୍ଷକ ଏକ ନୂତନ ରିପୋର୍ଟ ପ୍ରକାଶ କରିଛି, ଯାହା ଦୀର୍ଘ ସମୟ ଧରି ଓଡ଼ିଶାରେ ସେବା କରିଥିବା ଅର୍ଥନୀତିଜ୍ଞ ଏବଂ ବରିଷ୍ଠ ଅଭ୍ୟାସକାରୀଙ୍କ ସହିତ ବ୍ୟାପକ ଗବେଷଣା ଏବଂ ବିଶେଷଜ୍ଞ ପରାମର୍ଶ ଉପରେ ଆଧାରିତ ଏହି ରିପୋର୍ଟରେ କୁହାଯାଇଛି ଯେ ଓଡ଼ିଶା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ନୂତନ ଶାସନ ଅଧୀନରେ, ରାଜ୍ୟକୁ ପୁଣି ଥରେ ଏକ ପ୍ରମୁଖ ଇଞ୍ଜିନ୍ ଭାବରେ ଦେଖାଯାଉଛି ଯାହା ପୂର୍ବୋଦୟ ଦୃଷ୍ଟିକୋଣ ଅଧୀନରେ ପୂର୍ବ ଭାରତର ବିକାଶକୁ ଚଳାଇବାରେ ସାହାଯ୍ୟ କରିପାରିବ ଏବଂ ୨୦୪୭ ମସିହାରେ ବିକାଶ ଭାରତ ଜାତୀୟ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ଦେବ। ରିପୋର୍ଟର ସାରାଂଶକୁ ସଂକ୍ଷେପ କରି, ଥିଙ୍କ୍ ଟେଙ୍କ ଫୋରମର ମହାସଚିବ ରଙ୍ଗନାଥ ଟି. କହିଛନ୍ତି, "ଓଡ଼ିଶା ୨.୦ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆଂଚଳିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ-ଚାଳିତ ଅଭିବୃଦ୍ଧିର ଏକ ମଡେଲ ଭାବରେ ନିଜକୁ ପୁନଃସ୍ଥାପିତ କରିବାର ସୁଯୋଗ ରଖିଛି। କିନ୍ତୁ ଏଥିପାଇଁ ଅତୀତ ଏବଂ ଭାରତର ସର୍ବୋତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା, ସ୍ଥିରତା ସହିତ ନୀତି ଲାଗୁ କରିବା, କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ଉପର ଏବଂ ନିମ୍ନଗାମୀ ଶିଳ୍ପ ଇକୋସିଷ୍ଟମ, ନିଯୁକ୍ତି ଏବଂ ସ୍ଥାନୀୟ ସମୃଦ୍ଧିରେ ଆଙ୍କର୍ ନିବେଶକୁ ଅନୁବାଦ କରିବା ନିଶ୍ଚିତ କରିବା ଆବଶ୍ୟକ।

ଏହି ପ୍ରସଙ୍ଗରେ, ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଏବଂ ଖଣି ନୀତି ବିଶେଷଜ୍ଞ ଶ୍ରୀଯୁକ୍ତ ଆର. କେ. ସିହ୍ନା କହିଛନ୍ତ,"ଆମର ଏକ ସୁପରିଭାଷିତ ଖଣିଜ ନୀତି ଢାଂଚା ଅଛି ଯାହା ବୈଜ୍ଞାନିକ ଏବଂ ବ୍ୟବସ୍ଥିତ ଉପାୟରେ ଖଣିଜ ସମ୍ପଦର ଅନୁସନ୍ଧାନ ଏବଂ ନିଷ୍କାସନକୁ କଭର କରେ। ଓଡ଼ିଶାରେ ବକ୍ସାଇଟ୍ ଖଣି, ଲୁହା ଖଣି ପରି ସମାନ ଗତିରେ ଅଗ୍ରଗତି କରିନାହିଁ। ଯଦି ଏହି ଅସୁବିଧାଗୁଡ଼ିକୁ ସଂଶୋଧନ କରାନଯାଏ, ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ପାଇଁ ଏକ ସୁଚିନ୍ତିତ ରଣନୀତି ସହିତ, ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ କ୍ଷେତ୍ରର ପ୍ରକୃତ ଅର୍ଥନୈତିକ ଏବଂ ସାମାଜିକ ଗୁଣକରୁ କେବଳ ଏକ ଅଂଶ ହାସଲ କରି ଚାଲିବେ। ଓଡ଼ିଶାରେ ଭାରତର ପ୍ରାୟ ୫୧% ବକ୍ସାଇଟ୍ ସଂରକ୍ଷଣ ଅଛି ଏବଂ କେବଳ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ବେଲ୍ଟରେ ଏହି ଦାନର ୮୫% ରହିଛି। ତଥାପି ଏହି ଜମାର ଏକ-ଚତୁର୍ଥାଂଶରୁ କମ୍ ସକ୍ରିୟ ଖଣିଜ ଉତ୍ପାଦନ ଅଧୀନରେ ଅଛି, ଯାହା ସ୍ପଷ୍ଟ ଭାବରେ ଅବ୍ୟବହୃତ ହେଉଛି।

ଏହି ରିପୋର୍ଟରେ ପଶ୍ଚିମ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ଏକ ଆଲୁମିନା ରିଫାଇନାରୀ ଉପରେ ଏକ କେସ୍‌ଷ୍ଟଡିକୁ ଏକ ଦବିଯାଇଥିବା ନିବେଶର ଉଦାହରଣ ଭାବରେ ଦସ୍ତାବିଜ କରାଯାଇଛି। ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି ଯେ ଏହି ମେଗା ନିବେଶର ସମ୍ପୂର୍ଣ୍ଣ ଅର୍ଥନୈତିକ ଗୁଣକ କେବଳ ସ୍ଥାନୀୟ ବକ୍ସାଇଟ୍ ଉପଲବ୍ଧତାରେ ନୀତି କାର୍ଯ୍ୟକାରୀତା ଚ୍ୟାଲେଞ୍ଜ ଯୋଗୁଁ ଅଟକି ରହିଛି। ଏହି ଖଣିଗୁଡ଼ିକ ଖୋଲିବା ସରକାରଙ୍କ ପାଇଁ ଦ୍ରୁତ ଫଳାଫଳ ହାସଲ କରିବା ପାଇଁ ଅତ୍ୟନ୍ତ ଜରୁରି ଅଟେ। ଏପରି ବିଳମ୍ବ କେବଳ ରାଜ୍ୟକୁ ନୁହେଁ ବରଂ ଜାତୀୟ ସ୍ତରରେ ଭାରତକୁ ମଧ୍ୟ କ୍ଷତି ପହଂଚାଉଛି। ଭାରତ ୨୦୨୩ ଆର୍ଥିକ ବର୍ଷରେ ପ୍ରାୟ ୩.୬ ନିୟୁତ ଟନ୍ ବକ୍ସାଇଟ୍ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଆନୁମାନିକ ୪.୫ ନିୟୁତ ଟନ୍ ବକ୍ସାଇଟ୍ ଆମଦାନି କରିଥିଲା, ଯାହା ପ୍ରାୟ ଟ.୪,୦୦୦-୫,୦୦୦ କୋଟି ବିଦେଶୀ ମୁଦ୍ରା ଖର୍ଚ୍ଚ କରିଥିଲା। ଏହା ଉପରେ, ଭାରତର ବାର୍ଷିକ ଫିନିଶ୍ ଆଲୁମିନିୟମ୍ ଆମଦାନି ୨୦୨୫-୨୬ ଆର୍ଥିକ ବର୍ଷରେ ଟ.୭୦,୦୦୦ କୋଟି ଅତିକ୍ରମ କରିଥିଲା। ଯଦି କଳାହାଣ୍ଡି ଏବଂ ରାୟଗଡ଼ା ଅଂଚଳରେ ବିଦ୍ୟମାନ ବକ୍ସାଇଟ୍ ଖଣି ଖୋଲାଯାଏ ତେବେ ଏହି ମୂଲ୍ୟର ଅଧିକାଂଶ ପଶ୍ଚିମ ଓଡ଼ିଶାରେ ହାସଲ କରାଯାଇପାରିବ।

ଏହି ପରିପ୍ରେକ୍ଷୀରେ, ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ନୀଳଞ୍ଜନ ବଣିକ ବ୍ୟାଖ୍ୟା କରନ୍ତି: ଯଦି ଯୋଗାଣ ପ୍ରତିବନ୍ଧକ ଯୋଗୁଁ ବିଶୋଧନ କ୍ଷମତା ସମ୍ଭାବନାଠାରୁ କମ୍ କାର୍ଯ୍ୟ କରେ, ତେବେ ସ୍ଥାନୀୟ ଆୟ ଉତ୍ପାଦନ ସିଧାସଳଖ ପ୍ରଭାବିତ ହୁଏ।

ରାଜ୍ୟ ସରକାର ଏବଂ ଲାଞ୍ଜିଗଡ ରିଫାଇନାରୀ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ସ୍ଥାନୀୟ ବକ୍ସାଇଟ୍ ବିଶୋଧନରୁ ପ୍ରାପ୍ତ ବାର୍ଷିକ ଲାଭର ୫% ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବା କଥା। ସ୍ଥାନୀୟ ଖଣି କାର୍ଯ୍ୟକ୍ଷମ ନହେବାରୁ, ଏହି ପାଣ୍ଠିଗୁଡ଼ିକ ଅନୁପଲବ୍ଧ ରହିଛି, ଯାହା ସ୍ଥାନୀୟ ଲୋକଙ୍କୁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନରୁ ବଂଚିତ କରିଛି। ଏହା ଉପରେ, ଦୀପକ ମହାନ୍ତି, ପୂର୍ବତନ ଖଣି ନିର୍ଦ୍ଦେଶକ, ଓଡ଼ିଶା ମତାମତ ଦେଇ କହିଛନ୍ତି: " ଡିଏମଏଫ ସମ୍ପଦର ଏକ ଅଂଶକୁ ଗ୍ରାମ ସମ୍ପ୍ରଦାୟ ଦ୍ୱାରା ସିଧାସଳଖ ପରିଚାଳନା କରିବାକୁ ଅନୁମତି ଦିଆଯାଇପାରେ। ସମସ୍ତ ବିକାଶ ପ୍ରକଳ୍ପ କ୍ଷେତ୍ରରେ ଘଟୁଥିବା ନିଷ୍କ୍ରିୟ ପ୍ରାପ୍ତାଧିକାରୀ ହେବା ପରିବର୍ତ୍ତେ ଲାଭର ସକ୍ରିୟ ପ୍ରାପ୍ତକର୍ତ୍ତା ହେବେ। ରିପୋର୍ଟରେ ଆକଳନ କରାଯାଇଛି ଯେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଂଚଳରେ ମାତ୍ର ତିନୋଟି ବକ୍ସାଇଟ୍ ଖଣି କ୍ଲଷ୍ଟର କାର୍ଯ୍ୟକ୍ଷମ କରିବା ଦ୍ୱାରା ଓଡ଼ିଶାର ଜିଏସଡିପିରେ ବାର୍ଷିକ ପ୍ରାୟ ଟ.୧୮,୦୦୦ କୋଟି ଯୋଡ଼ିହେବ, ପ୍ରାୟ ୧୫,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୫୦,୦୦୦ ରୁ ଅଧିକ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ, ଏବଂ ଖଣିଜ ପଦାର୍ଥ ବହନ କରୁଥିବା ଜିଲ୍ଲାଗୁଡ଼ିକରେ ପ୍ରାୟ ୨.୫ ବିଲିୟନ ଡଲାର ଡାଉନଷ୍ଟ୍ରିମ୍ ନିବେଶକୁ ପ୍ରେରଣ କରିପାରିବ। ଶେଷରେ, ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶାକୁ ଏବେ ଏକ ଅଧିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ-ଚାଳିତ ଅଭିବୃଦ୍ଧି ମଡେଲ ଉପରେ ଧ୍ୟାନ ଦେବାକୁ ପଡିବ ଯାହା ଦ୍ୱାରା ଏହାର ଖଣିଜ ଶକ୍ତି, ରଣନୈତିକ ଭୂଗୋଳ ଏବଂ ଏକ ଦୃଢ଼ ନିବେଶ ପରିବେଶର ସୁଯୋଗକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରାଯାଇପାରିବ।

# ଇରାନକୁ ଚେତାବନୀ: 'ତୁରନ୍ତ ଆକ୍ରମଣ ବନ୍ଦ କର', ବଢୁଛି ବିଶ୍ୱସ୍ତରୀୟ ସଙ୍କଟ





ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲାଗିରହିଥିବା ଯୁଦ୍ଧ ଏବେ ଅଧିକ ଭୟଙ୍କର ରୂପ ନେବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଜି-୭ ସଦସ୍ୟ ଦେଶ ଏବଂ ୟୁରୋପୀୟ ୟୁନିୟନର ଶୀର୍ଷ ନେତାମାନେ ଇରାନକୁ ତାର ସମସ୍ତ ଆକ୍ରମଣକୁ ତୁରନ୍ତ ଏବଂ ବିନା କୌଣସି ସର୍ତ୍ତରେ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି । ଗତ ଫେବୃଆରୀ ୨୮ ରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଯୋଗୁଁ ଆଞ୍ଚଳିକ ସ୍ଥିରତା ଏବଂ ବିଶ୍ୱ ଶକ୍ତି ବଜାର ଉପରେ ଏବେ ବଡ଼ ବିପଦ ମାଡ଼ି ଆସୁଛି ।

ଶନିବାର ଦିନ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ତଥା ୟୁରୋପୀୟ ୟୁନିୟନର ବୈଦେଶିକ ନୀତି ମୁଖ୍ୟ ଏକ ମିଳିତ ବିବୃତ୍ତି ଜାରି କରି ଇରାନର ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଛନ୍ତି । ଇରାନ ଏବଂ ତାର ସମର୍ଥିତ ଗୋଷ୍ଠୀଗୁଡ଼ିକ ଦ୍ୱାରା ଅନ୍ୟ ଦେଶ ଉପରେ ହେଉଥିବା ଆକ୍ରମଣକୁ ଅଯୌକ୍ତିକ ଦର୍ଶାଇ ନିଜ ସହଯୋଗୀ ଦେଶଗୁଡ଼ିକର ଆତ୍ମରକ୍ଷା ଅଧିକାରକୁ ସେମାନେ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ବାହାରିନ୍, କୁଏତ୍, ଓମାନ, କତାର ଏବଂ ସାଉଦି ଆରବ ଭଳି ଦେଶରେ ଥିବା ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବିଶ୍ୱ ସୁରକ୍ଷା ପାଇଁ ଏକ ବଡ଼ ବିପଦ ବୋଲି ବିବୃତ୍ତିରେ ଦର୍ଶାଯାଇଛି । ହର୍ମୁଜ୍ ଜଳପଥ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ସୁରକ୍ଷା ବଜାୟ ରଖିବା ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ । ବିଶ୍ୱ ଶକ୍ତି ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ମାର୍ଚ୍ଚ ୧୧ରେ ଷ୍ଟକପାଇଲ୍ ରିଲିଜ୍ ପାଇଁ ନେଇଥିବା ନିଷ୍ପତ୍ତିକୁ ମଧ୍ୟ ଜି-୭ ସମର୍ଥନ କରିଛି । ଇରାକର କୁର୍ଦ୍ଦିସ୍ତାନ ଅଞ୍ଚଳରେ ଥିବା କୂଟନୈତିକ କେନ୍ଦ୍ର, ଶକ୍ତି ଭିତ୍ତିଭୂମି ଏବଂ ଆମେରିକୀୟ ସେନା ଉପରେ ଇରାନର ସିଧାସଳଖ ଆକ୍ରମଣକୁ ସେମାନେ ତୀବ୍ର ବିରୋଧ କରିଛନ୍ତି ।

# ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ନେଇ ଚର୍ଚ୍ଚା

ୱାଶିଂଟନ: ଡୋନାଲ୍ଡ ଟ୍ରମ୍ପ ଏୟାର୍ ଫୋର୍ସ ୱାନ୍ର ପାହାଚରେ ରେଲିଂକୁ ଧରି ଧରି ଯତ୍ନର ସହ ଓହ୍ଲାଉଥିବାର ଏକ ଭିଡିଓ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ନୂତନ ବିତର୍କ ଆରମ୍ଭ କରିଛି । ସୋସିଆଲ ମିଡିଆ ବ୍ୟବହାରକାରୀମାନେ ତାଙ୍କ ଗତିବିଧିକୁ ଅତି ନିକଟରୁ ଯାଞ୍ଚ କରୁଛନ୍ତି ଓ ତାଙ୍କ ଶାରୀରିକ ଅବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି । ମାର୍ଚ୍ଚ ୨୧ରେ ୭୯ ବର୍ଷୀୟ ଟ୍ରମ୍ପ ଫ୍ଲୋରିଡାରେ ପହଞ୍ଚିବା ପରେ କଏଦ ହୋଇଥିବା ଏହି ଫୁଟେଜ୍ ଅନଲାଇନରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଥିଲା । କେତେକ ତାଙ୍କ ସତର୍କ ପଦପାତରେ ସ୍ୱାସ୍ଥ୍ୟଗତ ସମସ୍ୟାର ଲକ୍ଷଣ ଦେଖିଥିବାବେଳେ ଅନ୍ୟମାନେ ବିମାନରେ ଅତ୍ୟଧିକ ଉଡ଼ାଣ ଏହାର କାରଣ ବୋଲି କହିଥିଲେ । କ୍ଲିପ୍ରେ ଟ୍ରମ୍ପ ରେଲିଂକୁ ଧରି ଧରି ସତର୍କତାର ସହ ପାହାଚରେ ତଳକୁ ଓହ୍ଲାଉଥିବାର ଦେଖାଯାଇଛି । ନିରାପଦରେ ତଳେ ପହଞ୍ଚିବା ପୂର୍ବରୁ ମଝିରେ କିଛି ସମୟ ଠିଆଠିଆ ବିଶ୍ରାମ ନେଇଥିଲେ । ଅନଲାଇନରେ ଜଣେ ୟୁଜର ଲେଖିଛନ୍ତି, ୱାଓ! ଟ୍ରମ୍ପ ପ୍ରକୃତରେ



ବୃଦ୍ଧ, କ୍ଳାନ୍ତ ଓ ଅସୁସ୍ଥ ଦେଖାଯାଉଛନ୍ତି । ସେ ଏୟାର ଫୋର୍ସ ୱାନ୍ର ପାହାଚ ତଳକୁ ବି ଓହ୍ଲାଇ ପାରୁନାହାନ୍ତି । ଗତ କିଛି ମାସ ମଧ୍ୟରେ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଏହି ଭିଡିଓ ଆସିଛି । ପର୍ଯ୍ୟବେକ୍ଷକମାନେ ଗୋଇଠି ଫୁଲିବା, ଚର୍ମ କଳା ପଡ଼ିବା ଓ ଅନ୍ୟାନ୍ୟ ଲକ୍ଷଣ ବିଷୟରେ ବର୍ଣ୍ଣନା କରିଛନ୍ତି । ଅନଲାଇନରେ ପ୍ରତିକ୍ରିୟା ଚିନ୍ତାଠାରୁ ଆରମ୍ଭ କରି ତୀବ୍ର ସମାଲୋଚନା ପର୍ଯ୍ୟନ୍ତ ଥିଲା । ଜଣେ ଉପଭୋକ୍ତା ଲେଖିଛନ୍ତି, ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ସ୍ପଷ୍ଟ ହେବାର ସମୟ ଆସିଛି । ଅନ୍ୟ ଏକ ମନ୍ତବ୍ୟ ଦେଇଛନ୍ତି, ବୋଧହୁଏ ସେ ପଡ଼ିଯିବେ ଓ ତାଙ୍କ ବେକ ଭାଙ୍ଗିଯିବ । ତୃତୀୟ ଜଣକ କହିଛନ୍ତି, ଟ୍ରମ୍ପ ବୁଢ଼ା ହେଲେଣି ଓ ତାଙ୍କ ମସ୍ତିଷ୍କ କାମ କରୁନି । ଅନ୍ୟ ଜଣେ କହିଛନ୍ତି, ତାଙ୍କର ଖରାପ ନିଷ୍ପତ୍ତିର ଭାର ତାଙ୍କୁ ଧରିବାରେ ଲାଗିଛି । ନୂତନ ଚିନ୍ତା ସତ୍ତ୍ୱେ, ଟ୍ରମ୍ପଙ୍କ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହୋଇନାହିଁ । ଟେନେସି ଯାତ୍ରା କରିବା ଓ ପରେ ୱାଶିଂଟନ ଫେରିବା ପୂର୍ବରୁ ସେ ଫ୍ଲୋରିଡାରେ ସପ୍ତାହାନ୍ତ ବିତାଇବେ ବୋଲି ଆଶା କରାଯାଉଛି ।

# ଆକ୍ରମଣ ଭୟରେ ଲୁଚିଛନ୍ତି ମୋଜତବା ଖେମିନି

ତେହେରାନ: ଫେବ୍ରୁଆରି ୨୮ ରେ ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣରେ ପିତାଙ୍କ ମୃତ୍ୟୁ ପରେ ମୋଜତବା ଖେମିନି ମାର୍ଚ୍ଚ ୯ରେ ଇରାନର ସର୍ବୋଚ୍ଚ ନେତା ହୋଇଛନ୍ତି । ତଥାପି ନୂତନ ସର୍ବୋଚ୍ଚ ନେତା ଏପର୍ଯ୍ୟନ୍ତ ସର୍ବସାଧାରଣରେ ମୁହଁ ଦେଖାଇ ନାହାନ୍ତି । ଇସ୍ରାଏଲ-ଆମେରିକା ତାଙ୍କୁ ଖୋଜି ପାଉନାହାନ୍ତି । ମାର୍ଚ୍ଚ ୧୨ରେ ତାଙ୍କର ପ୍ରଥମ ସାର୍ବଜନୀନ ବିବୃତି ଓ ମାର୍ଚ୍ଚ ୨୦ରେ ତାଙ୍କର ନୌରୋଜ୍ (ପାରସ୍ୟ ବା ଇରାନୀ ନବବର୍ଷ) ବାର୍ତ୍ତା ରାଜ୍ୟ ଗଣମାଧ୍ୟମ ଦ୍ୱାରା ପଢ଼ି ଶୁଣାଯାଇଥିଲା, ଯାହା ତାଙ୍କ ଠିକଣା ବିଷୟରେ ରହସ୍ୟକୁ ଆହୁରି ଗଭୀର କରିଥିଲା । ଇସ୍ରାଏଲ ଓ ଆମେରିକାର ସଦ୍ୟତମ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନୂତନ ସର୍ବୋଚ୍ଚ ନେତା ଜୀବିତ ଅଛନ୍ତି, କିନ୍ତୁ ଦେଶ ତାଙ୍କ ନିୟନ୍ତ୍ରଣରେ ନାହିଁ । ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍(ଆଇଆର୍ଜିସି) ଇରାନରେ ପ୍ରକୃତ କ୍ଷମତା ଉପଭୋଗ କରୁଥିବାବେଳେ ମୋଜତବା ରାଜନୈତିକ କଳ ଉପରେ ନିଜର କ୍ଷମତା ସମ୍ପୂର୍ଣ୍ଣ ଭାବରେ ପ୍ରୟୋଗ କରିବାରେ ଅସମର୍ଥ । ଏକ ଇସ୍ରାଏଲୀ ପ୍ରକାଶନ ଆମେରିକା-ଇସ୍ରାଏଲୀ ଗୁଇନ୍ଦା ସୂତ୍ରକୁ ଉଦ୍ଧୃତ କରି କହିଛି ଯେ, ଫେବ୍ରୁଆରି ୨୮ ରେ ଅଲି ଖେମିନିଙ୍କ ମୃତ୍ୟୁ ସହ ମୋଜତବା ଆହତ ହୋଇଥିଲେ ମଧ୍ୟ ସେ କାର୍ଯ୍ୟ କରିବାକୁ ଶାରୀରିକ ଭାବରେ ସକ୍ଷମ ଅଛନ୍ତି । କିନ୍ତୁ ସେ ନେତୃତ୍ୱ ନେଉଛନ୍ତି ବୋଲି ଆମ ପାଖରେ କୌଣସି ପ୍ରମାଣ ନାହିଁ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ।

ତେଲ୍ ଅଭିଭ୍ରେ ଥିବା ଇନଷ୍ଟିଚ୍ୟୁଟ୍ ଫର୍ ନ୍ୟାସନାଲ ସିକ୍ୟୁରିଟି ଷ୍ଟଡିଜ୍ର ରାଜ୍ ଜିମଟଙ୍କ ପରି ଇରାନ ବିଶେଷଜ୍ଞମାନେ କହିଛନ୍ତି ଯେ, ଚାଲିଥିବା ସୁରକ୍ଷା ପରିସ୍ଥିତି ହେତୁ ନୂତନ ସର୍ବୋଚ୍ଚ ନେତା ସର୍ବସାଧାରଣରେ ଉପସ୍ଥିତ ହେବାର ସମ୍ଭାବନା ନାହିଁ । ତାଙ୍କ ଆଘାତ ତାଙ୍କୁ ଏକ ରେକର୍ଡ ହୋଇଥିବା ଭିଡିଓ ଜାରି କରିବାକୁ ମଧ୍ୟ ଅନୁମତି ଦିଏ ନାହିଁ ଯାହାଦ୍ୱାରା ତାଙ୍କ ଅବସ୍ଥାର ଗମ୍ଭୀରତା ବିଷୟରେ ଜନସାଧାରଣ ଜାଣିପାରିବେ । ଇସ୍ରାଏଲ ଇରାନର ଶୀର୍ଷ ଅଧିକାରୀଙ୍କୁ କ୍ରମାଗତ ଭାବରେ ହତ୍ୟା କରୁଥିବାରୁ ମୋଜତବା ଲୋକଲୋଚନରୁ ଲୁଚି ରହୁଛନ୍ତି ।

# ଆସାମର ପରିଚୟ ରକ୍ଷା ପାଇଁ ଆଞ୍ଚଳିକ ଦଳ ବିଫଳ

ଗୁଆହାଟୀ: ଆସାମ ଏକ ନୂତନ ସରକାର ନିର୍ବାଚିତ କରିବାକୁ ପ୍ରସ୍ତୁତ ହେଉଥିବାବେଳେ 'ଆଞ୍ଚଳିକତା' ରାଜ୍ୟ ପାଇଁ ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି, ଯାହା ଦଶନ୍ଧି ଧରି ବାହାର ଲୋକ, ମୁଖ୍ୟତଃ ବେଆଇନ ପ୍ରବାସୀଙ୍କ ବିପଦରୁ ଏହାର ପରିଚୟ ରକ୍ଷା କରିବାକୁ ଚିନ୍ତା କରୁଛି । ଆସାମ ଗଣ ପରିଷଦ (ଏଜିପି) ସମେତ ଆଞ୍ଚଳିକ ଦଳଗୁଡ଼ିକ ଏହି ଲକ୍ଷ୍ୟ ନେଇ ଗଢ଼ା ହୋଇଥିଲା । କିନ୍ତୁ ସେମାନେ ଲକ୍ଷ୍ୟ ହାସଲରେ ବିଫଳ ହେବା ସହ ଏବେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଜାତୀୟ (ବିଜେପି ବା କଂଗ୍ରେସ) ସହ ମେଣ୍ଟ କରିବାକୁ ବାଧ୍ୟ ହେଉଛନ୍ତି ।ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପ୍ରାସଙ୍ଗିକତା ବର୍ଷ ବର୍ଷ ଧରି ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯେଉଁଥିରେ ଆସାମ ଗଣ ପରିଷଦ (ଏଜିପି) ସମେତ ସମସ୍ତ ପ୍ରମୁଖ ସଂଗଠନ ଜାତୀୟ ଦଳ ସହିତ ମେଣ୍ଟ କରିଛନ୍ତି । ସଂସ୍କୃତି, ଭାଷା ଓ ପରିଚୟର ସୁରକ୍ଷା ଆସାମବାସୀଙ୍କ ପାଇଁ ସର୍ବଦା ଚିନ୍ତାର ବିଷୟ ହୋଇଆସୁଛି । ଏହାକୁ ବିଭିନ୍ନ ରାଜନୈତିକ ବ୍ୟବସ୍ଥା ଦ୍ୱାରା ଭିନ୍ନ ଭିନ୍ନ ଢଙ୍ଗରେ ବ୍ୟବହାର କରାଯାଇଛି ବୋଲି ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ବ୍ରୋଜେନ୍ ଡେକା କହିଛନ୍ତି । ସେ କହିଛନ୍ତି ଯେ ବଙ୍ଗଳା ଭାଷାଭାଷୀ ମୁସଲମାନଙ୍କଠାରୁ ଆଦିବାସୀମାନଙ୍କ ପ୍ରତି ବିପଦକୁ ନିକଟ ଦଶନ୍ଧିରେ ସବୁଠାରୁ ପ୍ରମୁଖ ଭାବରେ ଦେଖାଯାଉଛି ଏବଂ ଏହା ଜାରି ରହିଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ସରକାର ଗଠନ କରାଯାଇଛି ।

୨୦୧୬ରେ ବିଜେପି 'ଜାତି, ମାଟି, ଭେଟି' (ସମ୍ପ୍ରଦାୟ, ଜମି, ଘର) ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲା । ୨୦୨୬ ନିର୍ବାଚନରେ ମଧ୍ୟ ରାଜ୍ୟରୁ ବେଆଇନ ବାଂଲାଦେଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଛ । ବେଆଇନ ବିଦେଶୀମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ବିତାଡ଼ିତ କରିବାର ଏହି ଆଶ୍ୱାସନା ସହିତ ୧୯୮୫ ଓ ୧୯୯୬ରେ ଏଜିପି ଦୁଇଥର ସରକାରର ନେତୃତ୍ୱ ନେଇଥିଲା, କିନ୍ତୁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲା ବୋଲି ନୌଗାଁ କଲେଜ (ବର୍ତ୍ତମାନ ନଗାଓଁ ବିଶ୍ୱବିଦ୍ୟାଳୟ)ର ଅବସରପ୍ରାପ୍ତ ପ୍ରଫେସର ନବ କୁମାର ମହାନ୍ତ କହିଛନ୍ତି । ଏବେ କିନ୍ତୁ ଏଜିପି ବିଜେପିର ଏକ ଛୋଟ ସହଯୋଗୀ ପାଲଟିଛି । ଗତ ଦୁଇଟି ବିଧାନସଭା ନିର୍ବାଚନରେ ଦଳ ମୋଟ ୧୨୬ଟି ଆସନ ମଧ୍ୟରୁ ମାତ୍ର ୨୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି ।

ମହାନ୍ତ କହିଛନ୍ତି, ବର୍ତ୍ତମାନ ଅଧିକ ଚିନ୍ତାଜନକ ବିଷୟ ହେଉଛି ଚଳିତ ବର୍ଷ ଏହାର ୨୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ମୁସଲମାନ ଓ ସେମାନଙ୍କ ମଧ୍ୟରୁ ଅନେକ ବଙ୍ଗାଳୀ ଭାଷାଭାଷୀ, ଯେଉଁ ସମ୍ପ୍ରଦାୟକୁ ଏଜିପି ପୂର୍ବରୁ ବେଆଇନ ପ୍ରବାସୀ ବୋଲି କହୁଥିଲା । ଏଜିପି ଗଠନ ହେବା ପରଠାରୁ ଏହାର ଏକ ଧର୍ମନିରପେକ୍ଷ ଦୃଷ୍ଟିକୋଣ ଥିଲା, କିନ୍ତୁ ବଙ୍ଗାଳୀ ଭାଷାଭାଷୀ ମୁସଲମାନଙ୍କଠାରୁ ଏହା ସର୍ବଦା ନିଜକୁ ଦୂରେଇ ରଖିଥିଲା । ପରେ ସବୁକିଛି ଓଲଟପାଲଟ ହୋଇଗଲା । କାରଣ କିଛି ନେତାଙ୍କ ଦ୍ୱାରା କ୍ଷମତା ହାସଲ କରିବା ପାଇଁ ତଥା ଶାସକ ମେଣ୍ଟ ପାଇଁ ଅଧିକ ସଂଖ୍ୟା ନିଶ୍ଚିତ କରିବା ଲାଗି ସମ୍ପ୍ରଦାୟକୁ ଆକର୍ଷିତ କରିବା ପାଇଁ ଏଜିପିକୁ ବ୍ୟବହାର କରାଯାଉଛି ।ଏଜିପି ଏକ ଦଶନ୍ଧିରୁ ଅଧିକ ସମୟ ଧରି ବିଜେପି ସହିତ ସହଭାଗିତା କରି ଆଞ୍ଚଳିକତାବାଦ ପ୍ରଚାର କରିବାର ମୂଳ ପରିଚୟରୁ ବିଚ୍ୟୁତ ହୋଇଛି, ଯାହା ହିନ୍ଦୁତ୍ୱ ବ୍ରାଣ୍ଡର ରାଜନୀତି ଓ ୟୁନିଫର୍ମ କୋଡ୍କୁ ପ୍ରୋତ୍ସାହିତ କରିବା ପାଇଁ ଜଣାଶୁଣା । ଏହି ଦଶନ୍ଧି ଆରମ୍ଭରେ ଆସାମର ପରିଚୟ ପାଇଁ ଲଢ଼ିବା ଲାଗି ଗଠିତ ହୋଇଥିବା ରାଇଜର ଦଳ ଓ ଆସାମ ଜାତୀୟ ପରିଷଦ ପରି ଅନ୍ୟ ଆଞ୍ଚଳିକ ଦଳ ବିରୋଧୀ କଂଗ୍ରେସ ସହିତ ମେଣ୍ଟ କରିଛନ୍ତି, ଯିଏ ମୂଳତଃ 'ଭୋଟ୍ ବ୍ୟାଙ୍କ' ପାଇଁ ରାଜ୍ୟରେ ବେଆଇନ ପ୍ରବାସୀଙ୍କୁ ସମର୍ଥନ କରୁଛି ।

# ପୋପ ଲିଓଙ୍କ ଉଦବେଗ, କହିଲେ- ମାନବତା ନିମନ୍ତେ ଏହା ଲଜ୍ଜାଜନକ

ଭାଟିକାନ ସିଟି: ପଶ୍ଚିମ ଏସିଆରେ ଜାରି ଯୁଦ୍ଧକୁ ନେଇ ପୋପ ଲିଓ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ଇରାନ ସହ ଯୁଦ୍ଧକୁ ପୋପ ପୁରା ମାନବିକତା ଲାଗି ଏହା 'ଭୁଲ ଓ ଲଜ୍ଜାଜନକ' କହି ତୁରନ୍ତ ହିଂସା ରୋକିବାକୁ ନିବେଦନ କରିଛନ୍ତି । ପୋପ ଲିଓ କହିଛନ୍ତି ଯେ ଏହି ଯୁଦ୍ଧରେ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ହେଉଛି ଓ ଅନେକ ଆହତ ହେଉଛନ୍ତି । ସେ ବିଶେଷ କରି ନିର୍ଦ୍ଦୋଷ ନାଗରିକଙ୍କ ମୃତ୍ୟୁକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ସେ ଅତ୍ୟନ୍ତ ଦୁଃଖ ଓ ଚିନ୍ତାର ବିଷୟ ବୋଲି କହିଛନ୍ତି । ପୋପ କହିଛନ୍ତି ଏତେ ଲୋକଙ୍କ ପୀଡାକୁ ଦେଖି ବିଶ୍ୱ ଚୁପ ରହିପାରିବ ନାହିଁ । ସେ କହିଛନ୍ତି ସେଠାକାର ଲୋକେ ଯେଉଁ ଯନ୍ତ୍ରଣା ଭୋଗୁଛନ୍ତି ଏହା ପୁରା ମାନବତାକୁ ଅନୁଭବ ହେବା ଆବଶ୍ୟକ । ପୋପ ଏହା ବି କହିଛନ୍ତି ଯେ ତାଙ୍କର ଚିନ୍ତା କେବଳ ପଶ୍ଚିମ ଏସିଆ ପର୍ଯ୍ୟନ୍ତ ସୀମିତ ନୁହେଁ । ବରଂ ପୁରାବିଶ୍ୱର ବିଭିନ୍ନ ଅଞ୍ଚଳରେ ଜାରି ଯୁଦ୍ଧ, ହିଂସା ଓ ସଂଘର୍ଷ କୁ ନେଇ । ଏଣୁ ସେ ବୈଶ୍ୱିକ ଶାନ୍ତି ଓ ସ୍ଥିରତା ଉପରେ ଗୁରୁତ୍ୱ ଦେଇଛନ୍ତି । ପୋପ ଲିଓ ସମସ୍ତଙ୍କୁ ଶାନ୍ତି ନିମନ୍ତେ ପ୍ରାର୍ଥନା କରିବାକୁ ନିବେଦନ କରିଛନ୍ତି ।



ସେ କହିଛନ୍ତି ଯେ ଏବେ ଯୁଦ୍ଧର ସମୟ ନୁହେଁ ଯୁଦ୍ଧକୁ ସମାପ୍ତ କରି ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ ବାହାର କରାଯାଉ । ପୋପଙ୍କ ଏହି ବୟାନ ଅନ୍ତର୍ଜାତୀୟ ସମୁଦାୟଙ୍କ ନିମନ୍ତେ ମଜଭୁତ ନୈତିକ ବାର୍ତ୍ତା । ଏହା ବିଶ୍ୱରେ ସଂଘର୍ଷ ସମାପ୍ତ କରିବାକୁ ଓ ଶାନ୍ତି ସ୍ଥାପନା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରେ ।

# ଡାର୍ଟି ବମ୍ ବ୍ୟବହାର କରିବ କି ଇରାନ?

ତେହେରାନ: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିସାରିଛି । ଇରାନ ମଧ୍ୟପ୍ରାଚ୍ୟରେ ବ୍ୟାପକ ପ୍ରତିଶୋଧ ଆରମ୍ଭ କରିଛି । କିନ୍ତୁ ଏପର୍ଯ୍ୟନ୍ତ ଏହା ସାମରିକ କ୍ଷତି ଓ ସମନ୍ୱିତ ଆକ୍ରମଣର ଚାପ ଦୃଷ୍ଟିରୁ ରଣନୀତିକ ଭାବରେ ହାରିବା ସ୍ଥିତିରେ ଥିବା ଜଣାପଡିଛି । ତଥାପି ତେହେରାନ ପାଖରେ ଆଉ ଏକ ଅସ୍ତ୍ର ଅଛି ଯାହାକୁ ଏହା ଶତ୍ରୁର ବଡ଼ କ୍ଷତି ଘଟାଇବା ପାଇଁ ବ୍ୟବହାର କରିପାରିବ । ତାହା ହେଉଛି ବ୍ୟାପକ ଅଞ୍ଚଳରେ ତେଜସ୍କ୍ରିୟ ବିକିରଣକ୍ଷମ 'ଡାର୍ଟି ବମ୍' । ମଧ୍ୟପ୍ରାଚ୍ୟରେ କ୍ରମାଗତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ସତ୍ତ୍ୱେ ତେହେରାନ ଏପର୍ଯ୍ୟନ୍ତ ୱାସିଂଟନ ଓ ଜେରୁଜେଲମରେ ବ୍ୟାପକ କ୍ଷତି କରିବାର ଇଚ୍ଛା ପୂରଣ କରିବାରେ ବିଫଳ ହୋଇଛି । ଡାର୍ଟି ବମ୍ ବ୍ୟବହାର କରି ସେ ଏହି ଲକ୍ଷ୍ୟ ପୂରଣ କରିପାରିବ । ଏହିପରି ଅସ୍ତ୍ର ତେହେରାନର କ୍ରମବର୍ଦ୍ଧିଷ୍ଣୁ କଠୋରପନ୍ଥୀ ନେତୃତ୍ୱକୁ ପୂର୍ଣ୍ଣ ଆଣବିକ ଯୁଦ୍ଧର ଆଶ୍ରୟ ନ ନେଇ ବ୍ୟାପକ କ୍ଷତି କରିବାର ଏକ ଉପାୟ ପ୍ରଦାନ କରିପାରେ । ଏକ ଡାର୍ଟି ବମ୍ ହେଉଛି ଏକ ତେଜସ୍କ୍ରିୟ ବିକିରଣ ଉପକରଣ । ଏକ ପାରମ୍ପରିକ ବୋମା ଭିତରେ ତେଜସ୍କ୍ରିୟ ପଦାର୍ଥ ଭର୍ତ୍ତି କରି ଏହା ନିର୍ମାଣ କରାଯାଏ । ଏହି ବୋମା ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳକୁ ଦୂଷିତ କରିଥାଏ । ତୁରନ୍ତ ପ୍ରଭାବ ଦୃଷ୍ଟିରୁ ଆଣବିକ ଅସ୍ତ୍ର ଅପେକ୍ଷା ଏହା ବହୁତ କମ୍ ବିନାଶକାରୀ, ଏହା କୃଷି ଜମି ଓ ଜଳ ଉତ୍ସକୁ ପ୍ରଦୂଷିତ କରି ଗୁରୁତର ଦୀର୍ଘକାଳୀନ କ୍ଷତି ଘଟାଇପାରେ ଏବଂ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ମଧ୍ୟରେ କର୍କଟ ଓ ଆକ୍ୟୁଟ୍ ରେଡିଏସନ ସିଣ୍ଡ୍ରୋମ୍ (ଏଆର୍ଏସ୍) ଭଳି ରୋଗର ଆଶଙ୍କା ବଢାଇପାରେ ।

# ୨୦୫୦ ସୁଦ୍ଧା ଅଳସୁଆ ହୋଇଯିବେ ଭାରତୀୟ !

ନୂଆଦିଲ୍ଲୀ: ବର୍ତ୍ତମାନ ଯେମିତି ଗରମ ହେଉଛି, ଆମ ପିଲାଦିନେ ତା'ଠୁ କମ୍ ଥିଲା । ପୂର୍ବରୁ ପ୍ରତ୍ୟେକ ଋତୁ ପ୍ରାୟ ୪ ମାସର ଥିଲା । କିନ୍ତୁ ବର୍ତ୍ତମାନ ୧୨ ମାସରେ ଅଧିକାଂଶ ମାସ ଗରମ ଅନୁଭୂତ ହେଉଛି । ଏହି ସ୍ଥିତିରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବେ ସିଧା ଆମ ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଉଛି । 'ଦ ଲାନ୍ସେଟ ଗ୍ଲୋବାଲ ହେଲ୍ଥ' ପତ୍ରିକାରେ ପ୍ରକାଶିତ ସଦ୍ୟ ଅଧ୍ୟୟନ ଅନୁସାରେ, ୨୦୫୦ ସୁଦ୍ଧା ତାପମାତ୍ରା ନିରନ୍ତର ବୃଦ୍ଧି ପାଇବା ଯୋଗୁ ଲୋକେ ଶାରୀରିକ ରୂପେ ସକ୍ରିୟ ରହିବେ ନାହିଁ । ଏହି ସ୍ଥିତି ଭାରତ ଭଳି ଉଷ୍ମ ଦେଶ ପାଇଁ ଆହୁରି ବିପଦପୂର୍ଣ୍ଣ ହେବ, କାରଣ ଏଠାରେ ଉତ୍ତାପର ପ୍ରଭାବ ହାରାହାରି ବିଶ୍ୱଠୁ ବହୁତ ଅଧିକ ହେବାର ଅନୁମାନ କରାଯାଉଛି । ଲାନ୍ସେଟ ରିପୋର୍ଟରେ ୧୫୬ ଦେଶର ତଥ୍ୟ ବିଶ୍ଳେଷଣ କରାଯାଇଛି ।

ଏଥିରେ କୁହାଯାଇଛି, ଯଦି କୌଣସି ମାସର ହାରାହାରି ତାପମାତ୍ରା ୨୭.୮ ଡିଗ୍ରୀ ସେଲ୍ସିୟସ୍ରୁ ଅଧିକ ହୋଇଯାଏ, ତେବେ ଲୋକଙ୍କ ଶାରୀରିକ ଗତିବିଧି ହ୍ରାସ ପାଏ । ଭାରତରେ ଏହି ସ୍ଥିତି ଆହୁରି ଗମ୍ଭୀର ହୋଇପାରେ ।ଅନୁମାନ କରାଯାଉଛି, ୨୦୫୦ ସୁଦ୍ଧା ଭାରତରେ ଶାରୀରିକ ଗତିବିଧିରେ ପ୍ରାୟ ୨ ପ୍ରତିଶତ ବୃଦ୍ଧି ହେବ । ଏହାର ଅର୍ଥ ଲୋକେ ଗରମ ଭୟରେ ବାହାରକୁ ବାହାରିବା, ବୁଲିବା କିମ୍ବା ବ୍ୟାୟାମ ଆଦି କମ୍ କରିଦେବେ । ଏହା ସିଧାସଳଖ ଜୀବନଶୈଳୀ ସହ ସଂଶ୍ଳିଷ୍ଟ ରୋଗର ବିପଦ ବଢ଼ାଇବ । ଭାରତ ଭଳି ବିକାଶଶୀଳ ଓ ଉତ୍ତପ୍ତ ଦେଶରେ ସଂସାଧନ ସୀମିତ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଉତ୍ତାପ ବୃଦ୍ଧି ଓ ଆର୍ଦ୍ରତା ଯୋଗୁ ଦିନରେ ବାହାରକୁ ବାହାରିବା ହାରାହାରି ଅସମ୍ଭବ ହେଉଛି । ଏହି ସ୍ଥିତିରେ ଯେଉଁମାନେ ସକାଳେ କିମ୍ବା ସନ୍ଧ୍ୟାରେ ପାର୍କରେ ବୁଲୁଥିଲେ, ଦୌଡୁଥିଲେ, ସାଇକେଲ ଚଲାଉଥିଲେ କିମ୍ବା ଯେକୌଣସି ଶାରୀରିକ କାର୍ଯ୍ୟକଳାପ ପାଇଁ ଘରୁ ବାହାରୁଥିଲେ, ସେମାନଙ୍କ ପାଇଁ ବିକଳ୍ପ କମିବାରେ ଲାଗିଛି ।

ସେହିପରି ସହରରେ କଂକ୍ରିଟର ବ୍ୟବହାର ବୃଦ୍ଧି ଏବଂ ଜଙ୍ଗଲ-ବୃକ୍ଷଲତା ହ୍ରାସ ସ୍ଥିତିକୁ ଆହୁରି ବଗାଡ଼ିଛି । ଯେଉଁମାନେ ଶାରୀରିକ ରୂପେ ସକ୍ରିୟ ନୁହଁନ୍ତି, ସେମାନଙ୍କୁ ଅଣ-ସଂକ୍ରମିତ ରୋଗର ଆଶଙ୍କା ଅଧିକ । ଅଧ୍ୟୟନ ଚେତାବନୀ ଦେଇଛି, ବ୍ୟାୟାମ ହ୍ରାସରୁ ହୃଦ୍ରୋଗ, ଟାଇପ୍-୨ ମଧୁମେହ, କର୍କଟ ଓ ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟା ଦ୍ରୁତ ବଢ଼ିବ । ତଥ୍ୟ ଅନୁସାରେ, ଭାରତରେ ଶାରୀରିକ ଗତିହୀନତା ଯୋଗୁ ପ୍ରତି ୧ ଲକ୍ଷ ଲୋକରେ ୧୦.୬୨ ମୃତ୍ୟୁ ଆଶଙ୍କା କରାଯାଇଛି । ଏହା କେବଳ ସ୍ୱାସ୍ଥ୍ୟ ମାମଲା ନୁହେଁ, ବରଂ ଏହା ଦ୍ୱାରା ଦେଶର ଉତ୍ପାଦକତାରେ ମଧ୍ୟ ଖୁବ୍ ହ୍ରାସ ହେବ, ଫଳରେ ବଡ଼ ଆର୍ଥିକ କ୍ଷତି ହେବ ।

# ଏପ୍ରିଲ ୧ରୁ ବଢ଼ିପାରେ ବିମାନ ଭଡ଼ା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଥମିବାର କୌଣସି ସଙ୍କେତ ଦେଖା ଯାଉନାହିଁ । ୨୩ ଦିନରେ ବି ଇରାନ-ଇସ୍ରାଏଲ ଏବଂ ଆମେରିକା ଲଢେଇ ଜାରି ରହିଛି । ଏହି ଯୁଦ୍ଧର ପ୍ରଭାବ ଏବେ ଲୋକଙ୍କ ଉପରେ ପଡିବାକୁ ଯାଉଛି । ଯଦି ଆପଣ ଆଗାମୀ ଦିନରେ ବିମାନ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କ ପକେଟ୍ ଖାଲି ହୋଇପାରେ । ଯୁଦ୍ଧ ପାଇଁ ବିମାନ ଯାତ୍ରା ମହଙ୍ଗା ହେବାକୁ ଯାଉଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନ ଭଡ଼ା ଉପରେ ଲାଗିଥିବା ଅସ୍ଥାୟୀ ସୀମାକୁ ହଟାଇବାକୁ ନିଷ୍ପତ୍ତି ନେଇଛି । ତେଲ ଦର ବୃଦ୍ଧି ପାଉଥିବା ଯୋଗୁଁ ୧ ଏପ୍ରିଲରୁ ବିମାନ ଯାତ୍ରା ମହଙ୍ଗା ହୋଇପାରେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଏଟିଏଫ ମୂଲ୍ୟ ବୃଦ୍ଧି ଏବଂ ଟିକେଟରେ ଇନ୍ଧନ ସରଚାର୍ଜ ନେଇ ସଙ୍କେତ ଦେଇଛନ୍ତି । ବିମାନ ଇନ୍ଧନ ଏକ ବିମାନ କମ୍ପାନୀର ପରିଚାଳନା ଖର୍ଚ୍ଚର ପ୍ରାୟ ୩୫ ରୁ ୪୫ ପ୍ରତିଶତ । ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୂରାଜନୈତିକ ଅସ୍ଥିରତା ଯୋଗୁଁ, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି, ଯାହା ସିଧାସଳଖ ବିମାନ ଇନ୍ଧନ ମୂଲ୍ୟକୁ ପ୍ରଭାବିତ କରୁଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି ଯେ, ଏହା ଗୋଟିଏ ବିଭାଗର ବିଷୟ ନୁହେଁ, ବରଂ ଏଥିପାଇଁ ବେସାମରିକ ବିମାନ



ଚଳାଚଳ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଏକାଠି କାମ କରିବାକୁ ପଡିବ । ହଠାତ୍ ଭଡ଼ା ବୃଦ୍ଧି ଟେନସନ୍ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ସରକାରଙ୍କ ପ୍ରାଥମିକତା । ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବର୍ଦ୍ଧିତ ଇନ୍ଧନ ମୂଲ୍ୟର ପ୍ରଭାବ ନିଶ୍ଚିତ ଭାବରେ ପଡ଼ିବ ।

ଏୟାରଲାଇନ୍ସ ପାଇଁ ଦୁଇଗୁଣା କ୍ଷତି- ଇନ୍ଧନ ମୂଲ୍ୟ ବ୍ୟତୀତ, ବିମାନ କମ୍ପାନୀଗୁଡ଼ିକ ଆଉ ଏକ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ସୁରକ୍ଷା ଚିନ୍ତା ଯୋଗୁଁ କିଛି ଉଚ୍ଚ-ବିପଦପୂର୍ଣ୍ଣ ଆକାଶପଥକୁ ଏଡାଇବା ପାଇଁ ପରାମର୍ଶ ଦିଆଯାଇଛି, ଯାହା ଫଳରେ ବିମାନଗୁଡ଼ିକୁ ଲମ୍ବା ରୁଟ୍ ନେବାକୁ ବାଧ୍ୟ ହେଉଛନ୍ତି । ଲମ୍ବା ରୁଟ୍ ଅର୍ଥ ଅଧିକ ଇନ୍ଧନ ବ୍ୟବହାର ଏବଂ ପରିଚାଳନା ଖର୍ଚ୍ଚ ବଢୁଛି । ଏହି ପରିବର୍ତ୍ତିତ ପରିସ୍ଥିତି ବିମାନ କମ୍ପାନୀର ଲାଭ ହାର ଉପରେ ଯଥେଷ୍ଟ ଚାପ ପକାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି ଯେ, ସରକାର ସୁରକ୍ଷିତ ବିମାନ ଚଳାଚଳ ସୁନିଶ୍ଚିତ କରିବା ସହିତ ସୁଗମ ବିମାନ ପରିଚାଳନା ଏବଂ ଯାତ୍ରୀ ବୋଝକୁ କମ କରିବା ପାଇଁ ପ୍ରୟାସ କରୁଛନ୍ତି । ବର୍ଦ୍ଧିତ ମୂଲ୍ୟର ମୁକାବିଲା ପାଇଁ, ଦେଶର ପ୍ରମୁଖ ବିମାନ କମ୍ପାନୀଗୁଡ଼ିକ ପୂର୍ବରୁ ଇନ୍ଧନ ସରଚାର୍ଜ ଲାଗୁ କରି ସାରିଛନ୍ତି ।

# ପଶ୍ଚିମ ଏସିଆକୁ ଏୟାର ଇଣ୍ଡିଆର ୨୫୦୦ ଉଡ଼ାଣ ବାତିଲ

ନୂଆଦିଲ୍ଲୀ: ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ଏୟାର ଇଣ୍ଡିଆ ପକ୍ଷରୁ ଗତ ତିନି ସପ୍ତାହରେ ପଶ୍ଚିମ ଏସିଆକୁ ୨୫୦୦ ବିମାନର ଉଡ଼ାଣ ବାତିଲ କରାଯାଇଛି । ଇରାନ ସଙ୍କଟ ପାଇଁ କମ୍ପାନି ଏବେ ନିଜ କ୍ଷମତାର ୩୦ ପ୍ରତିଶତ ଉପଯୋଗ କରିପାରୁଥିବା ସିଇଓ କ୍ୟାମ୍ପବେଲ ୱିଲସନ କହିଛନ୍ତି । କର୍ମଚାରୀମାନଙ୍କୁ ସେ ଜଣାଇଛନ୍ତି ଯେ ଯୁଦ୍ଧ ପ୍ରଭାବରେ ପଶ୍ଚିମ ଏସିଆର ବିଭିନ୍ନ ବିମାନବନ୍ଦର ଓ ଆକାଶ ମାର୍ଗ ବନ୍ଦ ରହୁଥିବାରୁ କମ୍ପାନିକୁ ଉଡ଼ାଣ ବାତିଲ କରିବାକୁ ପଡୁଛି । ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡୁଛି । ମଧ୍ୟପ୍ରାଚ୍ୟ ସଙ୍କଟ ପରଠାରୁ ଏହି ସମସ୍ୟା ଆରମ୍ଭ ହୋଇଛି । ବିମାନ ଇନ୍ଧନ ଦର ଦ୍ୱିଗୁଣିତ ହୋଇଥିବାରୁ ବିମାନ ଶିଳ୍ପ ଉପରେ ତାହାର ଆର୍ଥିକ ପ୍ରଭାବ ମଧ୍ୟ ପଡୁଛି । ତାହା ଆସନ୍ତା ମାସଠାରୁ କମ୍ପାନିକୁ ପ୍ରକୃତରେ ପ୍ରଭାବିତ କରିବା ଆରମ୍ଭ କରିବ ବୋଲି ସେ କହିଛନ୍ତି । ବର୍ଦ୍ଧିତ ଖର୍ଚ୍ଚର କିଛି ଅଂଶ ଭରଣା କରିବାକୁ କମ୍ପାନି ଇନ୍ଧନ ସରଚାର୍ଜ ଲଗାଇଛି ।ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଆକାଶମାର୍ଗକୁ ବନ୍ଦ ରଖିଥିବାରୁ ଭାରତରୁ ବ୍ରିଟେନ, ୟୁରୋପ ଓ ଉତ୍ତର ଆମେରିକା ଯାଉଥିବା ବିମାନଗୁଡ଼ିକୁ ଲମ୍ବା ଯାତ୍ରା କରିବାକୁ ପଡୁଥିଲା । ଇରାନ ସଙ୍କଟ ପରେ ସେହି ବିମାନଗୁଡ଼ିକର ଯାତ୍ରା ଆହୁରି ଲମ୍ବା ହୋଇଛି । ବିମାନ ଟିକଟ ମୂଲ୍ୟ ବଢ଼ିବା ପରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଛି । ସବୁ ଯାତ୍ରୀ ବର୍ଦ୍ଧିତ ଭଡ଼ା ଦେବାକୁ ଚାହୁନଥିବା ୱିଲସନ କହିଛନ୍ତି । ତେବେ ୟୁରୋପ ଓ ଉତ୍ତର ଆମେରିକାରେ ଚାହିଦା ଭଲ ଥିବାରୁ କମ୍ପାନି ସେଠାରେ ଅଧିକ ବିମାନ ମୁତୟନ କରିଛି ।

# ବିଦେଶୀ ନିବେଶକ ପ୍ରତ୍ୟାହାର କଲେ ୮୧,୮୧୦ କୋଟି

ମୁମ୍ବାଇ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିଦେଶୀ ନିବେଶକମାନେ ଚଳିତ ମାସରେ ଏପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟି ବଜାରରୁ ୮୮,୧୮୦ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଏନଏସଡିଏଲ୍ ତଥ୍ୟ ଅନୁଯାୟୀ ଫେବ୍ରୁଆରିରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ ଯାହା ୧୭ ମାସ ମଧ୍ୟରେ ସର୍ବାଧିକ ମାସିକ ପୁଞ୍ଜି ନିବେଶ ଥିଲା ।ସଦ୍ୟତମ ପ୍ରତ୍ୟାହାର ସହିତ ୨୦୨୬ରେ ଏପର୍ଯ୍ୟନ୍ତ ସେମାନେ ପ୍ରତ୍ୟାହାର କରିଥିବା ରାଶି ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଚଳିତ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ପ୍ରତ୍ୟେକ କାରବାର ଦିବସରେ ନିଟ୍ ବିକ୍ରେତା ରହିଛ ୮୧,୧୮୦ କୋଟି ଟଙ୍କାର ଇକ୍ୱିଟି ପ୍ରତ୍ୟାହାର କରିଛନ୍ତି । ୨୦୧୪ ଅକ୍ଟୋବରରେ ଗୋଟିଏ ମାସରେ ସେମାନେ ରେକର୍ଡ ମାସିକ ୯୪,୦୧୭ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ । ବିଶ୍ୱସ୍ତରୀୟ ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତି ଓ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି ପାଇଁ ବିଦେଶୀ ନିବେଶକମାନେ ଲଗାତାର ସେୟାର ବିକ୍ରି କରୁଛନ୍ତି । ଏଞ୍ଜେଲ ୱାନର ବରିଷ୍ଠ ବିଶ୍ଳେଷକ ଭାକରଜାବେଦ ଖାନ କହିଛନ୍ତି ଯେ ପଶ୍ଚିମ ଏସିଆ ଉତ୍ତେଜନା ବୃଦ୍ଧି ହେଉଛି ମୁଖ୍ୟ କାରଣ । ଦୀର୍ଘକାଳୀନ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ସମ୍ଭାବ୍ୟ ବାଧା ସୃଷ୍ଟି ହେବାର ଆଶଙ୍କା ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ୧୦୦ ଡଲାର ଉପରେ ପହଞ୍ଚାଇ ଦେଇଛି । ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୨ ଟଙ୍କା ପାଖାପାଖି ପହଞ୍ଚିବା, ଆମେରିକୀୟ ବଣ୍ଡ ୟିଲଡ ବୃଦ୍ଧି, ଫେବ୍ରୁଆରି ପ୍ରବାହ ପରେ ଲାଭ ବୁକିଂ ଓ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ମାର୍ଜିନ୍ ଚାପ ଯୋଗୁଁ ଏହି ବିକ୍ରି ଧାରା ଆହୁରି ତୀବ୍ର ହୋଇଛି ।ଜିଓଜିତ ଇନଭେଷ୍ଟମେଣ୍ଟର ମୁଖ୍ୟ ନିବେଶ ରଣନୀତିଜ୍ଞ ଭିକେ ବିଜୟକୁମାର କହିଛନ୍ତି ଯେ ପଶ୍ଚିମ ଏସିଆରେ ଦ୍ୱନ୍ଦ୍ୱ ଏଫପିଆଇ ବିକ୍ରୟକୁ ତୀବ୍ର କରିଛି । ଆର୍ଥିକ ସେବାଗୁଡ଼ିକ ବିକ୍ରୟର ପ୍ରଭାବ ବହନ କରିଛନ୍ତି । ମାର୍ଚ୍ଚ ୧୫ ତାରିଖରେ ଶେଷ ହୋଇଥିବା ଦୁଇ ସପ୍ତାହ ମଧ୍ୟରେ ବିଦେଶୀ ନିବେଶକମାନେ ୩୧,୮୩୧ କୋଟି ଟଙ୍କାର ସେୟାର ପ୍ରତ୍ୟାହାର କରିଛନ୍ତି ।

# ଭାରତରେ ପହଞ୍ଚିଲା ଋଷୀୟ ଜାହାଜ ଆକ୍ୱା ଟାଇଟନ

ନୂଆଦିଲ୍ଲୀ: ଚୀନରୁ ଫେରିଥିବା ଋଷୀୟ ଅଶୋଧିତ ତୈଳ ବୋଝେଇ ଜାହାଜ ଆକ୍ୱା ଟାଇଟାନ୍ ଭାରତର ମଙ୍ଗାଲୁରୁ ପୋର୍ଟରେ ପହଞ୍ଚିଛି । ଏହି ଜାହାଜ ପ୍ରଥମେ ଚୀନ ଯାଉଥିଲା । ହେଲେ ହଠାତ୍ ଗତିପଥ ପରିବର୍ତ୍ତନ କରି ଏହା ଭାରତ ଆଡ଼କୁ ଆସିଥିଲା । ଚୀନରୁ ଭାରତ ଅଭିମୁଖେ ଆସୁଥିବା ଋଷର ୭ଟି ଅଶୋଧିତ ବୋଝେଇ ଜାହାଜ ମଧ୍ୟରୁ ଆକ୍ୱା ଟାଇଟନ ପ୍ରଥମ ଜାହାଜ ଭାବେ ଭାରତରେ ପହଞ୍ଚିଛି । ଜାନୁଆରୀ ଶେଷ ଭାଗରେ ବାଲଟିକ୍ ସମୁଦ୍ର ବନ୍ଦରରେ ଏହି ଟ୍ୟାଙ୍କରରେ ଅଶୋଧିତ ତୈଳ ଲୋଡ୍ କରାଯାଇଥିଲା । ତେଲ ଲୋଡ୍ ହେବା ପରେ ପ୍ରଥମେ ଚୀନ୍ ବନ୍ଦର ରିଜାଓ ଅଭିମୁଖେ




ଯାଉଥିଲା । ହେଲେ ଫସି ରହିଥିବା ଋଷ ତେଲ କିଣିବା ପାଇଁ ଭାରତକୁ ଆମେରିକା ପକ୍ଷରୁ ଅସ୍ଥାୟୀ ଭାବେ ଛାଡ଼ ମିଳିବାର କିଛି ଦିନ ପରେ, କିଛି ଦିନ ତଳେ ଏହି ଜାହାଜ ଚୀନ ଠାରୁ ୟୁ-ଟର୍ଣ୍ଣ ନେଇ ଭାରତ ଆଡ଼କୁ ମୁହାଁଇ ଥିଲା । ୧୮ ମାର୍ଚ୍ଚରେ ବ୍ଲୁମବର୍ଗ କରିଥିବା ରିପୋର୍ଟ ଅନୁସାରେ, ୭ଟି ଅଶୋଧିତ ତୈଳ ବୋଝେଇ ରୁଷିଆନ ଟ୍ୟାଙ୍କର ଚୀନ ଠାରୁ ଭାରତ ଅଭିମୁଖେ ଆସୁଛନ୍ତି । ଏହି ୭ ମଧ୍ୟରୁ ଗୋଟିଏ ଆଜି ପହଞ୍ଚି ସାରିଛି । ଆଉ ୬ ଜାହାଜ ଖୁବ୍ଶୀଘ୍ର ପହଞ୍ଚିପାରେ । ଇରାନ ଯୁଦ୍ଧ ଯୋଗୁ ହର୍ମୁଜ୍ ଜଳପଥ ବନ୍ଦ ହେବା ମଧ୍ୟରେ ଭାରତ ଏହାର ଶକ୍ତି ଯୋଗାଣ ସୁରକ୍ଷିତ ରଖିବା ପାଇଁ ଏହି ପ୍ରୟାସ କରିଛି ।

ଏଥିପାଇଁ ଋଷୀୟ ତୈଳ ବୋଝେଇ ଟ୍ୟାଙ୍କର ଭାରତ ଆସୁଛନ୍ତି । ଆଉ ଏକ ଟ୍ୟାଙ୍କର୍, ସୁଏଜମାକ୍ସ ଜୁଜୋ ଏନ, ମାର୍ଚ୍ଚ ୨୫ ତାରିଖରେ ଗୁଜରାଟର ସିକ୍କା ବନ୍ଦରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏହି ଜାହାଜଟି ମାର୍ଚ୍ଚ ଆରମ୍ଭରୁ ଏହାର ଗତିପଥ ଭାରତ ଆଡ଼କୁ ବଦଳାଇଥିଲା ବୋଲି ବ୍ଲୁମବର୍ଗ ରିପୋର୍ଟ କରିଥିଲା । ସେହିପରି ରୋଷେଇ ଇନ୍ଧନ ସଙ୍କଟକୁ ଦୂର କରିବା ପାଇଁ ମଧ୍ୟ ଭାରତ ପ୍ରୟାସ ଜାରି ରଖିଛି । ରବିବାର ଆମେରିକାରୁ ଏଲ୍ପିଜି ବୋଝେଇ ଜାହାଜ ଭାରତରେ ଆସି ପହଞ୍ଚିଛି । ଆମେରିକାର ଟେକ୍ସାସରୁ ଯାତ୍ରା କରୁଥିବା ମାଲବାହୀ ଜାହାଜ ପାଇକ୍ସିସ୍ ପାୟୋନିୟର ରବିବାର ନ୍ୟୁମାଙ୍ଗାଲୁରୁ ବନ୍ଦରରେ ଲାଗିଛି । ବନ୍ଦରରେ ବର୍ତ୍ତମାନ ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ ଏବଂ ଅନଲୋଡିଂ ପ୍ରକ୍ରିୟା ଜାରି ରହିଛି ।

